# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଅକ୍ଟୋବର ୯/୨୦୧୮ (୨୦ ପୃଷ୍ଠା) Balasore, Tuesday, October 9/ 2018 ★★★★

୪୪ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-








APPARELS I EYEWEAR I FOOTWEAR I INNERWEAR I TIMEWEAR I TRAVEL GEAR I PERSONAL CARE I ACCESSORIES

K-LOUNGE : **NEWLY OPENED: CUTTACK:** In front of OTM Showroom, Buxi Bazar. Ph.: 06712522482/ 9937168512.

**AVAILABLE AT: KILLER (EXCLUSIVE STORES), ANGUL:** Shanti Bazar. Ph.: 09437074551. **BHUBANESWAR:** J/7, Pal Heights Mall, Jayadev Vihar. Ph.: 9853010772. | Shop No. 20-21, Basement Area, BMC Keshri Mall, Market Building. Ph.: 2534527/ 9937966413/9438604527. **CUTTACK:** Holding No. 330, Ward No. 20, Ranihat, Ph.: 7205022212. **JAJPUR:** Bank Street Jajpur Road, Jajpur. Ph.: 06726-220744/9437022159.

K-LOUNGE : **BALASORE:** Near Chidia Polo, Vivekanand Marg. Ph.: 261865. **ANGUL:** Bazar Chowk, In front of Kolkata Bazar, Angul. Ph.: 9861060947. **BHADRAK:** Salandi By-Pass. Ph.: 9437691991. **BHUBANESWAR:** Shop No. 5, Ground Floor, Forum Mart. Ph.: 6542085. **DHENKANAL:** Meena Bazar, Dhenkanal. Ph.: 8984343745. **JATANI:** Main Road, Near SBI, Dist. Khurda. Ph.: 9437091779. **KEONJHAR:** Sky Market, Gandhi Chowk, NH-6. Ph.: 254014/9853048495. **NAYAGARH:** Main Road, Near Bus Stand. Ph.: 09853130307/09437299059. **PHULBANI:** Laxmi Market. Ph.: 09853130307/09437299059. **ROURKELA:** Near Hariyana Bhawan, Main Raod. Ph.: 9437045135. | Panposh Road, Near Amrit Ganga. Ph.: 2400180. **SUNDARGARH:** Mission Road, In front of RCMS. Ph.: 9437085557. **TALCHER:** Hatotota. Ph.: 09437061950. **UMERKOTE:** Near SBI, Opp. Dharamsala. Ph.: 9556688099/9556688686. **& ALL LEADING RETAILERS.**

**FOR TRADE ENQUIRIES:** GRC Garments, Cuttack. Ph.: 09937726575/09937020201. **FOR FRANCHISEE & INSTITUTIONAL ENQUIRIES, CALL:** 09820805602/09820155337/09619229211/09937004020/09820099499/ 022-26814400. **MASTER FRANCHISEE, CALL:** GRC Garment Pvt. Ltd. Ph.: 09437147741. **OR EMAIL:** franchisee@kewalkiran.com | www.killerjeans.com | **Follow Us On:**

**ONLINE STORES:** K-LOUNGE.COM snapdeal Flipkart amazon.in JABONG Myntra SHOPCLUES Paytm AJIO.com TATA CLiQ LIMEROAD ebay voonik.com

A LIFESTYLE BRAND FROM KKCL KEWAL KIRAN CLOTHING LIMITED

makani

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ଅକ୍ଟୋବର ୯/୨୦୧୮ | Balasore, Tuesday, October 9/ 2018 | ପୃଷ୍ଠା-୧



## ଜୁନିୟର ଏସିଆ କପ୍ ଖେଳି ଫେରିଲେ ରାଜେଶ

ବାଂଲାଦେଶରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଖେଳିବାର ଅନୁଭୂତି ଅନନ୍ୟ ବୋଲି କହିଛନ୍ତି ଓଡ଼ିଶାର ରାଜେଶ ମହାନ୍ତି।

୧୭

୧୨

## ଦିଲୀପ କୁମାର ଚିକିତ୍ସାଧୀନ

ବିଶିଷ୍ଟ ବଲିଉଡ୍ ଅଭିନେତା ଦିଲୀପ କୁମାର(୯୫) ନିମୋନିଆରେ ପୀଡ଼ିତ ଥାଇ ମୁମ୍ବାଇସ୍ଥିତ ଲୀଳାବତୀ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି।



## ପାକ୍‌କୁ ବ୍ରହ୍ମୋସ୍ ତଥ୍ୟ ଲିକ୍ କଲେ ବୈଜ୍ଞାନିକ

ନୂଆଦିଲ୍ଲୀ, ୮।୧୦

ଭାରତୀୟ ସୁରକ୍ଷାବଳକୁ ଲାଗିଛି ଶକ୍ତ ଝଟକା। ଗୁପ୍ତଚରଗିରି କରୁଥିବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆର୍‌ଡିଓ)ର ଜଣେ କର୍ମଚାରୀ ଧରାପଡ଼ିଛନ୍ତି। ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସମ୍ପର୍କିତ ସବିଶେଷ ତଥ୍ୟ ଲିକ୍ କରି ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଓ ଆମେରିକାକୁ ସେ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

(ସମ୍ପୂର୍ଣ୍ଣ ରିପୋର୍ଟ ପୃଷ୍ଠା-୧୨)

### ଆଜିର ସମ୍ପାଦକୀୟ

## ପୋଲିସ ହେଲା ଚୋର

### ଆଜିର ମନ୍ତବ୍ୟ

"ସାମ୍ପ୍ରଦାୟିକ ଧ୍ରୁବୀକରଣ ଘୃଣା, ହିଂସା ଓ ଆତଙ୍କବାଦର ବାତାବରଣ ସୃଷ୍ଟି କରୁଛି।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

NECC NATIONAL EGG CO-ORDINATION COMMITTEE 08.10.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers

# ଆସୁଛି ସାମୁଦ୍ରିକ ଝଡ଼

ଭୁବନେଶ୍ୱର,୮।୧୦(ବ୍ୟୁରୋ)

- ପବନର ବେଗ ୯୦ରୁ ୧୦୦କି.ମି.
- ୧୧ରେ ଗୋପାଳପୁର ଅତିକ୍ରମ କରିବ
- ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- କର୍ମଚାରୀଙ୍କ ଛୁଟି ବାତିଲ
- ସବୁ ବନ୍ଦରରେ ୩ ନମ୍ବର ବିପଦସଙ୍କେତ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା




୪ ବର୍ଷ ପରେ ପୁଣି ଏକ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହେବାକୁ ଯାଉଛି ଓଡ଼ିଶା। ଦକ୍ଷିଣ ପଶ୍ଚିମ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଉଗ୍ରରୂପ ଧାରଣକରି ଭୟଙ୍କର ବାତ୍ୟାରେ ପରିଣତ ହେବାକୁ ଯାଉଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ଦକ୍ଷିଣ-ପୂର୍ବ ଦିଗ ଗୋପାଳପୁରଠାରୁ ୭୦୦ କିଲୋମିଟର ଏବଂ ମଛଲିପଟନମ୍‌ର ଦକ୍ଷିଣ ପୂର୍ବ ଦିଗର ୬୯୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗ ଦେଇ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଆଡକୁ ମୁହାଁଇଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ ଓଡ଼ିଶାର ଗୋପାଳପୁର ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ବେଳେ ପବନର ବେଗ ଘଣ୍ଟା ପ୍ରତି ୮୦ରୁ ୯୦ କିଲୋମିଟର ଓ ବେଳେ ବେଳେ ୧୦୦ କିଲୋମିଟର ବେଗରେ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ୯ ତାରିଖ ରାତିରୁ ଉପକୂଳରେ ବର୍ଷା ଆରମ୍ଭ ହୋଇଯିବ। ଗଞ୍ଜାମ, ଗଜପତି, ପୁରୀ ଓ ଜଗତ୍‌ସିଂହପୁର ଜଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରେ ଗଜପତି, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଖୋର୍ଦ୍ଧା, ନୟାଗଡ଼, କଟକ, ଭଦ୍ରକ, ଯାଜପୁର ଏବଂ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ୧୧ ତାରିଖରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁରରୁ, ଚାନ୍ଦବାଲି, ଧାମରାରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ସାମୁଦ୍ରିକ ଝଡ଼ ଆସୁଥିବାରୁ ମାଛ ମାରିବାକୁ ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ୧୨ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ସତର୍କ କରାଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦେଖି ରାଜ୍ୟ ପ୍ରଶାସନ ମଧ୍ୟ ସତର୍କ ହୋଇଯାଇଛି। ବାତ୍ୟା ମୁକାବିଲା ପାଇଁ ସତର୍କ ରହିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସମସ୍ତ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ବାତ୍ୟା ବିପଦ ଦୂର ନ ହେବା ଯାଏ କୌଣସି କର୍ମଚାରୀ ଛୁଟିରେ ରହିପାରିବେ ନାହିଁ। ଅଧିକାରୀମାନେ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହି ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ଦେବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଡେପୁଟି ରିଲିଫ କମିଶନର ପ୍ରଭାତ ମହାପାତ୍ର କହିଛନ୍ତି ମଙ୍ଗଳବାର ସୁଦ୍ଧା ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ନେଇ ସମ୍ପୂର୍ଣ୍ଣ ସୂଚନା ପାଣିପାଗ ବିଭାଗ ଜାରି କରିବ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେରଖି ସତର୍କତା ମୂଳକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଛୁଟି ମଧ୍ୟ ବାତିଲ କରାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୩ ଅକ୍ଟୋବର ୧୨ ତାରିଖରେ ଫାଇଲିନ ସାମୁଦ୍ରିକ ଝଡ଼ ଯୋଗୁ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ୨୦୧୪ ଅକ୍ଟୋବର ୧୨ ତାରିଖରେ ବାତ୍ୟା ହୁଡ୍‌ହୁଡ୍ ଯୋଗୁ ଦକ୍ଷିଣ ଓଡ଼ିଶାର ଅନେକ ଜିଲା ପ୍ରଭାବିତ ହୋଇଥିଲା। ୪ ବର୍ଷ ପରେ ପୁଣି ଓଡ଼ିଶା ଉପକୂଳକୁ ବାତ୍ୟା ଭୟ ଘାରିଛି। ସମ୍ଭାବ୍ୟ ବାତ୍ୟା ଯଦି ଉଗ୍ରରୂପ ଧାରଣ କରିବ ତେବେ ଉପକୂଳରେ ପୁଣି ପ୍ରଳୟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ୩ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ବସ୍ତା, ୮।୧୦(ସ୍ୱ.ପ୍ର.)

ବାଲେଶ୍ୱର ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ସୋମବାର ସିଂଲା ଥାନା ଅନ୍ତର୍ଗତ ଆମ୍ବକୁଡୁଚି ଗ୍ରାମରେ ଚଢାଉ କରି ରବୀନ୍ଦ୍ର ରାୟ ନାମକ ବ୍ୟକ୍ତିଙ୍କଠାରୁ ୩୦ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ବିଭାଗରେ ଏକ ମାମଲା (ନଂ.୯୮/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଜିଲା ଅବକାରୀ ବିଭାଗୀୟ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ପରାମର୍ଶକ୍ରମେ ମୋବାଇଲ୍ ସ୍କ୍ୱାର୍ଡ ଇନ୍ସପେକ୍ଟର କରୁଣାଶଙ୍କର ତିୱାରୀଙ୍କ ତତ୍ତ୍ୱାବଧାନରେ ଚଢାଉ କରାଯାଇଥିଲା। ଚଢାଉ ଟିମ୍‌ରେ ସବ୍ ଇନ୍ସପେକ୍ଟର କେଶବ କୁମାର ଦାସ, ଅବକାରୀ କର୍ମଚାରୀ ରାଜୀବ ଭଞ୍ଜ, ଚନ୍ଦ୍ରମୋହନ ସେଠୀ, ଅଞ୍ଜନ ଜେନା, ଭାସ୍କର ବେହେରା ପ୍ରମୁଖ ସାମିଲ ଥିଲେ।

## ନରଧୋସ୍, ରୋମରଙ୍କୁ ଅର୍ଥଶାସ୍ତ୍ରରେ ନୋବେଲ

ଷ୍ଟକ୍‌ହୋମ୍,୮।୧୦



ଆମେରିକାର ଦୁଇ ଅର୍ଥନୀତିଜ୍ଞ ୱିଲିୟମ ଡି. ନରଧୋସ୍ ଏବଂ ପଲ୍ ଏମ୍. ରୋମର ଚଳିତ ବର୍ଷ ଲାଗି ମିଳିତ ଭାବେ ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ପାଇବେ। ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ସୋମବାର ଏ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି ଯେ, ୟେଲ ୟୁନିଭର୍ସିଟିର ପ୍ରଫେସର ନରଧୋସ ପ୍ରଥମ ବ୍ୟକ୍ତି ଭାବେ ଜଳବାୟୁ ଯୋଗୁ ଅର୍ଥନୀତିରେ ପଡିବାକୁ ଥିବା ପ୍ରଭାବ ସମ୍ପର୍କରେ ଏକ ମଡେଲ ତିଆରି କରିଛନ୍ତି। ସେହିପରି ଆର୍ଥିକ ଶକ୍ତି କିପରି କମ୍ପାନୀଙ୍କୁ ନୂଆ ଆଇଡିଆ ଏବଂ ଟେକ୍‌ନିକ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ ତାହା ନ୍ୟୁୟର୍କ ୟୁନିଭର୍ସିଟିଜ ଷ୍ଟର୍ନ ସ୍କୁଲ ଅଫ୍ ବିଜନେସର ପ୍ରଫେସର ରୋମର ତାଙ୍କ ଗବେଷଣାରେ ଦର୍ଶାଇଛନ୍ତି। ଏକାଡେମୀ ପକ୍ଷରୁ କୁହାଯାଇଛି ଯେ, ଏହି ଦୁଇ ଅର୍ଥନୀତିଜ୍ଞଙ୍କ ଗବେଷଣା ଆର୍ଥିକ ବିଶ୍ଲେଷଣକୁ ସୁଦୃଢ଼ କରିଛି। ପ୍ରକୃତି ଏବଂ ବଜାର ଅର୍ଥବ୍ୟବସ୍ଥାର

☞ ପୃଷ୍ଠା-୨




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Phone No.: 011 - 46044100. For further information, contact the nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Offer valid from 10th to 19th Oct'18. Offer valid only in Odisha. #Terms & conditions apply. ##Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia | HeroMotoCorpLimited | heromotocorp.com | @HeroMotoCorp | TheHeroMotoCorp

Hero GoodLife | Hero MILEAGE | Paytm mall ₹5000/- ର ଲାଭ | HeroFinCorp. | କମ ଡାଉନ ପେମେଣ୍ଟ ₹4999/-

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହିରୋ - 7799766422. ଭାରତ ହିରୋ - 7799766378. ଡିଡି ହିରୋ - 7799566329. ବାଲେଶ୍ୱର: ନୀଲମ ହିରୋ - 7799766393. ବାରିପଦା : ଆଦିତ୍ୟ ହିରୋ - 7799766370. ଭଦ୍ରକ : ସଞ୍ଜୀବ ହିରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହିରୋ - 7799766362. କଟକ: ଜେଏମଜି ହିରୋ - 7799766366. ଏସେନ ହିରୋ - 7799766425. ସନୀ ହିରୋ - 7799766401. ଜଗତସିଂହପୁର: ତ୍ରିଶୂଳ ହିରୋ - 7799766383. ଯାଜପୁର ରୋଡ: ସୌମିକ ହିରୋ - 7799766410. ଜଳେଶ୍ୱର: ସାଇ ହିରୋ - 7799766407. ଜଟଣୀ: ବିଶାଳ ହିରୋ - 7799766398. କେନ୍ଦୁଝର: ସୁପ୍ରିମ ହିରୋ - 7799766360. ନୟାଗଡ଼: ଭଗବତୀ ହିରୋ - 7799766417. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571. ହିରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.




# ଶାନ୍ତି ବଜାୟ ରଖିବାକୁ ଗଜପତିଙ୍କ ଆହ୍ୱାନ

ପୁରୀ ଅଫିସ, ୮।୧୦



ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ହିଂସା ଘଟଣାକୁ ଏକ ଦୁଃଖଦ ଓ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗଣମାଧ୍ୟମକୁ ସୂଚନା ଦେଇ ଗଜପତି କହିଛନ୍ତି, ସରକାର ଏହି ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ତାଙ୍କର ଆଶା। ବାସ୍ତବରେ ଯିଏ ଦୋଷୀ, ତାହାର ଉପଯୁକ୍ତ ତଦନ୍ତ ହୋଇ ଦଣ୍ଡବିଧାନ କରାଯାଉ। ଏହି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। ଏଥିସହ ସମସ୍ତଙ୍କୁ ଶାନ୍ତି ବଜାୟ ରଖିବାକୁ ଗଜପତି ଆହ୍ୱାନ ଦେଇଛନ୍ତି।




# ବିମାନବନ୍ଦରରୁ ୧୭୦ ଗ୍ରାମ ସୁନା ଜବତ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

- ମଳଦ୍ୱାରରେ ରହିଥିଲା ୨ ସୁନା ଖଣ୍ଡ
- ଯାତ୍ରୀ ଜଣକ ମାଲେସିଆରୁ ଆସିଥିଲେ
- ଖସି ଯାଉଛନ୍ତି ମହିଳା ଯାତ୍ରୀ

ବାରମ୍ବାର ଚଢ଼ାଉ ସତ୍ତ୍ୱେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଦେଇ ଓଡ଼ିଶାକୁ ଚୋରା ସୁନା ଚାଲାଣ ର୍‍ୟାକେଟ ସକ୍ରିୟ ରହିଛି। ସୋମବାର ଆଉଜଣଙ୍କୁ ଧରିଛି କଷ୍ଟମ ବିଭାଗ। ତାଙ୍କଠାରୁ ୧୭୦ ଗ୍ରାମ୍ ଓଜନର ସୁନା ଜବତ କରାଯାଇଛି। ଉକ୍ତ ସୁନାକୁ ସେ ଦୁଇ ଖଣ୍ଡ କରି ମଳଦ୍ୱାରରେ ରଖିଥିଲେ। ଜବତ ସୁନାର ବଜାର ମୂଲ୍ୟ ୫ଲକ୍ଷ ୫୦ହଜାର ଟଙ୍କା ହେବ। ଧରାପଡିଥିବା ବ୍ୟକ୍ତିଙ୍କ ଘର ତାମିଲନାଡୁର ରାମନାଥପୁରମ୍ ଅଞ୍ଚଳରେ। ସେ ମାଲେସିଆର ରାଜଧାନୀ କୁଆଲାଲମ୍ପୁରରୁ ଏୟାର ଏସିଆ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ସକାଳୁ ଯାତ୍ରୀ ଜଣକ ବିମାନ ବନ୍ଦର ବାହାରକୁ ବାହାରୁଥିବାବେଳେ ତାଙ୍କ ଗତିବିଧି ଓ ହାବଭାବରୁ ସେଠାରେ ଉପସ୍ଥିତ କଷ୍ଟମ ବିଭାଗ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ତାଙ୍କୁ ଅଟକାଇ ବ୍ୟାଗ୍ ଓ ଅନ୍ୟ ସାମଗ୍ରୀ ଯାଞ୍ଚ କରିଥିଲେ ମଧ୍ୟ କିଛି ମିଳି ନ ଥିଲା। ଶେଷରେ ତାଙ୍କୁ ବାଥ୍‌ରୁମ୍‌କୁ ନେଇ ଶରୀରକୁ ଯାଞ୍ଚ କରାଯିବା ପରେ ମଳଦ୍ୱାରରୁ ସୁନା ମିଳିଥିଲା। ଏହି ସୁନା ସେ କୁଆଲାଲମ୍ପୁରରୁ ଆଣିଥିବା କହୁଥିଲେ ମଧ୍ୟ କେଉଁ ସ୍ଥାନକୁ ଚାଲାଣ କରୁଥିଲେ ଓ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ କିଛି ବି ମୁହଁ ଖୋଲି ନ ଥିଲେ। କଷ୍ଟମ ବିଭାଗର ଅଧିକାରୀମାନେ ତାଙ୍କୁ ଅଟକ ଅଖି ଅଧିକ ପଚରାଉଚରା ଜାରି ରଖିଛନ୍ତି।

ସୂଚନାଯୋଗ୍ୟ, ଚୋରା ଚାଲାଣବେଳେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଇତିମଧ୍ୟରେ ପ୍ରାୟ ୧୦ କେଜିରୁ ଊର୍ଦ୍ଧ୍ୱ ସୁନା ଜବତ ହେଲାଣି। ଏଥିରେ ସମ୍ପୃକ୍ତ ୧୫ ଜଣଙ୍କୁ କଷ୍ଟମ ବିଭାଗର ଅଧିକାରୀମାନେ ଧରିଲେଣି। ବିଭାଗ ପକ୍ଷରୁ ଏପରି ବାରମ୍ବାର ଚଢ଼ାଉ କରାଯାଇ ସୁନା ଜବତ ହେଉଥିଲେ ମଧ୍ୟ ଚୋରା ଚାଲାଣ ଜାରି ରହିଛି। ତେବେ ବଡ଼ କଥା ହେଉଛି ଏହି କାରବାରରେ ମହିଳାମାନେ ସାମିଲ୍ ରହିଥିଲେ ମଧ୍ୟ କେବଳ ପୁରୁଷମାନେ ଧରାପଡୁଛନ୍ତି। କାରଣ ମହିଳା ଯାତ୍ରୀମାନଙ୍କୁ କଷ୍ଟମ ବିଭାଗର ଅଧିକାରୀମାନେ ଯାଞ୍ଚ କରୁନାହାନ୍ତି। ଫଳରେ ଚୋରା ସୁନା ଚାଲାଣରେ ସମ୍ପୃକ୍ତ ମହିଳାମାନେ ଖସି ଯାଉଛନ୍ତି।






ମନେରଖ ! ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ– ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ୍ୟ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ–ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ। –ଶ୍ରୀଅରବିନ୍ଦ



# ପୋଲିସ ହେଲା ଚୋର

ଭାରତରେ ଆମେ ସମସ୍ତେ ଜାଣୁ ଯେ ପୋଲିସ ଏକ ଚୋର ବା ଡକାୟତି ସଂସ୍ଥା। ଏହି ଦେଶରେ ଏଭଳି ମାନସିକତା ଦୀର୍ଘଦିନ ଧରି ପୋଷଣ ହେବାର ଯଥେଷ୍ଟ କାରଣ ମଧ୍ୟ ରହିଛି। ଅନେକ ଶତାବ୍ଦୀ ବ୍ୟାପୀ ବିଦେଶୀ ଶାସକଙ୍କ କବଳରେ ଭାରତବାସୀ, ପିଢ଼ି ପରେ ପିଢ଼ି, ବଞ୍ଚିଛନ୍ତି। ଶାସନ କରୁଥିବା ବିଦେଶୀ କେବେହେଲେ ଭୂମିପୁତ୍ରଙ୍କୁ କୌଣସିମତେ ଉଧେଇବାକୁ ଦିଅନ୍ତି ନାହିଁ ବୋଲି ସମଗ୍ର ପୃଥିବୀର ଇତିହାସ ସ୍ପଷ୍ଟ କରିଛି। ଆଫ୍ରିକାର ଅଳ୍ପ କିଛି ଅଞ୍ଚଳକୁ ବାଦ୍ ଦେଲେ ଭାରତ ଉପମହାଦେଶ ଯେତିକିଦିନ ବିଦେଶୀଙ୍କ ଅଧୀନରେ ରହିଛି, ସମ୍ଭବତଃ ପୃଥିବୀର ଅନ୍ୟ କୌଣସି ଭୂଖଣ୍ଡ ସେଭଳି ବିଦେଶୀଙ୍କ ବଶବର୍ତ୍ତୀ ହୋଇ ରହିନାହିଁ। ଅନେକ ଶତାବ୍ଦୀର ଦମନଲୀଳା ସହିଥିବା ଭାରତୀୟ ଇତିହାସ ଏବେ ଅତ୍ୟନ୍ତ ଅସ୍ପଷ୍ଟ । ଯେହେତୁ ଆମର ପୂର୍ବପୁରୁଷ କୌଣସି ତଥ୍ୟକୁ ଲିଖିତ ଆକାରରେ ରଖିନାହାନ୍ତି, ସେଥିପାଇଁ ଆଜିର ମହାଭାରତ, ରାମାୟଣ ଭଳି ପୁରାଣ ଶାସ୍ତ୍ରଠାରୁ ଆରମ୍ଭ କରି କେଉଁ ସ୍ଥାନରେ ରାମ ଜନ୍ମ ହୋଇଥିଲେ ଭଳି ତଥ୍ୟ ଏହି ଦୀର୍ଘ ସମୟରେ ନିଶ୍ଚିତଭାବେ ବିକୃତ ବା ବଦଳି ଯାଇଥିବ। ଆଜି ଆମ ଆଖିକୁ ଦିଶୁଥିବା ତାଜମହଲ, ଲାଲକିଲ୍ଲା ଭଳି କେତୋଟି ଐତିହାସିକସ୍ଥଳୀ ବାସ୍ତବରେ ଅତି ନିକଟ ଇତିହାସକୁ ମନେ ପକାଇଥାଏ। ଏହାସବୁ ମୋଗଲ ଶାସକଙ୍କ ଦ୍ୱାରା ନିର୍ମିତ ହୋଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟତଃ ବ୍ରିଟିଶ୍ ଶାସକମାନେ ବାହାବା ନେବେ। ତେବେ ୨୦୦ ବର୍ଷ ଧରି ଶାସନ କରୁଥିବା ବ୍ରିଟିଶ୍ ରାଜତ୍ୱ ମାତ୍ର ୭୦ ବର୍ଷ ପୂର୍ବେ ଭାରତ ମାଟିରୁ ହଟିଛି। ଅନେକ ଶହ ପିଢ଼ି ଦ୍ୱାରା ବିଦେଶୀ ଦମନକାରୀଙ୍କ ଆଇନ ଏବଂ ତାହାର ପ୍ରଣୟନ ପାଇଁ ବ୍ୟବହୃତ ହେଉଥିବା ପୋଲିସ ବା ସୈନ୍ୟ ଏହି ମାଟିର ସନ୍ତାନ ହୋଇଥିଲେ ମଧ୍ୟ ତାଙ୍କର ଆନୁଗତ୍ୟ ବାହ୍ୟ ଶାସକଙ୍କ ପାଇଁ ରହିଆସିଥିବା ସ୍ୱାଭାବିକ। ଆର୍ଥିକ ଦୁର୍ବଳତା ସହିତ ଶିକ୍ଷାର ଅଭାବ ଯୋଗୁ ଭାରତୀୟମାନେ ଅନ୍ଧାର ଯୁଗରେ ଦୀର୍ଘକାଳ ବଢ଼ିଛନ୍ତି। ଏକ ଅଜ୍ଞ ଜାତି ସ୍ୱାଭାବିକ ଭାବେ ଦମନର ଶିକାର ହୋଇଥାଏ। ସେଥିପାଇଁ ଆଜି ଯେତେ ଆମେ ଆମର ଐତିହ୍ୟ ଏବଂ ଇତିହାସ ସମ୍ପର୍କରେ କହିବା, ତାହା ସବୁ ଚେରବିହୀନ ବିଶ୍ୱାସ ବୋଲି ଭାବିନେବାକୁ ହେବ। ଜଗନ୍ନାଥ ମନ୍ଦିର, କୋଣାର୍କ କିମ୍ବା ଖଜୁରାହ ଭଳି ଐତିହାସିକ କୀର୍ତ୍ତିରାଜି, ଦେଖିବାକୁ ଗଲେ, କେତେକ ବଡ଼ ଜମିଦାରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ତାହାର ନିର୍ମାଣକାରୀ ଶାସକମାନେ ନିଜ ନାମ ପୂର୍ବରୁ ରାଜା, ମହାରାଜା ଲେଖୁଥିଲେ ମଧ୍ୟ ସେମାନେ ମାତ୍ର ୨୦୦ ବର୍ଷ ଶାସନ କରିଥିବା ଦକ୍ଷିଣ ଭାରତର ବିଜୟାନଗର ରାଜବଂଶ ଅଧୀନରେ ଥିବା ଅଞ୍ଚଳର ଆକାର ପାଇ ପାରି ନ ଥିଲେ। ଭାରତର ଏହିଭଳି ସବୁ ଦୁର୍ବଳ ରାଜବଂଶ ବିଦେଶୀ ଶାସକଙ୍କଠାରୁ କୌଣସି ଭାବେ ଦମନ କରିବାରେ ପଛୁଆ ନ ଥିଲେ। ଯେଉଁଥିପାଇଁ ସେତେବେଳେ ଭାରତୀୟମାନେ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ, ଶାସନ କରିବାର କ୍ଷମତା ପାଇଛନ୍ତି, ସେତେବେଳେ ସେମାନେ ପ୍ରଜା ଉପରେ ଅତ୍ୟଧିକ ଅତ୍ୟାଚାର କରିଛନ୍ତି। ଏହିଭଳି ଅତ୍ୟାଚାର କରିବା ପାଇଁ ଦେଶୀ ଏବଂ ବିଦେଶୀ ଶାସକମାନେ ଭାରତରେ ପୋଲିସକୁ ବ୍ୟବହାର କରୁଥିବାର ଇତିହାସ ଜଣାଉଛି। ଏଭଳି ଅତ୍ୟାଚାର ଓ ଦମନଲୀଳା ରଚାଇବା ପାଇଁ ଏହି ମାଟିର ଶାସକମାନେ ଧର୍ମ ଏବଂ ଜାତିକୁ ମୁଖ୍ୟତଃ ପ୍ରସଙ୍ଗ ଭାବେ ନେଇ ଆସିଛନ୍ତି।

ଏହିଭଳି ଏକ କଳଙ୍କିତ ଇତିହାସରେ ଗଢ଼ି ଉଠିଥିବା ଭାରତର ପୋଲିସ ବଳ, ସ୍ୱାଭାବିକ ଭାବେ, ଲୋକାଭିମୁଖୀ ହୋଇପାରୁନାହିଁ। ଆଜିର ପୋଲିସ ଆଇନ, ଭାରତୀୟ ପିଙ୍ଗଳ କୋଡ୍, ଫୌଜଦାରି ଆଇନ ଭଳି ବିଭିନ୍ନ ଆଇନକୁ ବ୍ୟବହାର କରି ପରିଚାଳିତ ହେଉଥିବା ଭାରତର ପୋଲିସ ବାହିନୀ ନିଜର ଆଭିମୁଖ୍ୟ ବଦଳାଇବାକୁ ଚେଷ୍ଟା କରିନାହିଁ ଏବଂ ସୁଯୋଗ ମଧ୍ୟ ପାଉନାହିଁ। ଲୋକଙ୍କୁ ଶୋଷଣ କରିବା, ଧନୀଙ୍କୁ ସୁରକ୍ଷା ଦେବା, ଅନ୍ୟାୟକୁ ଯେନତେନ ଘୋଡ଼ାଇ ଦେବା ଭଳି ଚରିତ୍ର ଭାରତୀୟ ପୋଲିସ ପାଖରେ ଫୁଟି କରି ବାହାରେ। କୌତୂହଳର ବିଷୟ ହେଉଛି ଯେ, ଆମେ ଭାବିଥିଲୁ ଏହା କେବଳ ଭାରତର ଉପମହାଦେଶରେ ସୀମିତ।

ହଠାତ୍ ଗତ ସପ୍ତାହରେ ଖବର ମିଳିଲା ଯେ, ଅନ୍ତର୍ଜାତୀୟ ପୋଲିସ ବା ଇଣ୍ଟରପୋଲ୍‌ର ପୂର୍ବତନ ମୁଖ୍ୟ ମେଙ୍ଗ୍ ହଙ୍ଗ୍‌ୱେଇ ତାଙ୍କ ନିଜ ଦେଶ ଚାଇନାରେ ନିଖୋଜ ହୋଇଯାଇଛନ୍ତି। ଗଣମାଧ୍ୟମକୁ ଏହି ତଥ୍ୟ ତାଙ୍କ ସହଧର୍ମିଣୀ ଜଣାଇଥିଲେ। ତନାଘନା ହେବା ପରେ ଜଣାପଡ଼ିଥିଲା ଯେ, ମେଙ୍ଗ୍ ଚାଇନାରେ ଗିରଫ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ମେଙ୍ଗ୍ ହେଉଛନ୍ତି ଚାଇନା ନାଗରିକ। ପୃଥିବୀର ସର୍ବବୃହତ୍ ଶକ୍ତିଶାଳୀ ପୋଲିସ ବାହିନୀ ଇଣ୍ଟରପୋଲର ମୁଖ୍ୟ ଏଭଳି ଗିରଫ ହେବା ନିଶ୍ଚିତ ଭାବେ ଲଜ୍ଜାଜନକ। କେବଳ ସେତିକି ନୁହେଁ, ତାଙ୍କ ନାମରେ ରାଜନୈତିକ ଅପରାଧ, ଲାଞ୍ଚ କାରବାର ଭଳି ସଙ୍ଗିନ୍ ଅଭିଯୋଗ ରହିଥିବା ଚାଇନାର ସାଧାରଣ ନିରାପତ୍ତା ମନ୍ତ୍ରଣାଳୟ କହିଛି। ଚାଇନାରେ ଏହିଭଳି ଦୋଷାରୋପର ସତ୍ୟାସତ୍ୟ ଜାଣିବା ଅତ୍ୟନ୍ତ କଷ୍ଟକର। ତାଙ୍କର କୌଣସି ନାଗରିକ ଯଦି ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରେ, ତେବେ ସେହି ବ୍ୟକ୍ତିବିଶେଷର ଭବିଷ୍ୟତ ଅନ୍ଧକାର ହୋଇଯିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି। ସେଥିପାଇଁ ସମଗ୍ର ପୃଥିବୀ ତାଙ୍କୁ ଭୁଲିଯିବା ପୂର୍ବରୁ ମେଙ୍ଗଙ୍କୁ ଶେଷରେ ଥରେ ସ୍ମରଣ କରିଦେବା।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅକ୍ଟୋବର ୧୯୯୩

- ଦକ୍ଷିଣ ଆଫ୍ରିକା ଉପରେ ଜାରି ବାଣିଜ୍ୟ ଓ ଆର୍ଥିକ କଟକଣାକୁ ଜାତିସଂଘ ପ୍ରତ୍ୟାହାର କଲା।
- ଶ୍ରୀଲଙ୍କାରେ ପ୍ରବଳ ବର୍ଷା ଯୋଗୁ ମାଟି ଅତଡା ଖସି ୭୫ ଜଣଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | 0 | | | | | 5 | | 6 | D | | 2 | | |
| | | D | | B | | 7 | | E | | 1 | | | | 3 |
| 8 | 9 | 5 | | | | | | | | 7 | 2 | | | C |
| | C | 6 | 3 | | | | | | B | | | | | |
| | | 2 | | | | | | C | | | A | | | |
| 5 | | | | D | | | 2 | 9 | 1 | | | | 8 | |
| | 1 | | | 3 | | A | | B | 4 | | | 0 | 9 | |
| | | C | 8 | | | | 1 | 3 | 2 | | B | | D | E |
| | E | 9 | A | 1 | | | | | | 3 | | | | |
| | | | E | | | | 0 | | | 5 | | 6 | | |
| | | | C | | | 5 | A | | | | 8 | | 1 | |
| 3 | 2 | | 6 | 4 | | | 9 | | | | 5 | | A | |
| | | | | | | | | 7 | | 4 | | | E | B |
| | | A | | | 7 | | | 4 | | | | | C | |
| | 4 | | 0 | A | | B | C | 1 | | | D | | 5 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 3 | 5 | 9 | 1 | 2 | 0 | B | E | C | 8 | A | 6 | 4 | D |
| 4 | 6 | B | E | A | 8 | D | 7 | 1 | 9 | 2 | 5 | C | 3 | 0 |
| C | 0 | D | 3 | B | 7 | 4 | 8 | 5 | 6 | 1 | E | A | 2 | 9 |
| 9 | 8 | 1 | 0 | 6 | C | 3 | A | 2 | D | 7 | 4 | 5 | E | B |
| 2 | A | E | 4 | 5 | D | 6 | 9 | C | 0 | 3 | B | 8 | 1 | 7 |
| 8 | 2 | C | 1 | 9 | A | 5 | 0 | 6 | 7 | 4 | D | E | B | 3 |
| E | D | 6 | 7 | C | 3 | B | 1 | 8 | 2 | 5 | 0 | 4 | 9 | A |
| B | 7 | 4 | D | 8 | 0 | 2 | C | 3 | A | E | 9 | 1 | 6 | 5 |
| 0 | 1 | A | 5 | 4 | 6 | 9 | E | D | 3 | B | 8 | 2 | 7 | C |
| 3 | 5 | 9 | 2 | E | B | A | 4 | 7 | 1 | 6 | C | D | 0 | 8 |
| D | B | 2 | 8 | 3 | 5 | 1 | 6 | A | 4 | 9 | 7 | 0 | C | E |
| 5 | 4 | 3 | C | 0 | E | 7 | 2 | B | 8 | A | 6 | 9 | D | 1 |
| A | 9 | 8 | 6 | 2 | 1 | E | D | 0 | B | C | 3 | 7 | 5 | 4 |
| 1 | C | 0 | B | 7 | 9 | 8 | 5 | 4 | E | D | 2 | 3 | A | 6 |
| 6 | E | 7 | A | D | 4 | C | 3 | 9 | 5 | 0 | 1 | B | 8 | 2 |

ଗତକାଲିର ଉତ୍ତର

# ଡିଗ୍ରୀ ଅଛି, ଚାକିରି ନାହିଁ



ସହଦେବ ସାହୁ

'ମାନବ ସମ୍ବଳ' ଶବ୍ଦଦ୍ୱୟର ଏବେ ଏତେ ପ୍ରବଳ ବ୍ୟବହାର ହେଉଛି ଯେ ମନେ ହେଉଛି ରାଷ୍ଟ୍ର ସମ୍ମୁଖରେ ମଣିଷଟିଏ ଆଉ ପଣ୍ୟ ହୋଇ ରହିନାହିଁ, ତାକୁ ପୂର୍ଣ୍ଣ ବିକଶିତ କରିବା ଓ ବିକଶିତ ମାନବକୁ ରାଷ୍ଟ୍ରର ସମୃଦ୍ଧିରେ ଲଗାଇବା ରାଷ୍ଟ୍ରଧର୍ମ ହୋଇଛି। କେବଳ ରାଷ୍ଟ୍ରନୀତି ନୁହେଁ କମ୍ପାନୀମାନଙ୍କ ନୀତି ବି ହୋଇଯାଇଛି– ପ୍ରତି ସଂସ୍ଥାରେ ମାନବିକ ସମ୍ବଳ ବିକାଶ (ଏଚ୍ଆରଡି) ବିଭାଗ ରହିଛି। ମଣିଷକୁ ଉପଯୁକ୍ତ ଶିକ୍ଷା ନ ଦେଲେ ସେ ଦେଶର ସମ୍ବଳ ହେବ କିପରି? ଶିକ୍ଷା ଯଦି ରାଷ୍ଟ୍ରର କର୍ତ୍ତବ୍ୟ, ଶିକ୍ଷା ବ୍ୟବସ୍ଥା ଆମୂଳଚୂଳ ସରକାରୀ ହେବା କଥା। ନିମ୍ନପ୍ରାଥମିକ ସ୍ତରଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଯାଏ ମାଗଣାରେ ଶିକ୍ଷା ମିଳିବା କଥା। ବ୍ୟକ୍ତିବିଶେଷ ବା ଘରୋଇ ସଂସ୍ଥା ଶିକ୍ଷାୟତନ ଚଳାଇଲେ ତାହା ଏକ ବ୍ୟବସାୟ ହୋଇପଡେ, ଲାଭ ହିଁ ବ୍ୟବସ୍ଥାକୁ ଚଳାଏ, ତେଣୁ ସେମାନଙ୍କ ସ୍କୁଲ ବା କଲେଜରେ ପଢୁଥିବା ପିଲାଙ୍କଠାରୁ ବେଶ୍ କିଛି ଆଦାୟ କରାଯାଏ। ଗରିବ ପିଲା ମେଧା ଥାଇ ବି ସ୍କୁଲକଲେଜ ମାଡି ପାରିବ ନାହିଁ, ସ୍ୱଳ୍ପ ମେଧାବୀ ଧନୀ ପିଲା ତା' ସ୍ଥାନ ପୂରଣ କରିବ। ଡଲାର ହେଉଛି ପ୍ରବାସୀ ପରିବାର ପିଲାର ମେରିଟ୍, ପରୀକ୍ଷାରେ ତାକୁ ଫେଲ୍ ହେବାକୁ ଦିଆଯିବ ନାହିଁ, କାରଣ ସେ ଫେଲ୍ ହେଲେ ଶିକ୍ଷାନୁଷ୍ଠାନର ଗୋଟିଏ ସିଟ୍ ନୂଆ ପିଲା ପାଇଁ ମିଳିବ ନାହିଁ, ତେଣୁ ଆୟ କମିବ। ସୁତରାଂ ବେସରକାରୀ ଶିକ୍ଷାନୁଷ୍ଠାନ ଗରିବ ବିରୋଧୀ। ସେମାନେ ଶିକ୍ଷା କ୍ଷେତ୍ରରେ ସାମାଜିକ ଅସମାନତା ବଢାଉଛନ୍ତି। ସାମାଜିକ ନ୍ୟାୟର ମାପକାଠି ହେଲା ଧନୀକୁ ଯାହା ସୁବିଧା ମିଳୁଛି ତାହା ଗରିବକୁ ମିଳିବ। ଉଚ୍ଚ ଶିକ୍ଷା ହିଁ ବ୍ୟକ୍ତିକୁ ସମାଜରେ ଉଚ୍ଚ ସ୍ତରକୁ ନେଇଥାଏ, ଅଧିକ ରୋଜଗାରକ୍ଷମ କରାଇଥାଏ। ଅର୍ଥନୀତିଜ୍ଞମାନେ ଏହାକୁ କହନ୍ତି ସୋସିଆଲ୍ ମୋବିଲିଟି– ନିମ୍ନସ୍ତରରେ ଥିବା ଲୋକ ଉଚ୍ଚସ୍ତରକୁ ଯାଇପାରିବ।

ସରକାର ବାହାଦୁରି ନେଉଛନ୍ତି ଯେ ଉଚ୍ଚଶିକ୍ଷା ପାଇଁ ଋଣ ଯୋଗାଇଦେଉଛନ୍ତି। ଯେଉଁ ଗରିବ ପିଲା ଋଣ ନେଇ ଭର୍ତ୍ତି ହେଉଛି ସେ ଧନୀପିଲାଠାରୁ ବେଶି ଖର୍ଚ୍ଚାନ୍ତ ହେଉଛି। ତା' ଉପରେ ଋଣର ବୋଝ ରହେ। ସୁଧ ଯୋଡି ହୁଏ। ତାହାର ଡିଗ୍ରୀର ଦାମ୍ ଯେ କେତେ ବଢିଯାଏ ସରକାର ବୁଝନ୍ତି ନାହିଁ। ଯାହାର ମା'ବାପା ପଢାଖର୍ଚ୍ଚ ଦିଅନ୍ତି ତା' ପାଇଁ ଡିଗ୍ରୀଟା ମାଗଣା। ସୁଧ ଦେୟକୁ ହିସାବକୁ ନେଇ ଦେଖିଲେ ଗରିବ ପିଲାର ଡିଗ୍ରୀ ଧନୀ ପିଲାର ଡିଗ୍ରୀଠାରୁ ଦୁଇଗୁଣ ମହଙ୍ଗା। କିନ୍ତୁ ପିଲା ଚାକିରି କରି ଶୁଝିବାର ଥିବାରୁ ତା' ଡିଗ୍ରୀର ଦାମ୍ ତାକୁ ଚାକିରିର ଦଶ ବାର ବର୍ଷ ଯାଏ ଗରିବ କରି ରଖେ। କମ୍ ମେଧାବୀ ଧନୀଘରର ପିଲା ପାଇଁ ପାସ୍ ପରେ ଚାକିରି ପାଇବାର ନିଶ୍ଚିତତା ଗରିବଠାରୁ ବେଶି। ଯଦି ବି ଋଣଗ୍ରସ୍ତ ପିଲା ମେରିଟ୍‌ରେ ଚାକିରି ପାଇଯାଏ ତାକୁ ଋଣ ପରିଶୋଧ ଚିନ୍ତା ମାଡି ବସେ। ସେ ଗଧ ଭଳି ଖଟେ, ଋଣଦେୟଠାରୁ ବେଶି କିଛି ପାଇଲେ ସେ ଚଳିବ ବୋଲି। ଚାକିରି ସତ୍ତ୍ୱେ ସେ ଘରକୁ ପଇସାଟିଏ ଦେଇପାରେ ନାହିଁ, ପାରିବାରିକ କଳହର କାରଣ ହୁଏ। ଧନୀ ପିଲାର ସେ ଚିନ୍ତା ନାହିଁ।

ଚାକିରି ପାଇଁ ଲୋକେ ଆଇଆଇଏମ୍ ବା ଆଇଆଇଟି ଚାହୁଁଛନ୍ତି। ସେମାନେ ଛାତ୍ର–ଦରମା ବଢାଇବା ମାନେ ଗରିବ ମୋଧାବୀ ଛାତ୍ରୀଛାତ୍ରଙ୍କୁ ପାତରଅନ୍ତର କରିବା। ଗରିବ ମେଧାବୀଟିଏ ଆବଶ୍ୟକ ଅର୍ଥ ଅଭାବରୁ କଲେଜ ଶିକ୍ଷାରୁ ବଞ୍ଚିତ ହେଲେ ତା' ଜାଗାଟି ଜଣେ କମ୍ ମେଧାବୀ ଧନୀ ପିଲା ପୂରଣ କରିବ। ଅଳ୍ପ ମେରିଟ୍‌ର ଧନୀ ପିଲା ଯୋଗ୍ୟତା ହାସଲ କରିବ, ସେ ଚାକିରି ପାଇବ, ତା' ପରିବାର ଆହୁରି ଧନୀ ହେବ। ଡିଗ୍ରୀ ପାଇଁ ଋଣଗ୍ରସ୍ତ ଗରିବ ପିଲା ବେକାର ହୋଇ ଆହୁରି ଗରିବ ହେବ। ସଂରକ୍ଷଣ ନ ଥିବା କାରଣରୁ ଲାଭବାନ ହୋଇଥିବା ଧନିକମାନେ ହିଁ ସଂରକ୍ଷଣ ବିରୋଧରେ କହିବେ। ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେତେ ବେଶି ଖର୍ଚ୍ଚ କରିବେ ଗରିବମାନେ ସେତେ ବେଶି ଉଠିପାରିବେ ଏବଂ ଧନୀମାନଙ୍କ ଆୟର କିଛି ଅଂଶ ଟିକସ ଆକାରରେ ଆସି ଏ ଖର୍ଚ୍ଚରେ ସାମିଲ ହୋଇଥିବାରୁ ଜାତୀୟ ସ୍ତରରେ ଆସ୍ତେ ଆସ୍ତେ ଆୟର ବଣ୍ଟନ ହୋଇପାରିବ ଏବଂ ସମାଜରେ ସମାନତା ଆସିବ।

ଭୁବନେଶ୍ୱରରେ ଏକ ସମ୍ମିଳନୀରେ ଭାଗ ନେଇ ସାଂସଦ ବରୁଣ ଗାନ୍ଧୀ କହିଥିଲେ – ଶିକ୍ଷା ଅଧିକାର ଯୋଜନାରେ ଏ ପର୍ଯ୍ୟନ୍ତ ୩,୭୦,୦୦୦ କୋଟି ଖର୍ଚ୍ଚ ହେଲାଣି। ତହିଁରୁ ୮୯ ଶତାଂଶ କେବଳ କୋଠାବାଡି ତିଆରିରେ। କିନ୍ତୁ ଶିକ୍ଷା ନାହିଁ। ଶାସକ ଦଳ ବେଶି ନିର୍ମାଣ କାମରେ ଲାଗେ, ତାହା ଏକ ଜଳ ଜଳ ଦିଶୁଥିବା ଜିନିଷ ବୋଲି ନୁହେଁ, ତହିଁରୁ ଶୀଘ୍ର ଓ ଅନାୟାସରେ ୧୦୦ ଟଙ୍କାରେ ୧୫ ଟଙ୍କା ଶାସକ ଦଳକୁ ଆସିଯାଇପାରେ ବୋଲି (ଏହା ତ ଜନୈକ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମାନୁଥିଲେ)। ତା'ଛଡ଼ା ବିଭିନ୍ନ ସ୍ତରର ଅଧିକାରୀମାନେ ଓ ରାଜନୈତିକ ଦାଦାମାନେ ନିର୍ମାଣ କାମରେ ବଟି ଆଦାୟ କରିବା ସହଜ ମନେକରନ୍ତି। ୧୦୦ ଟଙ୍କାରେ ୫୦ ଟଙ୍କା ଏପରି ଉପରେ ଉପରେ ଗଲା ପରେ ବାକି ଟଙ୍କାରେ ତିଆରି ଗୃହର ସ୍ଥାୟିତ୍ୱ ଓ ସଂରକ୍ଷଣ କିଛି ନ କହିଲେ ଭଲ– ସ୍ୱଳ୍ପ କାଳ ଭିତରେ ଧ୍ୱଂସସ୍ତୂପ ହୋଇଯାଏ। ବରୁଣ ଗାନ୍ଧୀଙ୍କ କଥାରୁ ଜଣାପଡିଲା ଯେ ଆମ ଦେଶରେ ସରକାରୀ ବେସରକାରୀ ମୋଟ ୧୫ ଲକ୍ଷ ୫୦ ହଜାର ସ୍କୁଲ ଅଛି। ଏଥିରୁ ୯୮.୮ ଶତାଂଶ ରାଜ୍ୟ ସରକାରଙ୍କ ଅଧୀନ ବୋର୍ଡ (ସେକେଣ୍ଡାରୀ ଓ ହାୟର୍ ସେକେଣ୍ଡାରୀ) ଦ୍ୱାରା ପରିଚାଳିତ। ବାକି ୧.୨ ଶତାଂଶ ସ୍କୁଲ ଆଇସିଏସ୍‌ସି ଓ ସିବିଏସ୍‌ସି ଅଧୀନରେ ପରିଚାଳିତ। କିନ୍ତୁ ଏହି ଏକ ଦଶମିକ ଦୁଇ ଶତାଂଶ ସ୍କୁଲ, ଅର୍ଥାତ୍ ୧୮,୬୦୦ ସ୍କୁଲରୁ ଉତ୍ତୀର୍ଣ୍ଣ ପିଲାମାନେ ପ୍ରତିବର୍ଷ ଆଇଆଇଟି ଓ ଆଇଆଇଏମ୍‌ରେ ଥିବା ମୋଟ ସିଟ୍‌ର ଶତକଡା ୭୮ ଭାଗ ମାରି ନିଅନ୍ତି। ସରକାରୀ ବୋର୍ଡ ପରିଚାଳିତ ୧୫ ଲକ୍ଷ ୩୧ ହଜାର ୪୦୦ ବିଦ୍ୟାଳୟରେ ପାଠପଢାର ମାନ ଏତେ ନିମ୍ନ ଧରଣର ଯେ ସେଠାକାର ପିଲାଙ୍କ ଭିତରୁ ଦେଶର ଆଇଆଇଟି ଓ ଆଇଆଇଏମ୍‌ରେ ଥିବା ସିଟ୍‌ର ମାତ୍ର ୨୨ ଭାଗ ପାଉଛନ୍ତି। ଧନୀ ଅନୁପାତରେ ଗରିବ କମ୍ ସଂଖ୍ୟାରେ ବୈଷୟିକ ଡିଗ୍ରୀ ପାଉଛନ୍ତି। ତେଣୁ ଗରିବକୁ କାମ ମିଳିବା ପ୍ରାୟ ଅସମ୍ଭବ। ସେ ଉପରକୁ ଉଠିବ କିପରି?

ଅଧିକନ୍ତୁ କର୍ମସଂସ୍ଥାନ ଯୋଗ (ନିଯୁକ୍ତି ସଂଖ୍ୟା) କମି କମି ଚାଲିଛି। ୨୦୧୫ ଯାଏ ୫ ବର୍ଷ କାଳ ଜିଡିପି ବର୍ଷକୁ ୬.୮ ଶତାଂଶ ବଢୁଥିଲା, ନିଯୁକ୍ତି ମାତ୍ର ୦.୬ ଶତାଂଶ ବଢୁଥିଲା। ଦେଶର ଆୟ ବଢିବା ହାର ତୁଳନାରେ ଲୋକଙ୍କ ପାଇଁ ରୋଜଗାରର ଧନ୍ଦା ୧୧ ଭାଗରୁ ଭାଗେ ମାତ୍ର। ଏହାର ଅର୍ଥ– ଭାରତର ଜିଡିପି ଏକ ଜବ୍‌ଲେସ୍; ଏକ କର୍ମସଂସ୍ଥାନ ହ୍ରାସକାରୀ ଅଭିବୃଦ୍ଧି। ଜାତୀୟ ନମୁନା ସର୍ଭେ ଅଫିସ୍ ଓ ଶ୍ରମ ବିଭାଗର ହିସାବକୁ ନେଇ ଆଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟିର ସେଣ୍ଟର୍ ଫର୍ ସଷ୍ଟେନେବ୍ଲ ଏମ୍ପ୍ଲୟମେଣ୍ଟ ଏପରି ରିପୋର୍ଟ ପ୍ରକାଶ କରିଛି। ପାଠକମାନେ ଶୁଣିଥିବେ– ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ଚଳିତ ବର୍ଷର ଏକ ଅନୁଧ୍ୟାନରେ କହିଛି– ୨୦୧୭ରେ ଭାରତର ଅର୍ଥନୀତି କୋଟିଏ ଅଠେଇଶି ଲକ୍ଷ ନିଯୁକ୍ତି ସୃଷ୍ଟି କରିଛି। ତାହା ସତ ନୁହେଁ, କାରଣ ଏପରି ଫଳ ଦେଖାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ ଅଫିସ୍ ବାଛି ବାଛି ଡାଟା ବ୍ୟବହାର କରିଛି। ଜିଡିପି ବଢିବା ସହିତ କର୍ମନିଯୁକ୍ତିର ଥିବା ସମ୍ପର୍କ ଆସ୍ତେ ଆସ୍ତେ କ୍ଷୀଣ ହେବାରେ ଲାଗିଛି। ୧୯୭୦ ଓ ୧୯୮୦ ଦଶକରେ ପରିସ୍ଥିତି ଭଲ ଥିଲା, ଜିଡିପି ୩–୪ ଶତାଂଶ ବଢୁଥିଲା ବେଳେ କର୍ମସଂସ୍ଥାନ ୨ ଶତାଂଶ ବଢୁଥିଲା। ୨୦୦୦ ଦଶକରେ ଜିଡିପି ୭ ଶତାଂଶ ବଢୁଥିଲା ବେଳେ କର୍ମନିଯୁକ୍ତି ହାର ୧ ଶତାଂଶକୁ କମିଗଲା। ଏବେ ଯାହା ମିଳୁଛି ତାହା ନିମ୍ନ ସ୍ତରର, ପୁଣି ଆଉ ଥରେ ପଢୁଥିବା ପିଲାଙ୍କୁ ମିଳୁଛି– ଦକ୍ଷତା ବିକାଶ ତାଲିମ୍ ନାଁରେ ୧୨ଶ ଶ୍ରେଣୀ ବା କମ୍ ପଢିଥିବା ପିଲାଙ୍କୁ କାମଧନ୍ଦା ଶିଖାଯାଉଛି। ସେଥିରେ ବି ଠକାମି। ପିଲାଙ୍କୁ ତାଲିମ ଦେବା ସଂଖ୍ୟା ଉପରେ କମ୍ପାନୀର ତାଲିମ କେନ୍ଦ୍ର ପଇସା ପାଉଥିବାରୁ ସେମାନେ ମିଛରେ ସଂଖ୍ୟା ବଢାଉଛନ୍ତି।

ପ୍ରଦେଶ ଭେଦରେ ବେକାରି ପରିମାଣ ୬ ଶତାଂଶରୁ ୩୬ ଶତାଂଶ। କେତେକ ଅର୍ଥନୀତିଜ୍ଞ କହନ୍ତି ସମସ୍ୟା ବେକାରିର ନୁହେଁ, ସମସ୍ୟା ଅଣ୍ଡରଏମ୍ପ୍ଲୟମେଣ୍ଟର, ନିମ୍ନତର ଚାକିରିର। ଲୋକେ ନିଜର ଶିକ୍ଷା ଅନୁପାତରେ ନିଯୁକ୍ତି ପାଉନାହାନ୍ତି। ପିଅନ ଭଳି ଚାକିରି ପାଇଁ ସ୍ନାତକୋତ୍ତର ପିଲାଏ ନିଜର ଯୋଗ୍ୟତା ଲୁଚାଇ ପ୍ରାର୍ଥୀ ହେଉଛନ୍ତି। ମଜୁରି ବେଶି ବଢୁନାହିଁ, ନ୍ୟୂନତମ ମଜୁରିରୁ ଖୁବ୍ ତଳେ ଅଛି। ୨୦୧୪–୧୫ରେ ୬୭ ଶତାଂଶ ପରିବାରର ମାସିକ ରୋଜଗାର ୧୦,୦୦୦ ଟଙ୍କାରୁ କମ୍ ଥିଲା। ସେହି ସମୟରେ ସରକାରୀ ଚାକିରିର ନିମ୍ନତମ ରାଶି ଥିଲା ୧୮,୦୦୦ ଟଙ୍କା। ସପ୍ତମ କେନ୍ଦ୍ରୀୟ ବେତନ କମିଶନ ସୁପାରିସ ଅନୁସାରେ ନିମ୍ନତମ ବେତନ ହେଉଛି ମାସିକ ୧୮,୦୦୦ ଟଙ୍କା, ଏତିକି ପାଉଥିବା କର୍ମଚାରୀ ଭିତରେ ଅଛନ୍ତି ସଫେଇ କର୍ମଚାରୀ ଓ ପିଅନ। ଡିଗ୍ରୀଧାରୀମାନେ ସେହିଥିରେ ପଶୁଛନ୍ତି। ଆମ ଦେଶରେ ଡିଗ୍ରିଧାରୀ କର୍ମଜୀବୀଙ୍କ ଭିତରେ ମାସିକ ୫୦ ହଜାର ବା ବେଶି ପାଉଥିବା ଲୋକଙ୍କ ସଂଖ୍ୟା ମୋଟ କର୍ମଜୀବୀମାନଙ୍କ ସଂଖ୍ୟାର ୧.୬ ଶତାଂଶ ମାତ୍ର। ଡିଗ୍ରୀଧାରୀମାନେ ତାହାଠାରୁ ବେଶି ନ ପାଇଲେ ଡିଗ୍ରୀର ମୂଲ୍ୟ କ'ଣ ?

ଇମେଲ: sahadevas@yahoo.com

# ଚିଠିର ମହତ୍ତ୍ୱ



ବିଭୁପ୍ରସାଦ ମହାପାତ୍ର

ମହାତ୍ମା ଗାନ୍ଧୀ ପତ୍ର ଲିଖନକୁ ଏକ କଳା ଭାବରେ ପ୍ରକାଶ କରି କହିଛନ୍ତି – ''Writing letter is also an art. I have to write letter and have to write only the truth in it and have to pour love, if with this thought you sit down to write the letter, then you will definitely write a beautiful one.'' ପ୍ରଖ୍ୟାତ କବି, ଲେଖକ ଓ ନାଟ୍ୟକାରମାନେ ତାଙ୍କ ରଚନା ମାଧ୍ୟମରେ ଚିଠିର ମହତ୍ତ୍ୱ ଉଲ୍ଲେଖ କରିଛନ୍ତି। ମହାକବି ତଥା ପ୍ରସିଦ୍ଧ ନାଟ୍ୟକାର ବିକ୍ରମାଦିତ୍ୟଙ୍କ ରାଜସଭାର ପଣ୍ଡିତ କାଳିଦାସ ୫ମ ଶତାବ୍ଦୀରେ ମନ୍ଦାକ୍ରାନ୍ତା ଛନ୍ଦରେ ୧୧୧ ପଦ ବିଶିଷ୍ଟ 'ମେଘଦୂତମ୍' ନାମକ ବହୁଲୋକ ଆଦୃତ କାବ୍ୟ ରଚନା କରି ଅମର ହୋଇଯାଇଛନ୍ତି। କାର୍ଯ୍ୟ କ୍ଷେତ୍ରରେ ଅବହେଳା କାରଣରୁ ଧନପତି କୁବେରଙ୍କ ରୋଷର ଶିକାର ହୋଇ ଜଣେ ସହାୟକ ଯକ୍ଷ ହିମାଳୟ ପର୍ବତମାଳାର କୈଳାସରୁ ନିର୍ବାସିତ ହୋଇ ମଧ୍ୟଭାରତର ରାମଗିରିଠାରେ ବିରହୀ ଭାବେ ଜୀବନଯାପନ କରିଛି। ବିରହ ଜ୍ୱାଳା ଅସହ୍ୟ ହେବାରୁ ପ୍ରେମ ଉନ୍ମତ୍ତ ଯକ୍ଷ, ମେଘ ପରି ଜଡଠାରେ ବ୍ୟକ୍ତି ସତ୍ତାର ପରିକଳ୍ପନା ପୂର୍ବକ ତାକୁ ଦୂତ କରି ଅଳକାରେ ବାସ କରୁଥିବା ତା'ର ପତ୍ନୀ ନିକଟକୁ ବାର୍ତ୍ତା ପ୍ରେରଣ କରୁଛି। ଏ ଧରଣର କାବ୍ୟ ସଂସ୍କୃତରେ ସନ୍ଦେଶ କାବ୍ୟ ଭାବରେ ନାମିତ ହୋଇଛି। ଦ୍ୱାଦଶ ଶତାବ୍ଦୀରେ ଶ୍ରୀହର୍ଷଙ୍କ ଦ୍ୱାରା ରଚିତ 'ନୈଷଧ କାବ୍ୟ'ରେ ନଳ ରାଜା ଦମୟନ୍ତୀଙ୍କ ନିକଟକୁ ହଂସକୁ ଦୂତ ଭାବେ ପ୍ରେରଣ କରିଛନ୍ତି। ତ୍ରୟୋଦଶ ଶତାବ୍ଦୀରେ ୧୧୦ ପଦ ବିଶିଷ୍ଟ ବେଦାନ୍ତ ଦେଶିକାଙ୍କ ରଚିତ 'ହଂସ ସନ୍ଦେଶ'ର ବିଷୟବସ୍ତୁ– ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ମା' ସୀତାଙ୍କ ନିକଟକୁ ବାର୍ତ୍ତା ପ୍ରେରଣ ହିଁ ଥିଲା। ମୁମ୍ବାଇ ଜନ୍ମିତ, ୧୯୦୭ ମସିହାରେ ସାହିତ୍ୟରେ ନୋବେଲ ପ୍ରାପ୍ତ 'ଦ ଜଙ୍ଗଲ ବୁକ୍'ର ଲେଖକଙ୍କ 'The Overland Mail'କବିତା ହେଉ ଅବା ୧୯୧୩ରେ ନୋବେଲ ପ୍ରାପ୍ତ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ 'The post office' ନାଟକ– ସର୍ବତ୍ର ପତ୍ର ବା ସନ୍ଦେଶର ଜୟଗାନ କରାଯାଇଛି। ଗୁସ୍ତାଭ ଥିଓଡୋର ହୋଲଷ୍ଟଙ୍କ 'ଦ କ୍ଲାଉଡ ମେସେଞ୍ଜର', ମୁଲକରାଜ ଆନନ୍ଦଙ୍କ 'ଷ୍ଟୋରୀ ଅଫ ଦ ଇଣ୍ଡିଆନ ପୋଷ୍ଟ ଅଫିସ' ଏବଂ ଆମେରିକାର ଗାୟକ ଓ ଅଭିନେତା ଏଲ୍‌ଭିସ ପ୍ରେସ୍‌ଲିଙ୍କ 'ରିଟର୍ନ ଟୁ ସେଣ୍ଡର' ଆଦିରେ ଚିଠିର ମହତ୍ତ୍ୱ ପ୍ରତିପାଦନ କରାଯାଇଛି।

## ବିଶ୍ୱ ଡାକ ଦିବସ ଉପଲକ୍ଷେ

ଜଗତୀକରଣ ଯୁଗରେ ପ୍ରଯୁକ୍ତିବିଦ୍ୟାର ପ୍ରସାର ଫଳରେ ଇଣ୍ଟର୍‌ନେଟର ବହୁଳ ବ୍ୟବହାର ଦେଖାଯାଉଛି। ଇ–ମେଲ୍, ଏସ୍‌ଏମ୍‌ଏସ୍ (ସର୍ଟ ମେସେଜ ସର୍ଭିସ) ଏବଂ ଏମ୍‌ଏମ୍‌ଏସ (ମଲ୍ଟି ମିଡିଆ ମେସେଜ ସର୍ଭିସ) ମାଧ୍ୟମରେ ଯୋଗାଯୋଗ ସୁବିଧାରେ ହୋଇପାରୁଛି। ଫେସ୍‌ବୁକ୍ ଏବଂ ହ୍ୱାଟ୍‌ସଆପ୍ ପରି ସୋସିଆଲ ନେଟ୍‌ୱର୍କର ବ୍ୟବହାର ଆଜି ସର୍ବତ୍ର କହିଲେ ଚଳେ। ଯନ୍ତ୍ରମାନବ ଆଜି ଟେକ୍ନୋଲୋଜିସର୍ବସ୍ୱ ପାଲଟିଛି। ଆଲବର୍ଟ ଆଇନ୍‌ଷ୍ଟାଇନ୍ ଭବିଷ୍ୟତର ଏପରି ଏକ ଦିନ ବିଷୟରେ ଭାବନା କରି ସନ୍ଦିହାନ ହୋଇ ଉଠିଥିଲେ– ''I fear of that day when technology will surpass humanity.'' ପ୍ରକୃତପକ୍ଷେ ପ୍ରିୟଜନଙ୍କ ନିକଟରୁ ପତ୍ର ପାଇବାର ଖୁସି ସହ ସମକକ୍ଷ ଖୁସି କଦାପି ଆମେ ଇ–ମେଲ, ଏସ୍‌ଏମ୍‌ଏସ୍‌ରୁ ପାଇପାରିବା ନାହିଁ। ଆଉ ଉକ୍ତ ଖୁସିର ଖୋରାକ କେବଳ ଡାକ ବିଭାଗ ମାଧ୍ୟମରେ ହିଁ ମିଳିବା ସମ୍ଭବ ହୋଇଥାଏ।

ସାଧାରଣ ଜନତାଙ୍କୁ ଡାକସେବା ଓ ତା'ର ଉତ୍ପାଦ ବିଷୟରେ ସଚେତନ କରିବା ନିମନ୍ତେ ଅକ୍ଟୋବର ୯ ତାରିଖକୁ ବିଶ୍ୱ ଡାକ ଦିବସ ରୂପେ ଅପୂର୍ବ ଉତ୍ସାହର ସହ ପାଳନ କରାଯାଉଛି। ୧୮୭୪ ମସିହାର ସେହି ଦିନ ହିଁ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ସ୍ୱିଜରଲାଣ୍ଡର ରାଜଧାନୀ ବର୍ନରେ ପ୍ରତିଷ୍ଠିତ ହୋଇଥିଲା। ଉକ୍ତ ଦିବସର ସ୍ମୃତି ସ୍ୱରୂପ ତଥା ଡାକସେବାର ପ୍ରାଧାନ୍ୟ ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରିବା ନିମନ୍ତେ ୧୯୨୯ ମସିହାରେ ଜାପାନ ଦେଶର ଟୋକିଓଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଡାକ ସଂଘ (ୟୁପିୟୁ) କଂଗ୍ରେସରେ ଡାକ ଦିବସର ପ୍ରସ୍ତାବ ଦିଆଯାଇ ପାଳନ କରାଯାଇଆସୁଛି। ପ୍ରଯୁକ୍ତି ବିଦ୍ୟାର ପ୍ରସାର ତଥା ବୈଶ୍ୱିକ ସଂଚାର କ୍ରାନ୍ତି ଏହି ସଂସ୍ଥା ମାଧ୍ୟମରେ ଆରମ୍ଭ ହୋଇଥିଲା। Digital Divideକୁ ପ୍ରତିହତ କରିବା ନିମନ୍ତେ ଇ–ପୋଷ୍ଟ ପରି ଡାକସେବାର ପ୍ରଚଳନ ମଧ୍ୟ ହୋଇଥିଲା।

ସମଗ୍ର ପୃଥିବୀର ୧୫୦ଟି ଦେଶ ଉକ୍ତ ଦିବସକୁ ପାଳନ କରିଥାନ୍ତି। ଆମ ଦେଶ ଭାରତରେ ଡାକ ସପ୍ତାହ (୯–୧୫ ଅକ୍ଟୋବର) ପାଳନ କରାଯାଉଛି। ଆଜି ଡାକ ବିଭାଗ ତାର ବିଶାଳ ନେଟ୍‌ୱର୍କ ସାହାଯ୍ୟରେ ଜନତାଙ୍କ ନିକଟରେ 'ଚରମ ବିଶ୍ୱାସର ଅନ୍ୟ ନାମ' ଭାବେ ପ୍ରକଟିତ ହୋଇଛି। ଉକ୍ତ ଦିବସରେ ଡାକ ବିଭାଗ ତା'ର ନୂତନ ସେବା ଓ ଉତ୍ପାଦକୁ ଲୋକଙ୍କ ନିକଟରେ ପହଞ୍ଚାଇ ଡାକ ଟିକଟ ସଂଗ୍ରହ ଆଦି ସମ୍ବନ୍ଧରେ ମଧ୍ୟ ଜ୍ଞାନ ପ୍ରଦାନ କରିଥାଏ।

ଭୋଗଡା, ଖୋର୍ଦ୍ଧା, ମୋ–୮୨୭୦୦୮୩୬୫୩,
padmacharan123@gmail.com

## ଏଇ ଭାରତରେ

ବର୍ଷବର୍ଷ ଧରି ରକ୍ଷଣଶୀଳ ସମାଜ ଯୌନକର୍ମୀମାନଙ୍କୁ ହେୟ ଦୃଷ୍ଟିରେ ଦେଖିଆସିଛି। ସେମାନେ ବି ମଣିଷ। ସେମାନେ ବି କାହାର ମା' କିମ୍ବା ଭଉଣୀ। ସେମାନେ ନିର୍ଯାତିତ ବା ଘୃଣିତ ହେବାକୁ ଇଚ୍ଛା କରନ୍ତି ନାହିଁ। ମୌଳିକ ଅଧିକାର ପ୍ରଦାନ କରାଗଲେ ସେମାନେ ମୁଣ୍ଡ ଟେକି ସମାଜରେ ବଞ୍ଚିପାରିବେ। ଏହି ଉଦ୍ଦେଶ୍ୟରେ କୋଲକାତାର ଏକ ଜନପଥରେ ୩୦୦ ଫୁଟ ଲମ୍ବ ବିଶିଷ୍ଟ ଏକ କଳାକୃତି ଅଙ୍କନ କରାଯାଇଛି। ଯୌନକର୍ମୀଙ୍କ ଅଧିକାର ପାଇଁ ଉତ୍ସର୍ଗ କରାଯାଇଥିବା ଏହି ଚିତ୍ରକଳା ସୋମବାର ଅନାବରଣ କରାଯାଇଛି। ଦୁର୍ଗାପୂଜା ଉତ୍ସବ ପରିପ୍ରେକ୍ଷୀରେ କରାଯାଇଥିବା ଏହି ଚିତ୍ରକଳାର ବିଷୟବସ୍ତୁ ଏସିଆର ସର୍ବବୃହତ୍ ରେଡ ଲାଇଟ୍ ଏରିଆ ସୋନାଗାଛିର ଦେହଜୀବୀଙ୍କ ଜୀବନାଦର୍ଶ ପ୍ରତିପାଦିତ କରୁଛି। ଏହି ଚିତ୍ରକଳାରେ ଯୌନକର୍ମୀଙ୍କ କରୁଣ ଜୀବନ ଚିତ୍ରିତ ହୋଇଛି। ୩ ଯୌନକର୍ମୀ ଦରଜା କଡ଼ରେ ଉଙ୍କି ମାରୁଥିବା ବେଳେ ଆଉ ଜଣେ ଯୌନକର୍ମୀଙ୍କ ସୀମନ୍ତର ସିନ୍ଦୂରକୁ ବିକୃତ କରାଯାଇଛି। ଏ ସମ୍ପର୍କରେ ଦରବାର ମହିଳା ସମନ୍ୱୟ କମିଟିର ସଦସ୍ୟ କାଜଲ ବୋଷ କହନ୍ତି, ଆମେ ଏଥିରେ ଖୁସି ଯେ, ଚିତ୍ରକରମାନେ ଆମ ଦୁର୍ଦ୍ଦଶାପୂର୍ଣ୍ଣ ଜୀବନଯାପନ ବିଷୟରେ ଭାବୁଛନ୍ତି। ମା' ଦୁର୍ଗାଙ୍କ ପରି ଆମେ ମଧ୍ୟ ମହିଳା। ସମାଜର ଏକ ଅଂଶବିଶେଷ। ଏଭଳି ଏକ ଅଭିଯାନ ଆରମ୍ଭ ହେବାଦ୍ୱାରା ଆମ ସମସ୍ୟା ବିଷୟରେ ସମସ୍ତେ ଅବଗତ ହୋଇପାରିବେ। ଏହି ଉତ୍ସବ ୧୦ ଦିନ ଧରି ଚାଲିବ। ସୋନାଗାଛିର ମହିଳାମାନେ ଏଥିରେ ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରିବା ସହିତ ନୃତ୍ୟ କରିଥିଲେ।

## ଚିରନ୍ତନୀ

ଆକାଶର ଶଶି ସମ ଦୂରେ
କେତେ ରୂପ ପରଶିଲା ପ୍ରାଣେ
ଆକାଶର ଶଶି ସମ ମୋର
କେତେ ରୂପ ହେଲା ପ୍ରିୟତର
ଯଉବନ ଉଦାମ ଗାନେ
କେତେ ରୂପ ପରଶିଲା ପ୍ରାଣେ।
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାଂସଦଙ୍କ କାର୍ଯ୍ୟଦକ୍ଷତା

ମହାଶୟ,

ଲୋକ ସଭାରେ ବିଗତ ୪ ବର୍ଷ ମଧ୍ୟରେ ଓଡ଼ିଶାର ୨୧ ସାଂସଦଙ୍କ କାର୍ଯ୍ୟଦକ୍ଷତା ଉପରେ ଧରିତ୍ରୀରେ କିଛିଦିନ ତଳେ ଖବର ପ୍ରକାଶ ପାଇଛି। ସାଂସଦ ଭାବରେ ନିଜର ଦରମା, ଭତ୍ତା ଓ ବିମାନରେ ଯିବା ଆସିବା ଆଦି ସୁବିଧା ପାଉଥିବା ବେଳେ ସୁନ୍ଦରଗଡ଼ ଏମ୍‌ପିଙ୍କ ଉପସ୍ଥାନ ମାତ୍ର ୧ ଥିବାବେଳେ ସେ ଆଦୌ ପ୍ରଶ୍ନ ପଚାରି ନ ଥିବା ଜଣାପଡିଛି। ସେହିପରି ବ୍ରହ୍ମପୁର ଏମ୍‌ପି ତାଙ୍କ କାର୍ଯ୍ୟକାଳ ମଧ୍ୟରେ କୋଣସି ପ୍ରଶ୍ନ ନ ପଚାରିବା ଆଶ୍ଚର୍ଯ୍ୟର ବିଷୟ । ସେଥିରେ ନିର୍ବାଚନମଣ୍ଡଳୀର ଲୋକେ କିପରି ଉପକୃତ ହେବେ। ପୁଣି ବ୍ରହ୍ମପୁରରେ ଅନୁଷ୍ଠିତ ଓ୍ୱାଇଏସ୍‌ଡିର ଏକ ସମ୍ମିଳନୀରେ ଏହା ପ୍ରକାଶ ପାଇବା ଦୁର୍ଭାଗ୍ୟଜନକ। ଜନତାର ସ୍ୱାର୍ଥ ତଥା ଦେଶର ବିକାଶ ନିମନ୍ତେ ସାଂସଦ ଆସ୍ଥାଭାଜନ ନ ହେଲେ ପଦବୀରୁ ଓହରି ଆସିବା ଦରକାର।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଗଣମାଧ୍ୟମର ଭୂମିକା

ଗଣତନ୍ତ୍ରର ୪ଟି ସ୍ତମ୍ଭ ରହିଛି। ସେଗିଡିକ ହେଲା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ। ବ୍ୟବସ୍ଥାପିକା ଆଇନକାନୁନ ତିଆରି କରେ। କାର୍ଯ୍ୟପାଳିକା ତାହାକୁ କାର୍ଯ୍ୟକାରୀ କରେ। ନ୍ୟାୟପାଳିକା ଭୁଲ୍ ଠିକ୍‌କୁ ତର୍ଜମା କରି କାହାକୁ ଦଣ୍ଡବିଧାନ କରେ ତ କାହାକୁ ମୁକ୍ତି ପ୍ରଦାନ କରେ। ଏ ସମସ୍ତ ବିଭାଗରେ ଧୀରେ ଧୀରେ କଳଙ୍କି ଲାଗିଗଲାଣି। ବ୍ୟବସ୍ଥାପିକା ଏବେ ଏତେ ଶକ୍ତିଶାଳୀ ହୋଇଗଲାଣି ଯେ, ଅନ୍ୟ ସ୍ତମ୍ଭଗୁଡିକ ତାହା ତୁଳନାରେ ଦୁର୍ବଳ ଏବଂ କ୍ରୀଡନକ ହୋଇ ପଡିଲେଣି। ନ୍ୟାୟପାଳିକା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିବାର ସତ୍‌ସାହସ ଆମର ନାହିଁ। କିନ୍ତୁ କେତେକ ନ୍ୟାୟାଧୀଶ ଦୁର୍ନୀତି ଏବଂ ଅନ୍ୟାୟର ବଶବର୍ତ୍ତୀ ହୋଇ ଜେଲ ଯାଉଥିବାର ଦୃଶ୍ୟ ସେ ସ୍ତମ୍ଭକୁ କଳଙ୍କିତ କଲା ଭଳି ପ୍ରତୀୟମାନ ହୁଏ। ଗଣମାଧ୍ୟମ ଗୋଟିଏ ସ୍ତମ୍ଭ, ଯାହାକି ଦୁନିଆର ସତ୍ୟ ଖବର ଲୋକଲୋଚନକୁ ଆଣିଥାଏ। ଦୁର୍ନୀତିର ମୁଖା ଖୋଲିଥାଏ। ଏଥିରେ ଯଦି କଳଙ୍କି ଲାଗେ ତେବେ ଗଣତନ୍ତ୍ର ଭୁଶୁଡ଼ିପଡ଼ିବ।

ବାସନ୍ତୀ ପଟ୍ଟନାୟକ, ଝୁମ୍ପୁରୀ, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଛତିଶଗଡ଼ରେ ମାଓବାଦୀଙ୍କ ଆତଙ୍କ ଯୋଗୁ ପ୍ରାଥମିକ ଶିକ୍ଷା ଯୋଜନା ହୋଇଛି ବାଟବଣା। ଏଠାରେ ବିଭିନ୍ନ ସ୍କୁଲକୁ ମାଓବାଦୀମାନେ ଭଙ୍ଗାରୁଜା କରିବା ପରେ କେତେକ ଆଦିବାସୀ ଅଞ୍ଚଳରେ ଝୁମ୍ପୁଡ଼ି ଘରେ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କରାଯାଇଛି। ନୁଆଁଣିଆ ଝୁମ୍ପୁଡ଼ିରେ ପାଠପଢ଼ା ଚାଲିଛି। ବସ୍ତର ଅଞ୍ଚଳରେ ମାଓବାଦୀମାନେ କେତେକ ସ୍କୁଲ ଘର ବୋମାମାଡ଼ରେ ଭାଙ୍ଗି ଦେବାରୁ ଏବେ ସେସବୁ ସ୍କୁଲ ଝୁମ୍ପୁଡ଼ି ଘରେ ଚାଲିଛି।




## ସଂକ୍ଷେପରେ

### ଗିରଫ ମାଓବାଦୀଙ୍କଠାରୁ ମିଳିଛି ମାଇକ୍ରୋ ବୋମା

**ମାଲକାନଗିରି,୮।୧୦(ଡି.ଏନ.ଏ):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲାର ଚିନ୍ତାଗୁମ୍ଫା ପୋଲିସ ରବିବାର ୧୬ ଜଣ ମାଓବାଦୀଙ୍କୁ ଗିରଫ କରିଥିଲା। ତେବେ ମାଓବାଦୀଙ୍କ ନିକଟରୁ ମିଳିଥିବା ବୋମା ମଧ୍ୟରୁ କିଛି ମାଇକ୍ରୋ ବୋମା ରହିଥିବା ଜଣାପଡ଼ିଛି। ଏହା ପୋଲିସକୁ ଆଶ୍ଚର୍ଯ୍ୟ କରିଛି। ଦିନକୁ ଦିନ ସେମାନେ ସେମାନଙ୍କ ରଣ କୌଶଳ ବଦଳାଇବା ସହ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏବେ ଏହି ମାଇକ୍ରୋ ବୋମା ପୋଲିସ ପାଇଁ ଚ୍ୟାଲେଞ୍ଜର ବିଷୟ ହୋଇଛି। ଲାଲବାହିନୀ ଏହାକୁ କେଉଁଠାରୁ କିପରି ଆଣୁଛି ତାର ଖୋଳତାଡ ଆରମ୍ଭ କରିବ ପୋଲିସ। ରବିବାର ଡିଆରଜି (ଡିଷ୍ଟ୍ରିକ୍ଟ ରିଜର୍ଭ ଗ୍ରୁପ୍) ଏବଂ ଏସ୍‌ଟିଏଫ (ସ୍ପେଶାଲ ଟାସ୍କ ଫୋର୍ସ) ଯବାନମାନେ ମିନପା ଗ୍ରାମ ଅଭିମୁଖେ କୋମ୍ବିଂ ଅପରେଶନକୁ ଯାଇଥିବାବେଳେ ସେମାନଙ୍କର ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ୧୬ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ବୋମା, ଔଷଧ, ମାଓବାଦୀ ସାମଗ୍ରୀ, ବ୍ୟାଗ୍ ଆଦି ଜବତ ହୋଇଥିଲା। ଏଥିରେ ମାଇକ୍ରୋ ବୋମା ରହିଛି। ଏହି ବୋମାକୁ ମାଓବାଦୀମାନେ ଜଙ୍ଗଲର ଶୁଖିଲା ପତ୍ର ତଳେ ଲୁଚାଇ ରଖିଥାନ୍ତି। କୋମ୍ବିଂ ଅପରେଶନରେ ଯବାନମାନେ ଗଲେ ଏହି ବୋମା ଫାଟିବା ଦ୍ୱାରା ଯବାନମାନେ ଗୁରୁତର ଆହତ ହୋଇଥାନ୍ତି। ଏହି ମାଇକ୍ରୋ ବୋମା ବହୁ ଶକ୍ତିଶାଳୀ ବୋଲି ଏସପି (ମାଓବାଦୀ ଅପରେଶନ) ଶଲାବ ସିହ୍ନା କହିଛନ୍ତି।

# ନିର୍ବାଚନ ପୂର୍ବରୁ ଭାଜପାର ସାଙ୍ଗଠନିକ ସମୀକ୍ଷା

ଭୁବନେଶ୍ୱର ୮।୧୦(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ରହିଛି। ତେଣୁ ସବୁ ଦଳ ନିଜର ସାଙ୍ଗଠନିକ ଶକ୍ତିକୁ ଦୃଢ କରିବାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କ୍ରମରେ ଭାଜପା ମଧ୍ୟ ନିଜ ସାଙ୍ଗଠନିକ ସମୀକ୍ଷା ପାଇଁ ଜୋରଦାର୍ ପ୍ରୟାସ ଚଳାଇଛି। ଶାସକ ଦଳ ବିରୋଧରେ ବିଭିନ୍ନ ଦୁର୍ନୀତି ଅଭିଯୋଗ ପ୍ରସଙ୍ଗ ଉଠାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଦଳର ଦୁଇ ଦିନିଆ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦଳ ତୃଣମୂଳସ୍ତରରେ କେତେ ମାତ୍ରାରେ ସଙ୍ଗଠିତ ହୋଇପାରିଛି ତା'ର ସ୍ଥିତି ପରଖିବ। ଶାସକ ଦଳ ବିରୋଧରେ ନିର୍ବାଚନ ଲଢିବା ପୂର୍ବରୁ ଲୋକଙ୍କୁ ନିଜ ସପକ୍ଷରେ ନେବାରେ ସଫଳ ହୋଇଛି ନା ନାହିଁ ତା'ର ମଧ୍ୟ ସମୀକ୍ଷା କରାଯିବ। ଏହି ପରିପ୍ରେକ୍ଷୀରେ ଚଳିତ ମାସ ଶେଷ ସପ୍ତାହଠାରୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ଭାଜପା ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟରେ ଆନ୍ଦୋଳନ କରିବ।

ସୋମବାର ଭାଜପା ରାଜ୍ୟ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତିର ମୁଖ୍ୟ କାର୍ପଟଦାର। ଏହା ବିରୋଧରେ ଭାଜପା ରାଜ୍ୟବ୍ୟାପୀ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ହାତକୁ ନେବ। ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ ଲାଗୁ କରିବା ପାଇଁ ଏକ କୋଟି ଓଡିଆଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରଧାନମନ୍ତ୍ରୀ ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଓଡିଆ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଷଡ଼ଯନ୍ତ୍ରକୁ ଓଡିଶାବାସୀ ଭଲରେ ଅନୁଭବ କରୁଛନ୍ତି। ଏହା ବିରୋଧରେ ଅକ୍ଟୋବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ ମୁଖ୍ୟାଳୟ ସମ୍ମୁଖରେ ଘେରାଉ ଓ ବିକ୍ଷୋଭ ସହ ହଲ୍ଲାବୋଲ କାର୍ଯ୍ୟକ୍ରମ କରାଯିବ । ବ୍ଲକଗୁଡିକ ଦୁର୍ନୀତି ଏବଂ ପିସିର କେନ୍ଦ୍ର ପାଲଟିଛି । ଆମ ଗାଁ ଆମ ବିକାଶ ଯୋଜନା ପିସିକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ଦିଷ୍ଟ । ଏହି ଯୋଜନାରେ ଲୋକ ଚାହୁଁଥିବା କାମ ହେଉ ନାହିଁ। ମାତ୍ର ବିଜେଡି ବିଧାୟକ ଓ ନେତାଙ୍କ ଯୋଜନାରେ ପାଣ୍ଠି ସଂଗ୍ରହ ପାଇଁ ଯୋଜନା ପ୍ରସ୍ତୁତ ହୋଇ ବିନା ଟେଣ୍ଡରରେ ଦଳୀୟ କର୍ମୀମାନଙ୍କୁ ଅର୍ଥ ଯୋଗାଯାଉଛି। ଏହା ବିରୋଧରେ ବିକ୍ଷୋଭ ସହ ପ୍ରତିବାଦ ସଭା କରାଯିବ । ନିଜସ୍ୱ ଖାଦ୍ୟ ସୁରକ୍ଷା ନାଁରେ ଦଳୀୟ କର୍ମୀମାନଙ୍କୁ ଚାଉଳ ଯୋଗାଣ ପାଇଁ ପ୍ରଶାସନିକ କଳକୁ ବ୍ୟବହାର କରାଯାଉଛି । ତାଲିକାକୁ ସାର୍ବଜନୀନ କରାଯାଉ ନାହିଁ ଏବଂ ବାଦ୍ ପଡୁଥିବା ଯୋଗ୍ୟ ହିତାଧିକାରୀଙ୍କ ଅଭିଯୋଗକୁ ଶୁଣିବାର କୌଣସି ବ୍ୟବସ୍ଥା ନାହିଁ । ଏହି ବିକ୍ଷୋଭରେ ସମସ୍ତ ପ୍ରସଙ୍ଗରେ ବିରୋଧ କରାଯିବ ବୋଲି ପଣ୍ଡା କହିଛନ୍ତି ।

ପଣ୍ଡା ଆହୁରି କହିଛନ୍ତି ଯେ, ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ, ପଞ୍ଚାୟତ, ବୁଥ ଓ ୱାର୍ଡ, ପଲ୍ଲୀ, ମୌଜା ତଥା ମଣ୍ଡଳସ୍ତରରେ ଜନଜାଗରଣ ପଦଯାତ୍ରା କରାଯିବ । ଏହି ପଦଯାତ୍ରା ଦ୍ୱାରା ୧୮ ବର୍ଷର ଶାସନରେ ବିଜେଡି ସରକାରର ସ୍ଥାଣୁତା, ଅପାରଗତା କାରଣରୁ ଲୋକ ଭୋଗୁଥିବା ଦୁଃଖ ଦୁର୍ଦ୍ଦଶାର ପ୍ରତିବାଦ କରାଯିବ। ଡିସେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପରିବର୍ତ୍ତନ ଯାତ୍ରା କରାଯିବ। ଏଥିରେ ରାଜ୍ୟର ନେତୃମଣ୍ଡଳୀଙ୍କ ସମେତ ରାଷ୍ଟ୍ରୀୟ ନେତୃତ୍ୱ ଯୋଗଦେବେ । ଓଡିଶାର ଲୋକ ଏକ ବଡ ପରିବର୍ତ୍ତନ ପାଇଁ ମାନସିକ ପ୍ରସ୍ତୁତି କରି ସାରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରତି ବିରୋଧ ଏବଂ ମୋଦିଙ୍କ ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ପ୍ରତି ବ୍ୟାପକ ଜନ ସମର୍ଥନ ଭାଜପା ମିଶନ ୧୨୦କୁ ସଫଳ କରିବ। ଏହାସହ ଅଧିକାଂଶ ଲୋକ ସଭା ଆସନ ବିଜୟ ପାଇଁ ପଥ ପରିଷ୍କାର କରିବ ବୋଲି ପଣ୍ଡା କହିଛନ୍ତି ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

- ଆସନ୍ତା ୨୭ରୁ ୩୦ପର୍ଯ୍ୟନ୍ତ ହଲ୍ଲାବୋଲ୍ କାର୍ଯ୍ୟକ୍ରମ
- ନଭେମ୍ବର ୧ରୁ ୩୦ ଯାଏ ଜନଜାଗରଣ ଯାତ୍ରା
- ଡିସେମ୍ବର ୧ରୁ ୩୦ ଯାଏ ପରିବର୍ତ୍ତନ ଯାତ୍ରା

■ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ମହଙ୍ଗା ପଡ଼ିଲା

# ସମୁଦ୍ରକୂଳ ଥାନା ଏଏସ୍‌ଆଇ ନିଲମ୍ବିତ

ପୁରୀ ଅଫିସ,୮।୧୦

କିଛିଦିନର ବ୍ୟବଧାନ ପରେ ପୁଣି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ଏଥର କୌଣସି ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ନୁହଁନ୍ତି ବରଂ ଭାଇରାଲ କରିଛନ୍ତି ଜଣେ ପୋଲିସ କର୍ମଚାରୀ। ସମୁଦ୍ରକୂଳ ଥାନାର ଏଏସ୍‌ଆଇ ଦିଲୀପ ପଣ୍ଡା ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ବାଇଶ ପାହାଚରେ ପିଣ୍ଡଦାନ ସମୟର ଫଟୋ ଅପ୍‌ଲୋଡ କରିଛନ୍ତି। ଏଥିପାଇଁ ପୁରୀ ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ ପଣ୍ଡାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଏବଂ ଫଟୋ ଉଠାଇବା ଉପରେ କଡ଼ା କଟକଣା ରହିଛି। କିନ୍ତୁ ସୋମବାର ଏଏସ୍‌ଆଇ ପଣ୍ଡାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତରର ଏକାଧିକ ଫଟୋ ଅପ୍‌ଲୋଡ ହୋଇଥିବା ଜଣାପଡ଼ିଥିଲା। ପିତୃପକ୍ଷ ଯୋଗୁ ବାଇଶ ପାହାଚରେ ପିଣ୍ଡଦାନ ଚାଲିଛି। ଏଏସ୍‌ଆଇ ପଣ୍ଡା ଧୋତି, ଗାମୁଛା ପରିଧାନ କରି ପିଣ୍ଡଦାନ କରୁଥିବାର ଫଟୋ ଏଥିରେ ରହିଛି। ଏହାବ୍ୟତୀତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଉଠାଇଥିବା ଫଟୋ ମଧ୍ୟ ରହିଛି। ଏହା ଜଣାପଡ଼ିବା ପରେ ଫଟୋଗୁଡ଼ିକ ତାଙ୍କ ଫେସ୍‌ବୁକ ଆକାଉଣ୍ଟରୁ ଡିଲିଟ୍ କରି ଦିଆଯାଇଛି। ଏ ସମ୍ପର୍କରେ ଏଏସ୍‌ଆଇ ପଣ୍ଡା କହିଛନ୍ତି, ମୁଁ ଏପରି କରିନାହିଁ। ମୋର ଜଣେ ସାଙ୍ଗକୁ ସିଂହଦ୍ୱାରରେ ମୋବାଇଲ ଦେଇ ଶ୍ରାଦ୍ଧ ଦେବାକୁ ଯାଇଥିଲି। ଶ୍ରାଦ୍ଧ ଦେବା ଭିତରେ ସେ କ'ଣ ଫଟୋ ଉଠାଇ ପୋଷ୍ଟ କରିଛି ମୁଁ ଜାଣିନାହିଁ। ଗଣମାଧ୍ୟମରୁ ଏ ସମ୍ପର୍କରେ ଜାଣିବାକୁ ପାଇଲି।

ଶ୍ରୀମନ୍ଦିର ଆଇନ ଅନୁଯାୟୀ ମନ୍ଦିର ଭିତରକୁ କେବଳ ୪ ଜଣ ବରିଷ୍ଠ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀ ମୋବାଇଲ ଫୋନ ନେଇପାରିବେ। ଏମାନଙ୍କ ଛଡ଼ା ଅନ୍ୟ କେହି ମୋବାଇଲ ଫୋନ ନେଲେ ଆଇନ ଅନୁଯାୟୀ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଯେହେତୁ ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ତେଣୁ ଏହାକୁ କଡ଼ାକଡ଼ି ପାଳନ କରିବା ଲାଗି ଚାରିଦ୍ୱାରରେ ଯାଞ୍ଚ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ଯାଉଛି। ଯଦି କୌଣସି ଭକ୍ତଙ୍କଠାରୁ ମୋବାଇଲ ଫୋନ ଜବତ କରାଯାଉଛି ତେବେ ତାଙ୍କଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ ହେଉଛି। କିନ୍ତୁ ଜଣେ ପୋଲିସ କର୍ମଚାରୀ ହୋଇ ବି ବେଆଇନ ଭାବେ ମନ୍ଦିର ଭିତର ଫଟୋ ଉଠାଇ ଏହାକୁ ନିଜ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।



# ମିସ୍ ଟିନ୍ ୟୁନିଭର୍ସ ହେଲେ ଓଡ଼ିଆ ଝିଅ ଲାବଣ୍ୟା

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଅନ୍ତର୍ଜାତୀୟସ୍ତରୀୟ ବିଉଟି ପ୍ୟାଜେଣ୍ଟରେ ପୁଣିଥରେ ଚମକିଛନ୍ତି ଓଡ଼ିଆ ଝିଅ। 'ମିସ୍ ଆଣ୍ଡ ମିଷ୍ଟର ଟୁରିଜମ୍ ଆମ୍ବାସାଡର ୟୁନିଭର୍ସ ୨୦୧୮'ରେ 'ମିସ୍ ଟିନ୍ ୟୁନିଭର୍ସ' ଟାଇଟଲ୍ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଭୁବନେଶ୍ୱରର ଲାବଣ୍ୟା ଦାସ। ରବିବାର ମାଲେସିଆରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସେ ନିଜର ଦକ୍ଷତା ଓ ବୁଦ୍ଧି ବଳରେ ବେଶପୋଷାକ ଏବଂ କ୍ରୀଡ଼ା ରାଉଣ୍ଡରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏହି ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ଉକ୍ତ ପ୍ରତିଯୋଗିତାରେ ବିଶ୍ୱର ମୋଟ ୨୫ଟି ରାଷ୍ଟ୍ରରୁ ୩୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଲାବଣ୍ୟା ଭାରତୀୟ କଳା, ସଂସ୍କୃତି ଓ ପର୍ଯ୍ୟଟନ ସହ ଓଡ଼ିଶାର ଉତ୍କୃଷ୍ଟ କଳା, ସଂସ୍କୃତିକୁ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲରେ ପଢୁଥିବା ଲାବଣ୍ୟା ଜଣେ ପ୍ରଫେଶନାଲ ମଡେଲ। ଗତବର୍ଷ ସେ କେରଳରେ ଅନୁଷ୍ଠିତ ପ୍ରି-ଟିନ୍ ଜୁନିୟର୍ ମଡେଲ ଇଣ୍ଟରନ୍ୟାଶନାଲ ଟାଇଟଲ୍ ଜିତି ଲୋକଲୋଚନକୁ ଆସିଥିଲେ। ନିଜର ସଫଳତା ପାଇଁ ମା', ବାପା, ପରିବାର ସଦସ୍ୟ ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଲାବଣ୍ୟା ସମସ୍ତ ଶ୍ରେୟ ଦେଇଛନ୍ତି।



# ଭାଜପା କାର୍ଯ୍ୟକ୍ରମକୁ ବିଜେଡି, କଂଗ୍ରେସର ସମାଲୋଚନା

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

- ସେମାନଙ୍କ ଭୟ ଏଥିରୁ ପ୍ରତିପାଦିତ ହେଉଛି: ବିଜେଡି
- କେବଳ ରାଜ୍ୟ ନୁହେଁ କେନ୍ଦ୍ରରେ ପରିବର୍ତ୍ତନ ପାଇଁ ଭାଜପା କାର୍ଯ୍ୟକ୍ରମ କରୁ: କଂଗ୍ରେସ

ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଉଠାଇ ଭାଜପା ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏନେଇ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ଗରିବ ବିରୋଧୀ ଆଭିମୁଖ୍ୟ ଏବଂ କେନ୍ଦ୍ରର ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଦଳ ପକ୍ଷରୁ ଲୋକମାନଙ୍କୁ ଅବଗତ କରାଇବାକୁ ଲମ୍ବା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି। ବିଜେଡି କିନ୍ତୁ ଭାଜପାର ଏହି କାର୍ଯ୍ୟକ୍ରମକୁ ସମାଲୋଚନା କରିଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଭାଜପାର ଲମ୍ବା କାର୍ଯ୍ୟକ୍ରମର ତାଲିକା ସେମାନଙ୍କର ଭୟକୁ ପ୍ରତିପାଦିତ କରୁଛି। କଂଗ୍ରେସ ମଧ୍ୟ ଭାଜପା ଉପରେ ଜୋରଦାର୍ ଭାବେ ବର୍ଷିଛି।

ପାତ୍ର କହିଛନ୍ତି ଯେ, କେନ୍ଦ୍ରର ଭାଜପା ସରକାର ଅଚ୍ଛେ ଦିନ୍‌ର ନାରା ଦେଇ ବହୁ ମିଥ୍ୟା ପ୍ରତିଶ୍ରୁତି ଲୋକମାନଙ୍କୁ ଦେଇଥିଲା। ସାଢେ ୪ବର୍ଷ ମଧ୍ୟରେ ସେମାନେ କରିଚାଲିଥିବା ପ୍ରତାରଣାକୁ ରାଜ୍ୟର ଜନସାଧାରଣ ଭଲରେ ବୁଝି ସାରିଛନ୍ତି। ଭାଜପା ଯେଉଁ ଜନଜାଗରଣ ଯାତ୍ରା କରିବାକୁ ଯାଉଛି ତାହା କେବଳ ଜୁମ୍‌ଲା ବୋଲି ଆନ୍ଦୋଳନରେ ପରିଣତ ହେବ। ଶାସନ କ୍ଷମତାକୁ ଆସିବା ପରେ ନିଜର ପ୍ରତିଶ୍ରୁତି ଭୁଲିଯିବା ଭାଜପାର ଅଭ୍ୟାସରେ ପରିଣତ ହୋଇଛି। ବିଜେଡି ପଦଯାତ୍ରାକୁ ଅନୁସରଣ କରି ଭାଜପା ଜନଜାଗରଣ ଯାତ୍ରା କରିବା ହାସ୍ୟାସ୍ପଦ। ଭାଜପାର ପରିବର୍ତ୍ତନ ଯାତ୍ରା ମଧ୍ୟ ସେମାନଙ୍କ ଭୟ ଓ ଆଶଙ୍କାକୁ ପ୍ରକାଶ କରିଛି। ଭାଜପା ଭଲରେ ବୁଝି ସାରିଛି ଦେଶରେ ଏକ ପରିବର୍ତ୍ତନର ସୁଅ ଛୁଟିଲାଣି, ଏଥିରେ ସେମାନେ ଭାସିଯିବେ ବୋଲି ପାତ୍ର କହିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ଭାଜପା କେବଳ ଓଡିଶା ନୁହେଁ ବରଂ କେନ୍ଦ୍ରରେ ମଧ୍ୟ ସରକାର ପରିବର୍ତ୍ତନ ପାଇଁ ରାଜ୍ୟବ୍ୟାପୀ ଯାତ୍ରା କରୁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ ବିରୋଧୀ ଆଭିମୁଖ୍ୟରେ ସାଧାରଣ ଲୋକେ ନିରାଶ ହୋଇପଡିଲେଣି। ରାଜ୍ୟ ଓ ଦେଶର ଅର୍ଥନୈତିକ ବ୍ୟବସ୍ଥା ଭୁଶୁଡି ପଡିଲାଣି। ଆମେ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଦେଶରେ ପରିବର୍ତ୍ତନ ଚାହୁଁଛୁ ବୋଲି ରାଉତ କହିଛନ୍ତି।




■ ପୁରୀ ହିଂସା, ପୁଣି ୧୫ ଗିରଫ

# ଗିରଫଦାରି ସଂଖ୍ୟା ୫୭ ଛୁଇଁଲା

**ପୁରୀ ଅଫିସ,୮।୧୦:** ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢ଼ିବାରେ ଲାଗିଛି। ପୋଲିସର ଗିରଫଦାରି ମଧ୍ୟ ବଢୁଛି। ପୂର୍ବରୁ ପୋଲିସ ୪୨ ଜଣଙ୍କୁ ଗିରଫ କରିଥିବାବେଳେ ସୋମବାର ଆଉ ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇଦିଆଯାଇଛି। ଟାଉନଥାନାର ଏଏସ୍‌ଆଇ ଜିତେନ୍ଦ୍ର କୁମାର ଗୁମାନସିଂଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୬୭/୧୮) ରୁଜୁ ହୋଇଥିଲା। ଏଥିରେ ଚୋରି, ଡକାୟତି, ହତ୍ୟା ଉଦ୍ୟମ, ମହିଳାଙ୍କୁ ଦୁର୍ବ୍ୟବହାର, ସରକାରୀ ସମ୍ପତ୍ତି କ୍ଷତି ଭଳି ୧୫ରୁ ୧୬ଟି ସଙ୍ଗୀନ ଦଫା ଲାଗିଛି। ଏହି ମାମଲାରେ ୫୦ ଜଣଙ୍କ ନାମ ରହିଥିବା ବେଳେ ଆହୁରି ଅନେକ ସାମିଲ ଥିବା ଦର୍ଶାଯାଇଛି। ଏହି କେସ୍‌ରେ ଟାଉନ ଥାନା ପୋଲିସ ସୋମବାର ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହି ରାଧାଗୋବିନ୍ଦ ଲେନ୍‌ର ତ୍ରିଶକ୍ତି ପ୍ରଧାନ, ଚୁଡ଼ଙ୍ଗ ସାହିର ଅଭିଷେକ ବେହେରା, ମାର୍କଣ୍ଡେଶ୍ୱର ସାହିର ତୃପ୍ତି ବେହେରା, ଲବଣିଖିଆ ଛକ ଅଞ୍ଚଳର ସୁବ୍ରତ ନାୟକ, ମାଟିତୋଟା ଅଞ୍ଚଳର ବିପ୍ଳବ ପଣ୍ଡା, ସତ୍ୟବାଦୀ ଥାନା ରାୟଚକ୍ରଧରପୁରର ରବିନାରାୟଣ ପାତ୍ର, ପୁରୀରେ ରହୁଥିବା ଖଣ୍ଡପଡ଼ା ଥାନା କଣ୍ଟିଲୋର ଶ୍ରୀକାନ୍ତ ମାଝି ଓ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍‌ର ମହାବୀର ମହାନ୍ତି।

ସେହିପରି ସିଂହଦ୍ୱାର ଥାନା ପୋଲିସ ସିଂହଦ୍ୱାର ଫାଣ୍ଡି ଭଙ୍ଗାରୁଜା ଘଟଣାରେ ସୋମବାର ପୁଣି ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାସେଳିସାହି ମୁଦୁଲି ଜାଗାର ନୃସିଂହ ପ୍ରଧାନ, ହାଡ଼ଗୋଡ଼ିଆ ସାହିର ବିକ୍ରମ ମୁଦୁଲି, ବାସେଳିସାହି ବଡ଼ ଓଡ଼ିଆ ମଠ ଛକ ଅଞ୍ଚଳର ସନ୍ତୋଷ ବେହେରା, ମଙ୍ଗଳା ଘାଟର ଦେବୀ ପ୍ରସନ୍ନ ମହାପାତ୍ର, ଅଜିତ କୁମାର ମହାପାତ୍ର, ବିମାନବଡୁ ସାହିର ନୀଳକଣ୍ଠ ଦାସ ଓ ଦୋଳମଣ୍ଡପ ସାହି ପାତ୍ର ଲେନର ନୃସିଂହ ରଥ। ସୂଚନାଯୋଗ୍ୟ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ସହରରେ ବ୍ୟାପକ ହିଂସା ଘଟିଥିଲା।




## CLASSIFIED DISPLAY












ଧରିତ୍ରୀ DHARITRI
ବାଲେଶ୍ୱର, ମଙ୍ଗଳବାର, ୯ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ଭାଜପାରେ ମିଶିଲେ ଶତାଧିକ ମହିଳା

ବାଲେଶ୍ୱର ଅଫିସ, ୮।୧୦: ବାଲେଶ୍ୱର ଭାଜପା ଜିଲା କାର୍ଯ୍ୟାଳୟରେ ଭାଜପା ନଗର ମହିଳା ମୋର୍ଚ୍ଚା ତରଫରୁ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦଳୀୟ କାର୍ଯ୍ୟାଳୟକୁ ଆସି ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ମହୁଆ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲାସଭାପତି ମଦନମୋହନ ଦତ୍ତ ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦିକା ସଂଯୁକ୍ତା ମହାପାତ୍ର, ଲିନା ସାହୁ, ତାରାତୁନ ନେସା ପ୍ରମୁଖ ଉପସ୍ଥିତ ଥିଲେ।

## ଉଠାଦୋକାନୀଙ୍କୁ ଥଇଥାନ ବଦଳରେ ଗିରଫ

# ୩ ଘଣ୍ଟା ଥାନା ଘେରାଉ

ବାଲେଶ୍ୱର ଅଫିସ, ୮।୧୦

ବାଲେଶ୍ୱର ସହର ଉଠାଦୋକାନୀମାନଙ୍କୁ ପୌର କର୍ତ୍ତୃପକ୍ଷ ଉଚ୍ଛେଦ କରି ଥଇଥାନ କରୁନାହାନ୍ତି। ଏହାର ପ୍ରତିବାଦ କରି ସୋମବାର ପୂର୍ବାହ୍ନରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ବାସଭବନ ସମ୍ମୁଖରେ ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ପୋଲିସ ଧାରଣାସ୍ଥଳରେ ଜିଲାସଭାପତି ଆବିଦ ଖାନ୍, ସମ୍ପାଦକ ମୋହିନୀ ମୋହନ ପରିଡ଼ା ଏବଂ ସେଖ୍ ଅଜିଜୁର୍ ରହେମାନଙ୍କୁ ଗିରଫ କରି ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ୩ ଶହରୁ ଊର୍ଦ୍ଧ୍ୱ ଉଠାଦୋକାନୀ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସହଦେବଖୁଣ୍ଟା ଥାନା ଘେରାଉ କରିଥିଲେ। ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ ଅପରାହ୍ନରେ ଛଡାଯିବା ପରେ ବିକ୍ଷୋଭକାରୀମାନେ ଥାନାରୁ ଆସିଥିଲେ।


ଓଡ଼ିଶା ପଥ ବିକ୍ରେତା ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଧାରଣା।

ଶନିବାର ଓଡ଼ିଶା ପଥ ବିକ୍ରେତା ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଗାନ୍ଧୀ ସ୍ମୃତି ଭବନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ଉଚ୍ଛେଦ କରାଯାଇଥିବା ଉଠାଦୋକାନଙ୍କୁ ଥଇଥାନ କରାଯିବାକୁ ଜୋରଦାର ଦାବି କରାଯାଇଥିଲା। ଗତ ୨୦୧୪-୧୫ ମସିହାରୁ ପୌରପରିଷଦ ତରଫରୁ ୨ହଜାର ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ମାତ୍ର ୧୦ଜଣଙ୍କୁ ଥଇଥାନ କରି ଦାୟିତ୍ୱ ସାରି ଦିଆଯାଇଥିବା ନ୍ୟାଶନାଲ ହକର ଫେଡେରେଶନ୍‌ର ସର୍ବଭାରତୀୟ ଉପସାଧାରଣ ସମ୍ପାଦକ ଜୟନ୍ତ ଦାସ ଅଭିଯୋଗ କରିଛନ୍ତି। ଓଡ଼ିଶା ପଥ ବିକ୍ରେତା ସଂଘର ଜିଲା ସମ୍ପାଦକ ମୋହିନୀ ମୋହନ ପରିଡ଼ା, ରାମଚନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ପରିଡ଼ା, ଅଭିରାମ ବାରିକ, ସହଦେବ ମହାନ୍ତି, କୁଳମଣି ସାହୁ, ପୂର୍ଣ୍ଣ ଦାସ, ଅଜୟ ନାୟକ, ଦୀନବନ୍ଧୁ ସାହୁ, ସୁଧାଂଶୁ ଶାହା, ମନୋରଞ୍ଜନ ଆଶ୍, ଟିପିରୀ ସିଂ, ଜୟନ୍ତୀ ଦାସ, ରୀନା ମିଶ୍ର ପ୍ରମୁଖ ନେତୃତ୍ୱ ଧାରଣା ଦିଆଯାଇଥିଲା।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ରଙ୍କୁଣୀ ଫୁଲୁଛି;**
**ଗୋଦର ଗୋଡ଼କୁ ଲୁହା ଶିକୁଳି,**
**ଗାଁ ଚାରିପାଖ ବୁଲୁଛି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି, ଯାହାକି ଅନ୍ୟ ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ବେଢ଼ଙ୍ଗିଆ ନାରୀ ବେଶପଟା ହୋଇ ଚାରିଆଡ଼େ ବୁଲି ନିଜକୁ ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତା' କାଣ୍ଡୋଇ ଗୁଣ ସେ କାହୁଁ ଛାଡ଼ିବ ?**
**କଂସା ଗିନା ହୋଇଛି କି ବଦଳି ପଡ଼ିବ ?**

କଳହପ୍ରିୟ ବ୍ୟକ୍ତି କଳିର ଯଥାର୍ଥ କାରଣ ନ ଥାଇ ମଧ୍ୟ କଳି କରିବାକୁ ଆଗଭର ହୋଇଯାଇଥାନ୍ତି। ଅଯଥାରେ କଳି କରିବା ସେମାନଙ୍କ ପ୍ରକୃତି ହୋଇଥାଏ। ସାଧାରଣତଃ ମଣିଷ ତା'ର ଜନ୍ମଗତ ପ୍ରକୃତିକୁ କେବେ ଛାଡ଼ି ପାରି ନ ଥାଏ। କଂସା ଗିନା ଭାଙ୍ଗିରୁଜି ଗଲେ ତାକୁ ବଦଳାଇ ଦେଇ ହୋଇଥାଏ ପରନ୍ତୁ, ଯାହାର ଯେପରି ସ୍ୱଭାବ ରହିଥାଏ ତାକୁ ବଦଳା ଯାଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରାଜ୍ୟସ୍ତରୀୟ ଫୁଟବଲ: ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ସଫଳତା

ବାଲେଶ୍ୱର ଅଫିସ, ୮।୧୦

ରେଲିଆନ୍ସ ଫାଉଣ୍ଡେସନ୍ ତରଫରୁ ଭୁବନେଶ୍ୱରର ସୈନିକ ସ୍କୁଲ ପଡ଼ିଆରେ ସୋମବାର ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ୍‌ର ପ୍ରଥମ ପର୍ଯ୍ୟାୟରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଫୁଟବଲ ଟିମ୍ ଓ ଭୁବନେଶ୍ୱର ଚନ୍ଦ୍ରଶେଖରପୁରର ଡିଏଭି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଫୁଟବଲ ଟିମ୍ ୨ଟି ଗୋଲ ଦେଇ ଡିଏଭି ସ୍କୁଲକୁ ପରାସ୍ତ କରିଥିଲେ। ଯୁକ୍ତ୨ ପ୍ରଥମବର୍ଷ କଳା ଛାତ୍ର ଅନନ୍ତ ମାରାଣ୍ଡିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପୂର୍ବାହ୍ନରେ ବିଜେବି ଜୁନିୟର କଲେଜ ବିପକ୍ଷରେ ବିଜୟୀ ହୋଇଥିବା ଭୁବନେଶ୍ୱରର ସୈନିକ ସ୍କୁଲ ଫୁଟବଲ ଟିମ୍ ସହିତ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଫୁଟବଲ ଟିମ୍‌ର ଶେଷ ମ୍ୟାଚ୍ ଦୁର୍ଗାପୂଜା ପରେ ହେବ ବୋଲି ଜଣାଯାଇଛି।


ବିଜୟୀ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଟିମ୍।

## ଆୟୁଷ୍ମାନ ଯୋଜନା ଲାଗୁ ଦାବିରେ ଜନଜାଗରଣ ସଭା

ବାଲିଆପାଳ,୮।୧୦(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରିବା ଦାବିରେ ଭାଜପା ପକ୍ଷରୁ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜନଜାଗରଣ ଯାତ୍ରା ପ୍ରମୁଖ ଅରବିନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ଜ୍ୟୋତ୍ସ୍ନାରାଣୀଙ୍କ ସ୍ମୃତିଚାରଣ

ଭୋଗରାଇ, ୮।୧୦(ଡି.ଏନ.ଏ.)

ଭୋଗରାଇ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଜେନା ଥିଲେ ଜ୍ଞାନ ଜଗତର ଆଲୋକ ବର୍ତ୍ତିକା। ସେ ଏହି ମହାବିଦ୍ୟାଳୟରେ ୨୬ବର୍ଷ ଧରି ଶିକ୍ଷାଦାନ କରିବା ସହ ଆଦର୍ଶମୟ ଶିକ୍ଷାନୁଷ୍ଠାନ ଗଢ଼ି ତୋଳିଥିଲେ। ତାଙ୍କ ବିୟୋଗ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ସୋମବାର ସ୍ୱର୍ଗୀୟା ଜ୍ୟୋତ୍ସ୍ନାରାଣୀଙ୍କ ଏକାଦଶାହ ସ୍ମରଣ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ଭୋଗରାଇ ଗାଁରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ସମ୍ପାଦକ ପଙ୍କଜାକ୍ଷ ପଣ୍ଡା ପୌରୋହିତ୍ୟ କରିଥିଲେ। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା କଳ୍ପନା ଭଞ୍ଜ, ଶିକ୍ଷାବିତ୍ ଲୋକନାଥ ପାଣିଗ୍ରାହୀ, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ସରପଞ୍ଚ ପ୍ରବୀର କୁମାର ଗିରି, ସମିତିସଦସ୍ୟ ସୁନୀଲ କୁମାର କର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଜ୍ୟୋତ୍ସ୍ନାୟନ' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।


ସ୍ମୃତିଚାରଣ ସଭାରେ ବିଶିଷ୍ଟ ଅତିଥି ଓ ଛାତ୍ରୀଗଣ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ। ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର, ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। ସୁଧ 2%, ରିହାତି 50%। ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ। ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ - 55 ଲକ୍ଷ, ଭଡ଼ା - 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ। ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦରେ ଉପଲବ୍ଧ। ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

| TARIFF | MORE SPACE • SAME PRICE | | | | | | | | *GST 5% Extra |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | | |
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି। ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ
କି-୭୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଆଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ। 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବାସୁଦେବପୁର, ୮।୧୦(ଡି.ଏନ.ଏ.)- ବାସୁଦେବପୁର ଥାନା ଅଧୀନ ମନ୍ଦାରୀ ଅଞ୍ଚଳର ଜଣେ ମଧ ବୟସ୍କା ମହିଳାଙ୍କୁ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ବେଳେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ମହିଳା ମରିଯାଇଥିବା ଜାଣିବା ପରେ ତାଙ୍କୁ ଡାକ୍ତରଖାନା ନେଇ ଆସିଥିବା ମହିଳାଙ୍କ ସମ୍ପର୍କୀୟ ମାନେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ତାଙ୍କ ପରିଚୟ ନ ଦେଇ ତରବରିଆ ଭାବେ ଡାକ୍ତରଖାନାରୁ ନେଇ ପଳାଇ ଯାଇଥିଲେ। ଏହି ମହିଳାଙ୍କର କେଉଁ କାରଣ ପାଇଁ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କର ପରିଚୟ ମଧ ମିଳିପାରିନାହିଁ।

### ବ୍ଲକ ପର୍ଯ୍ୟବେକ୍ଷକଙ୍କ ଜନସଚେତନତା କାର୍ଯ୍ୟକ୍ରମ

ବାରିପଦା ଅଫିସ,୮।୧୦- ଶୁଳିଆପଦା ବ୍ଲକ ଅନ୍ତର୍ଗତ ସିଙ୍ଗଡା ଓ ବାଲିଲୁଳିଆ ଅଞ୍ଚଳକୁ ବିଜୁ ଜନତା ଦଳର ଶୁଳିଆପଦା ବ୍ଲକ ପର୍ଯ୍ୟବେକ୍ଷକ ସଂଯୁକ୍ତା ଦାସଗୁପ୍ତା ଗସ୍ତ କରିଛନ୍ତି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ପର୍ଯ୍ୟବେକ୍ଷକ ଦାସଗୁପ୍ତା ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହିତ ଯୋଜନାର ସୁଫଳ ଉଠାଇବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ପରମାନନ୍ଦ ନାଏକ, ଜିଲା ସମ୍ପାଦକ ସନ୍ତୋଷ କୁମାର ସି, ପଞ୍ଚାୟତ ସଭାପତି ମୁରଲିଧର ଥୟାଳ, ସାମାଜିକ କର୍ମୀ ହାଡିବନ୍ଧୁ ଧଳ, ରଶ୍ମି ଧଳ, ସୁମନ୍ତ ଭଞ୍ଜଦେଓ, ବିରେନ୍ଦ୍ର କୁମାର ଧୀର, ଯୁବ ବାହିନୀ ସମ୍ପାଦକ ବାଦଲ ରାଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ମଧ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କା, ୨ ଗୁରୁତର

ବାସୁଦେବପୁର, ୮।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର- ଜାମୁଝାଡି ରାସ୍ତାର ବିଦ୍ୟୁତ ମାର୍ଗରେ ସୋମବାର ସକାଳେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲିନଗର ଗ୍ରାମର ବାବୁଲା ମହାକୁଡ ଓ ଆଡିଆ ଗ୍ରାମର ଦୀନା ମହାଳିକ। ସ୍ଥାନୀୟ ଲୋକେ ଉଦ୍ଧାର କରି ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରେ ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି।

### ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ରାଇସୁଆଁ, ୮।୧୦(ଡି.ଏନ.ଏ.): ସଦର ବ୍ଲକ ପଦ୍ମପୁର ମହାଲକ୍ଷ୍ମୀ ପଡ଼ିଆରେ ପଦ୍ମପୁର ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ ମ୍ୟାଚରେ ବଣୁଆଁ ଓ ରୁକୁଣାପୁର ମଧରେ ହୋଇଥିଲା। ମ୍ୟାଚରେ ବଣୁଆଁ ବିଜୟୀ ହୋଇଥିଲା। ମ୍ୟାଚରେ ରାଜେନ୍ଦ୍ର ଦେଓ ରେଫରୀ, ଜନ୍ମେଜୟ ସାହୁ, କୁଶ ଦେହୁରି ମ୍ୟାଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ଲକ୍ଷ୍ମୀପୂଜା ପ୍ରସ୍ତୁତି ଅବସରରେ ହୋଇଥାଏ। ଏଥିରେ ୮ ଦଳ ଭାଗ ନେଇଛନ୍ତି। ୧୪ ତାରିଖରେ ଉଦ୍‌ଯାପିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି। ଲକ୍ଷ୍ମୀପୂଜା କମିଟିର ସମ୍ପାଦକ ଉତ୍ତମ ସାହୁଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଯ୍ୟାମି ସାହୁ, ସଞ୍ଜୀବ ସାହୁ, ଗୋଲକ ସାହୁଙ୍କ ସହ ଲକ୍ଷ୍ମୀପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ ଆନ୍ତଃ ରାଜ୍ୟ ଖୋଖୋ ପ୍ରତିଯୋଗିତା

# ଭାଗ ନେଲେ ୮ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର

ଆନନ୍ଦପୁର, ୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଗୋହିରାଠାରେ ଥିବା ଆନନ୍ଦପୁର ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ ପରିସରରେ ସୋମବାରଠାରୁ ସିବିଏସଇ କ୍ଲଷ୍ଟର-୨ ଖୋଖୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗ, ଛତିଶଗଡ ଓ ଓଡ଼ିଶାର ୬୦ ସ୍କୁଲରୁ ୮୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ (ଛାତ୍ରୀଛାତ୍ର) ଭାଗ ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ କରି କେନ୍ଦୁଝର ଜିଲାରେ ସିବିଏସିର ଏଭଳି ଏକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଜିଲାକୁ ଗୌରବାନ୍ୱିତ କରିଥିବା ମନ୍ତ୍ରୀ ପାତ୍ର କହିଛନ୍ତି। ଆନନ୍ଦପୁର ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲଠାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ସିବିଏସଇ ଅନ୍ତରାଜ୍ୟ ଖୋଖୋ ପ୍ରତିଯୋଗିତାକୁ ନେଇ ଆୟୋଜନ କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ସ୍ଥାନୀୟ ଲୋକେ ବେସ ଖୁସୀ ଅନୁଭବ କରିଛନ୍ତି। ଉକ୍ତ ପ୍ରତିଯୋଗିତାର ଆୟେଜନ ପାଇଁ ରାଜ୍ୟର ଅନେକ ଗୁଡିଏ ସ୍କୁଲ ଆବେଦନ କରିଥିଲେ। ଆନନ୍ଦପୁରର ସ୍କୁଲକୁ ଆୟୋଜକ ଦାୟିତ୍ୱ ମିଳିଥିବାରୁ ସ୍କୁଲର ଟ୍ରଷ୍ଟି ଅଶୋକ କୁମାର ପୁହାଣ ବେଶ୍ ଉତ୍ସାହିତ ଅଛନ୍ତି।

ଆନନ୍ଦପୁର ଭଳି ଏକ ଛୋଟ ସହରରେ ଏଭଳି ଅନ୍ତରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଓ ଖେଳାଳିମାନଙ୍କ ରହିବା ସୁବିଧା ନେଇ ବେଶ ପ୍ରସଂଶା ମଧ କରାଯାଇଛି। ୧୭ ଓ ୧୯ ବର୍ଷ ବୟସରୁ ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ଆରମ୍ଭ ହୋଇଛି।


ପଡ଼ିଆରେ ଛାତ୍ରୀଛାତ୍ର ଖୋଖୋ ଖେଳୁଛନ୍ତି।

# ପୁରୀ ଗଲେ ତୀର୍ଥଯାତ୍ରୀ

ଭଦ୍ରକ ଅଫିସ, ୮।୧୦

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଚରମ୍ପା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଆହତ ହୋଇଥିବା ୧୫ ଜଣ ଯାତ୍ରୀ ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ସହ ଅନ୍ୟ ୧୭ଜଣଙ୍କୁ ଜିଲା ପ୍ରଶାସନ ଓ ଭଦ୍ରକ ବସ୍ ସିଣ୍ଡିକେଟର ମିଳିତ ସହଯୋଗରେ ଭେଙ୍କେଟେଶ୍ୱର ନାମକ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ପଠାଯାଇଛି। ଗୁରୁତର ଅସୁସ୍ଥ ଥିବା ଅନ୍ୟ ୨ ତୀର୍ଥଯାତ୍ରୀ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ତୀର୍ଥଯାତ୍ରୀ ବସ୍ ଡ୍ରାଇଭରଙ୍କ ସମେତ ମୃତ ୨ ଜଣଙ୍କ ସମ୍ପର୍କୀୟ ଉତ୍ତରପ୍ରଦେଶରୁ ଆସି ସୋମବାର ମଧ୍ୟାହ୍ନରେ ଭଦ୍ରକରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଲେଖାଏ ଉଭୟଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରେ ବ୍ୟବଚ୍ଛେଦ ମୃତଦେହକୁ ଏକ ସ୍ୱତନ୍ତ୍ର ଏସି ଆମ୍ବୁଲାନ୍ସ ଯୋଗେ ଉତ୍ତରପ୍ରଦେଶକୁ ପଠାଯାଇଛି। ପ୍ରଶାସନିକ ଅଧିକାରୀଙ୍କ ସମେତ ବସ୍ ସିଣ୍ଡିକେଟ ପକ୍ଷରୁ ଶ୍ରୀନିବାସ ପତି, ପ୍ରଦୀପ କୁମାର ଦାସ, ନିଶିକାନ୍ତ ପଣ୍ଡା, ଭଦ୍ରକ ସଦର ଆର୍‌ଆଇ ନରେଶ ମହାନ୍ତି, ଟାଉନ ଥାନାଧିକାରୀ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି ଶବ ପଠାଇବା ବ୍ୟବସ୍ଥା କରିଥିଲେ। ମଧ୍ୟାହ୍ନରେ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରୁ ପୁରୀ ତୀର୍ଥ ପାଇଁ ସ୍ୱତନ୍ତ୍ର ବସ୍ ଯୋଗେ ପଠାଯାଉଥିବା ସମୟରେ ଉତ୍ତରପ୍ରଦେଶର ଯାତ୍ରୀମାନେ ଏଭଳି ଏକ ମହାବିପତ୍ତି ସମୟରେ ସ୍ଥାନୀୟ ଯୁବଗୋଷ୍ଠୀ, ପୋଲିସ, ବସ୍ ସିଣ୍ଡିକେଟ, ଟ୍ରକ ଓନର ଆସୋସିଏଶନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ସହଯୋଗ ସେମାନେ କେବେ ବି ଭୁଲିବେ ନାହିଁ ବୋଲି ଭାବାବେଗ କଣ୍ଠରେ ପ୍ରତିକ୍ରିୟା ରଖି ପୁରୀ ଯାତ୍ରା କରିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ତୀର୍ଥଯାତ୍ରୀମାନେ ପୁରୀରେ ପହଞ୍ଚି ବୁଲାବୁଲି କରୁଥିବା ଜଣାପଡ଼ିଛି।


ପୁରୀରେ ପହଞ୍ଚିଥିବା ତୀର୍ଥଯାତ୍ରୀମାନେ।

■ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଉତ୍ତରପ୍ରଦେଶ ପଠାଗଲା ୨ ମୃତଦେହ

## ୩୦ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ଜେଏମଏମ

ବାରିପଦା ଅଫିସ, ୮।୧୦

ଆସନ୍ତା ସାଧାରଣ ନିର୍ବାଚନରେ ମୟୂରଭଞ୍ଜ, ସୁନ୍ଦରଗଡ, ସମ୍ବଲପୁର, କେନ୍ଦୁଝର, ବାଲେଶ୍ୱର, ଯାଜପୁର (କଳିଙ୍ଗନଗର) ଏବଂ ଫୁଲବାଣି ଆଦି ଜିଲାର ୩୦ ଗୋଟି ବିଧାନସଭା ଓ ଗୋଟିଏ ଲୋକସଭାରେ ଜେଏମଏମ ପକ୍ଷରୁ ପ୍ରାର୍ଥୀ ଦିଆଯିବ। ଏ ନେଇ ପୂର୍ବତନ ବିଧାୟକ ତଥା ଜେଏମଏମର କେନ୍ଦ୍ରୀୟ କମିଟି ସଭ୍ୟ ଅଜେନ ମୁର୍ମୁ ସୋମବାର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ କେବଳ ମୟୂରଭଞ୍ଜ ଜିଲାର ୭ ଟି ବିଧାନସଭା ଓ ମୟୂରଭଞ୍ଜ ଲୋକସଭାରେ ପ୍ରାର୍ଥୀ ଦିଆଯିବ। ରବିବାର ଝାଡଖଣ୍ଡ ରାଜଧାନୀ ରାଞ୍ଚିସ୍ଥିତ ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜେଏମଏମ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଏ ନେଇ ଆଲୋଚନା ହୋଇଛି । ନିକଟରେ ବିଜେଡିର ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ ଦଳରେ ଯୋଗ ଦେବା ପରେ ଦଳ ଆହୁରି ମଜବୁତ ହୋଇଛି। ଆଗକୁ ଆହୁରି ବିଜେଡି, ଭାଜପା ଓ କଂଗ୍ରେସର ଆଗ ଧାଡିର ନେତାମାନେ ଜେଏମଏମରେ ସାମିଲ ହେବେ ବୋଲି ମଧ ସେ ସୂଚନା ଦେଇଛନ୍ତି।

■ ଅଭିଯୋଗ ସତ୍ତ୍ୱେ ଶୁଣିଲାନି ପ୍ରଶାସନ

## ରାସ୍ତା ମରାମତି କଲେ ଛାତ୍ରୀଛାତ୍ର

କୋଳିମାଟି, ୮।୧୦

ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତ କୋଳିମାଟି ଗ୍ରାମ କେନ୍ଦୁଡିହା ସାହିର ଶୋଚନୀୟ ରାସ୍ତାକୁ ଛାତ୍ରୀଛାତ୍ର ମରାମତି କରିଛନ୍ତି। ଦୀର୍ଘ ବର୍ଷ ହେବ ଉକ୍ତ ରାସ୍ତାରେ ମାଟି ମୁଠାଏ ପଡ଼ିନାହିଁ। ବର୍ଷା ଦିନରେ ଲୋକେ ହଇରାଣ ହେଉଛନ୍ତି। ସ୍କୁଲ ପିଲାମାନେ ବିଦ୍ୟାଳୟକୁ ଯାଇ ପାରୁନାହାନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଖଟିଆରେ ବୋହି ନେବାକୁ ପଡ଼ିଥାଏ। ରାସ୍ତା ତିଆରି କରିବା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଲୋକେ ଅଭିଯୋଗ କରିଥିଲେ। କେହି କର୍ଣ୍ଣପାତ କରିନାହାନ୍ତି। କାଦୁଅ ପଚପଚ ରାସ୍ତାକୁ ଦେଖି କୋଳିମାଟି ଗ୍ରାମର ଅଲିଭା ଦୀପ ଯୁବ ଶିକ୍ଷା କେନ୍ଦ୍ରର କୁନି ପିଲାମାନେ ବାଲି ଗୁଡି ମାଟି ପକାଇ ସମତୁଲ କରିଛନ୍ତି। ରବିବାର ସକାଳେ ଏକାଠି ହୋଇ କୋଦାଳ, ଗାଙ୍ଗୁଲା, ଶାବଳ, ଗାଣ୍ଡୁଆ ଆଦି ଧରି ରାସ୍ତା ତିଆରି କରିଛନ୍ତି। ଏହି କାର୍ଯ୍ୟକୁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

## ଝାମ୍ପି ନେଲେ ସୁନାଚେନ୍

ଭଦ୍ରକ ଅଫିସ, ୮।୧୦

ଭଦ୍ରକ ସହରରେ ଲୁଟେରାଙ୍କ ଆତଙ୍କ ଥମିବାର ନାଁ ଧରୁନି। ଟାଉନ ଥାନାଠାରୁ ମାତ୍ର ୫୦ ମିଟର ଦୂର ବ୍ଲକ କଲୋନୀ ରାସ୍ତାରୁ ସୋମବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଛନ୍ତି ଲୁଟେରା। ସୋମବାର ସନ୍ଧ୍ୟାରେ ପାୱାରକଟ୍‌ର ସୁଯୋଗ ନେଇ ଜଣେ ଲୁଟେରା ବାଇକ୍‌ରେ ଆସି ବ୍ଲକ କଲୋନୀ ପରିସର ଭଦ୍ରକ ବିଡିଓଙ୍କ ସରକାରୀ କ୍ୱାର୍ଟର୍ସ ସମ୍ମୁଖରୁ ଲକ୍ଷ୍ମୀଧର ପଣ୍ଡାଙ୍କ ସ୍ତ୍ରୀ ଚଞ୍ଚଳା ପଣ୍ଡାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଯାଇଛନ୍ତି। ଏନେଇ ଚଞ୍ଚଳା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

■ ଅର୍ବାନ ବ୍ୟାଙ୍କ ସାଧାରଣ ସଭା

# ପୁନଃ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ବ୍ୟାଙ୍କର ସଭାପତି ଓ ଅନ୍ୟମାନେ।

ବାରିପଦା ଅଫିସ, ୮।୧୦

ବାରିପଦା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ଲିମିଟେଡର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ସହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ଗିରିଧାରୀ ପୃଷ୍ଟିଙ୍କ ସଭାତିତ୍ୱରେ ଅନୁଷ୍ଠିତ ବୈଠକରେ ଶତାଧିକ ଅଂଶିଦାର ଓ ଜମାକାରୀ ଉପସ୍ଥିତ ଥିଲେ। ପୃଷ୍ଟି ବୈଠକରେ ବ୍ୟାଙ୍କର ସ୍ଥିତି ସମ୍ପର୍କରେ ସମସ୍ତଙ୍କ ଅବଗତ କରାଇବା ସହତ ଜମାକାରୀଙ୍କ ଜମା ଟଙ୍କା ଫେରସ୍ତ ଏବଂ ବ୍ୟାଙ୍କକୁ ପୁନଃକ୍ଷମ କରିବା ପାଇଁ ପରାମର୍ଶ ଦେଇଥିଲେ। ସଭାରେ ମୁଖ୍ୟତଃ ଜମାକାରୀଙ୍କ ଟଙ୍କା ଫେରସ୍ତ ଓ ବ୍ୟାଙ୍କକୁ ପୁନଃ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ୟାଙ୍କରେ ଜମା ଥିବା ଟଙ୍କାର ୭୫ ପ୍ରତିଶତ ତୁରନ୍ତ ଜମାକାରୀଙ୍କୁ ଫେରସ୍ତ କରାଯିବା ଏବଂ ବ୍ୟାଙ୍କକୁ ପୁନଃ କାର୍ଯ୍ୟକ୍ଷମ କରାଗଲେ ଜମା ଟଙ୍କାର ୨୦ ପ୍ରତିଶତ ଅଂଶଧନ ଦେବା ପାଇଁ ଆଗତ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ସଭାକୁ ଉମାକାନ୍ତ ରାଉତ ପରିଚାଳନା କରିଥିଲେ ଓ ନରୋତ୍ତମ ପାଣିଗ୍ରାହି ଧନ୍ୟବାଦ ଦେଇଥିଲେ।

## ଶେଷରେ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

ରାଇସୁଆଁ, ୮।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁ ପଞ୍ଚାୟତ ମୁସଲିମ ବସ୍ତିର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏ ନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବାଧହୋଇ ଗ୍ରାମବାସୀ ମିଶି ରାସ୍ତା ମରାମତି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସର୍ଫରାଜ ହୋସେନ କୁହନ୍ତି, ବର୍ଷା ଦିନରେ ଉକ୍ତ ରାସ୍ତାରେ ଆଣ୍ଠୁଏ କାଦୁଅ ହୋଇଥାଏ। ବହୁବାର ପ୍ରଶାସନ ନିକଟରେ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମବାସୀ ମାଟି ପକାଇ ରାସ୍ତା ମରାମତି କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ଯୋଗ ଶିକ୍ଷା

ଆନନ୍ଦପୁର, ୮।୧୦(ସ୍ୱ.ପ୍ର.)

ଆନନ୍ଦପୁର ବ୍ରିଜଛକସ୍ଥିତ ପୌରପରିଷଦ କଲ୍ୟାଣମଣ୍ଡପ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦିବସ ଅବସରରେ ସକାଳ ସମୟରେ ଆନନ୍ଦପୁର ଆର୍ଟ ଅଫ ଲିଭିଂର ଯୋଗ ଗୁରୁ ଅନ୍ନଦା ପ୍ରସାଦ ମହାନ୍ତି ବରିଷ୍ଠ ନାଗରିକମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଆଧାତ୍ମିକ ଚେତନା ଧର୍ମୀ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟା ସମୟରେ ଆୟୋଜିତ ସଭାରେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ବିଡିଓ ଉମାକାନ୍ତ ପରିଡ଼ା, ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



@ ବିକାଶ


@ ମାନସ


@ ବୈକୁଣ୍ଠ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

PARADIP PORT TRUST

e-Tender-cum-e-Auction Notice

An e-Tender-cum-e-Auction Notice invites for **"Allotment of Unit No.1, 3 & 4 in the 1st floor of the New Trade Centre No.1 which are presently under occupation of M/s. AXIS Bank and M/s. ICICI Bank for a period upto 31.12.2024 on lease basis".** The date of available of documents in website is from **04.10.2018** to **24.10.2018** at **17.00 hours.** For details, please log on the website: **https://eprocure.gov.in/eprocure/app.**

**Sr. Asst. Estate Manager**

**PPT/PR/391/18-19** Dt.07.10.2018

NOTIFIED AREA COUNCIL, KANTABANJI

E-PROCUREMENT NOTICE

**Tender Call Notice No. 1425_05_10_2018_NACKBJ**
**Tender ID. 2018_ORULB_50009_1**

| | | | |
|---|---|---|---|
| 1 | Name of the Work | : | 01 No. of Civil Works as in the DTCN published in the portal |
| 2 | Estimated Cost | : | As per D.T.C.N. |
| 3 | Period of Complication | : | As per D.T.C.N. |
| 4 | Date & Time of availability of documents in the portal. | : | Dt. 09.10.2018 at 10 hours and close on dt. 23.10.2018 at 17.00 hours. |
| 5 | Production of bid documents | : | On Office hours from dt. 25.10.2018 & 26.10.2018 through registry post only. |
| 6 | Date & time of opening of bid | : | Dt. 27.10.2018 at 11.00 A.M. |
| 7 | Name & address of the officer inviting bid. | : | Executive Officer, N.A.C., Kantabanji. |

Further details can be seen from the e-procurement portal:- www.tendersorissa.gov.in.

**Sd./- Executive Officer, N.A.C., Kantabanji**

## ସଂକ୍ଷେପରେ

### ମୁକୁଳିସିଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



**ବସ୍ତା, ୮।୧୦(ସ୍ୱ.ପ୍ର.):** ବସ୍ତା ବ୍ଲକ ତଥା ବସ୍ତା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ରବିବାର ଶୁଭାରମ୍ଭ କରାଯାଇଛି। ଏହି ପଦଯାତ୍ରା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ଦରଡାଠାରୁ ବାହାରି ମୁକୁଳିସିର ଦୁନ୍ଦ ଚନ୍ଦନ ପଡିଆଠାରେ ପହଞ୍ଚିଥିଲା। ସେଠାରେ ସମିତିସଭ୍ୟ ଅନନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ସାହୁ, ସାମାଜିକ କର୍ମୀ ସୁବାସିନୀ ଜେନା, ବିଜେଡି ବ୍ଲକ ସଭାପତି ତ୍ରିଲୋଚନ ବେହେରା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଏମ୍‌ପତ ପ୍ରତିନିଧି ମହାଦେବ ଦାସ, ବିଜେଡି ବ୍ଲକ ସାଧାରଣ ସମ୍ପାଦକ ହର୍‌ଗୋପାଳ ସିଂହ, ଯୁବ ସଭାପତି ପୂର୍ଣଚନ୍ଦ୍ର ଯେନା ପ୍ରମୁଖ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୀତ ବିଭିନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ନିର୍ବାଚନରେ ପୁଣି ବିଜେଡିକୁ କ୍ଷମତାସୀନ କରିବାପାଇଁ ଆହ୍ୱାନ ଦିଆଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ସରପଞ୍ଚ ସୁନୀଲ ସେନାପତି, ଦୀପ୍ତେନ୍ଦୁବାଳା ବିଶ୍ୱାଳ, ଲିପିକା ରାଉଳଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ଯୁବନେତା ରଞ୍ଜନ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଇମାମୀ ପେପର ମିଲ୍ ପକ୍ଷରୁ ସହାୟତା




**ସଜନାଗଡ଼, ୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଅନ୍ତର୍ଗତ ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥାକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ସୋମବାର ଇମାମୀ ପେପର ମିଲ୍ ଏଚ୍.ଆର୍. ମ୍ୟାନେଜର ମନୋଜ କୁମାର ପାଢ଼ୀ ପ୍ରତିମାସରେ ୧୦ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଓ ପ୍ରତି ଦୁଇମାସରେ ଔଷଧ ଯୋଗାଇ ଦେବାର ଘୋଷଣା କରିଥିଲେ। ଏହାସହ ଚେକ୍ ଏବଂ ଔଷଧ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ କୁନ୍ଦନ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ, ନିରଞ୍ଜନ ଲେଙ୍କା, ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ଅଗଣି ସାହୁଙ୍କ ସମେତ ମିତ୍ରପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସୋର କଳାଘର ତରଫରୁ ପୁରସ୍କାର ବିତରଣ ଉତ୍ସବ



**ସୋର, ୮।୧୦(ଡି.ଏନ.ଏ.):** ସୋରରେ ପ୍ରତିଷ୍ଠିତ କଳାଘର ତରଫରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କଳାଘରର ଅଧକ୍ଷ ରାଜବଲ୍ଲଭ ସାହୁ ପୁରସ୍କାର ବିତରଣ ଉତ୍ସବରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଚିତ୍ରକଳା ଶିକ୍ଷକ ରବୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଚିତ୍ରଶିଳ୍ପୀ ଜାନକୀବଲ୍ଲଭ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରକଳା ଶିଶୁର ଏକଗ୍ରତା ଆଣିବା ସହିତ ଏକ ଉପଯୁକ୍ତ ସ୍ଥାନରେ ପହଞ୍ଚାଇଥାଏ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଧରିତ୍ରୀ ଖବରଦାତା ଜନ୍ମେଜୟ ମିଶ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଶମ୍ଭର ନାଥ ହାଇସ୍କୁଲ ତଳନଗରର ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ। ଅରୋଆଶିଷ ସାହୁ ଧନ୍ୟବାଦ ଦେଇଥିଲେ। କୁନି କୁନି ଚିତ୍ର ଶିଳ୍ପୀ ତଥା ଅଭିଭାବିକା ଅଭିଭାବକମାନେ ଉପସ୍ଥିତ ଥିଲେ।

### ଯୁବ ବ୍ୟବସାୟୀଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ସାମସନ ଗିରଫ

**ବାଲେଶ୍ୱର ଅଫିସ, ୮।୧୦**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଫିରିଙ୍ଗିପାଟଣା ଅଞ୍ଚଳର ଯୁବ ବ୍ୟବସାୟୀ ମାନସ ଦାସଙ୍କ ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସାମସନ ମହାପାତ୍ରଙ୍କୁ ଗିରଫ କରିଛି। ତାଙ୍କ ଘର ସହଦେବଖୁଣ୍ଟା ଚାନ୍ଦମାରି ପଡ଼ିଆ ଅଞ୍ଚଳରେ। ତାଙ୍କ ନିକଟରୁ ୧ ବନ୍ଧୁକ, ୨ ରାଉଣ୍ଡ ଗୁଳି, ସ୍କୁଟି, ୩ଟି ମୋବାଇଲ, ୨ଟି ଭଡ଼ାଫୋନ୍ ସିମ୍, ଦୁଇଟି ଗାଡ଼ି ଚାବି, ଆଧାର କାର୍ଡ଼, ଭୋଟର ପରିଚୟ କାର୍ଡ଼, ଷ୍ଟେଟ୍ ବ୍ୟାଙ୍କ ଡେବିଟ୍ କାର୍ଡ଼, ବିଗ୍ ବଜାର କାର୍ଡ଼, ୧୪, ୩୭୫ ଟଙ୍କା ସହ ମନିପର୍ସ, ଅନ୍ୟାନ୍ୟ କାର୍ଡ଼, ହାତଘଣ୍ଟା ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ବି. ଯୁଗଳ କିଶୋର କୁମାର ସୂଚନା ଦେଇଛନ୍ତି।

ସେପ୍ଟେମ୍ବର ୧ ତାରିଖ ରାତି ପ୍ରାୟ ୧୧ଟା ବେଳେ ମାନସ ସହଦେବଖୁଣ୍ଟାରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ସେ ଫିରିଙ୍ଗିପାଟଣାସ୍ଥିତ ନିଜ ଘର ଗେଟ୍ ଖୋଲୁଥିବା ବେଳେ ଅତି ନିକଟରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ମାନସଙ୍କ ମୃତ୍ୟୁ ହୋଇଥିଲା। ପଡ଼ୋଶୀ ଏବଂ ସମ୍ପର୍କୀୟମାନେ ପହଞ୍ଚି ମାନସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମାନସଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୩ ତାରିଖରେ ମାନସଙ୍କ ସ୍ତ୍ରୀ ଏଲୋରା ଦାସ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା(ନଂ. ୨୫୭/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସହଦେବଖୁଣ୍ଟା ପୋଲିସ ସେପ୍ଟେମ୍ବର ୧୩ତାରିଖରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ବାଲିଆ ଅଞ୍ଚଳର ପ୍ରଶାନ୍ତ ବେହେରା ଏବଂ ୨୮ ତାରିଖରେ ସଦର ଥାନା ଗେଙ୍ଗୁଟି ଅଞ୍ଚଳର ରାଜୁ ସିଂ ଓ ଲାପୁ ତୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଅର୍ଥ କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସାମସନଙ୍କଠାରୁ ମାନସ ପୂର୍ବରୁ ଅର୍ଥ ନେଣଦେଣକୁ ନେଇ ବିବାଦ ଉପୁଜିଥିଲା। ସେ ତାଙ୍କ ସହଯୋଗୀଙ୍କ ସହିତ ଗତ ଅଗଷ୍ଟ ୩୧ ତାରିଖ ରାତିରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ମଧ ବିଫଳ ହୋଇଥିଲେ। ଏହାର ପରଦିନ ଦୁର୍ବୃତ୍ତମାନେ ଗୁଳିକାଣ୍ଡ ଘଟାଇବାରେ ସଫଳ ହୋଇଥିଲେ। ଉକ୍ତ ଘଟଣାରେ ମୋଟ ୯ ଜଣ ସାମିଲ ଥିବାବେଳେ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।



ପରିବେଶ ସ୍ୱଚ୍ଛ ରଖିବା ଲାଗି ମହିଳାମାନେ ଗାନ୍ଧୀଙ୍କ ଫଟୋଚିତ୍ର ଆଗରେ ଶପଥ ନେଉଛନ୍ତି।

# ପରିବେଶ ସ୍ୱଚ୍ଛ ରଖିବାକୁ ଶପଥ ନେଲେ ମହିଳା

**ରେମୁଣା, ୮।୧୦(ଡି.ଏନ.ଏ.)**

ସବୁ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ରହିଲେ ସାମାଜିକ ପରିବର୍ତ୍ତନ ସମ୍ଭବ। ଏହି ବାର୍ତ୍ତା ନେଇ ମହିଳାଙ୍କ ଦ୍ୱାରା ସ୍ୱଚ୍ଛ ପରିବେଶ ପାଇଁ ଅଭିଯାନ ଆରମ୍ଭ ହୋଇଛି। ଦେଶ ପରିମଳ ଗାଁ ତୁଠରୁ ଜଣାପଡୁଥିବାରୁ ଗାଁର ପରିବେଶ ସୁସ୍ଥ ରଖିବା, ପାଇଖାନା ବ୍ୟବହାର କରିବା ଏବଂ ଗାଁକୁ ନିଶାମୁକ୍ତ ରଖିବା ପାଇଁ ଶପଥ ନେଇଛନ୍ତି ଶତାଧିକ ମହିଳା।

ପତ୍ରିପାଳ ସରପଞ୍ଚ ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ମହିଳାମାନେ ଗାଁ ଦାଣ୍ଡ, ଗାଁ ମନ୍ଦିର, ଛକ ଆଦି ପରିଷ୍କାର କରିଛନ୍ତି। ମହିଳାମାନେ ହାତରେ ଝାଡୁ, ପାଛିଆ, କୋଦାଳ ଧରି ଏହି ଅଭିଯାନରେ ସାମିଲ ହୋଇଥିଲେ। ପୁରୁଷମାନେ ମଧ ସହଯୋଗ କରିଥିଲେ। ବାଲିପାଳ, ନୂଆଗାଁ, ଫର୍ତିପୁର, ଚକୁଳିଆ ଆଦି ସ୍ଥାନରେ ସଫେଇ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡ଼ି କର୍ମୀ ଲିଜୁନ ପ୍ରଧାନ, ଆଶା କର୍ମୀ ତୁଷାରବାଳା ପଣ୍ଡାଙ୍କ ସହିତ ରମାମଣି ପାଳ, ଅଞ୍ଜନା ସାନ୍ତରା, କଟିମଣି ଜେନା, ଲକ୍ଷ୍ମୀ ପାଳ ଏହାର ନେତୃତ୍ୱ ନେଇଥିଲେ। ସେହିପରି ଶେରଗଡ ପଞ୍ଚାୟତ ସରପଞ୍ଚ ଟିକିନା ସିଂଙ୍କ ଅଧକ୍ଷତାରେ ସଚେତନତା ସଭା ବାଉଁଶମୁହାଁଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଗ୍ରାମସଭା ସଦସ୍ୟ, ଯୁବକ ସଂଘ, ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ପାଇଖାନା ବ୍ୟବହାର ପାଇଁ ଘରକୁ ଘର ଯାଇ ବୁଝାଇବା ସହିତ ଗାନ୍ଧୀଜୀଙ୍କ ଫଟୋଚିତ୍ର ସମ୍ମୁଖରେ ଶପଥ ନେଇଥିଲେ। ୱାର୍ଡସଭ୍ୟା ବାସନ୍ତୀ ବାରିକ ଶପଥ ପାଠ କରାଇଥିଲେ। ଅଙ୍ଗନୱାଡ଼ି କର୍ମୀ ପୁଷ୍ପିତା ବାରିକ, ଭାଜପାର ପଞ୍ଚାୟତ ସଭାପତି ବୀରେନ୍ଦ୍ର ବାରିକ, ଯୁବକ ସଂଘ ପକ୍ଷରୁ କୈଳାଶ ଚନ୍ଦ୍ର ମହାକୁଡ, ବିଦ୍ୟାଧର ବାରିକ, କରୁଣାକର ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ରଣ ଫାଙ୍କିବା ମହଙ୍ଗା ପଡ଼ିଲା

# ବ୍ୟାଙ୍କ ଅଧୀନକୁ ଗଲା ବନ୍ଧକ ଘର

**ଖଇରା, ୮।୧୦(ଡି.ଏନ.ଏ.)**

ବାରମ୍ବାର ନୋଟିସ୍ ସତ୍ତ୍ୱେ ଋଣ ନ ଶୁଝିବା ଅଭିଯୋଗରେ ଷ୍ଟେଟ୍ ବ୍ୟାଙ୍କ ତରଫରୁ ଖଇରା ବ୍ଲକ ବଣପାରିଆ ଗ୍ରାମର ମନୋରଞ୍ଜନ ସେଠୀଙ୍କ ଘରକୁ ନିଜ ଅଧୀନକୁ ନିଆଯାଇଛି। ମନୋରଞ୍ଜନ ୨୦୦୭ ମସିହାରେ ଔପଦା ବ୍ଲକର ଫତେପୁର ଷ୍ଟେଟ୍ ବ୍ୟାଙ୍କ ଶାଖାରୁ କୁକୁଡ଼ା ଫାର୍ମ କରିବା ଉଦ୍ଦେଶ୍ୟରେ ୯ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏବେ ତାହା ପାଖାପାଖି ୩୦ଲକ୍ଷ ଟଙ୍କା ପହଞ୍ଚିଥିବା ବେଳେ ବାରମ୍ବାର ନୋଟିସ୍ ସତ୍ତ୍ୱେ ସେ ତାହା ପରିଶୋଧ କରି ନ ଥିଲେ।

ସୋମବାର ଖଇରା ତହସିଲର ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବ୍ୟାଙ୍କର ଋଣ ପରିଶୋଧ ଦାୟିତ୍ୱ ବୁଝିଥିବା ଭୁବନେଶ୍ୱରର ବିବି ଏଣ୍ଟରପ୍ରାଇଜେସ୍‌ର ମୁଖ୍ୟ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବଣପାରିଆ ଗ୍ରାମରେ ପହଞ୍ଚିଥିଲେ। ସେମାନେ ମନୋରଞ୍ଜନଙ୍କ ପରିବାର ଓ ତାଙ୍କ ଜିନିଷପତ୍ରକୁ ବାହାରକୁ ବାହାର କରି ବନ୍ଧକ ଥିବା ଏହି ବାସଗୃହରେ ତାଲା ପକାଇ ନିଜ ଅଧୀନକୁ ନେଇଥିଲେ। ବାଲେଶ୍ୱର ଷ୍ଟେଟ୍ ବ୍ୟାଙ୍କ ବ୍ୟବସାୟ କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ସୁକୁମାର ନାୟକ ଓ ଫତେପୁର ଶାଖାର ପରିଚାଳକ ପ୍ରିତି ମାରାଣ୍ଡି ଉପସ୍ଥିତ ଥିଲେ। ଖୁବଶୀଘ୍ର ଘର ନିଲାମ ହେବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି।



ପୋଲିସ ଓ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଘର ଖାଲି କରାଯାଉଛି।

## ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳିତ

**ବାଲେଶ୍ୱର ଅଫିସ, ୮।୧୦**

ବାଲେଶ୍ୱର ଆସୋସିଏଶନ୍ ଫର୍ ବାଇଓଡ଼ାଇଭରସିଟି କନଜରଭେଶନ୍ ଆଣ୍ଡ ରିସର୍ଚ୍ଚ ତରଫରୁ ଚାନ୍ଦିପୁରସ୍ଥିତ ଫକୀରମୋହନ ପ୍ରାଥମିକ ବିଦ୍ୟାଳୟରେ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ପିଲାଙ୍କୁ ନେଇ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ବିଷ୍ଣୁପ୍ରସାଦ ଦାଶ, ମୁଖ୍ୟଅତିଥି ଭାବେ ବାଲେଶ୍ୱର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଶ୍ରୀକୃଷ୍ଣ ପାଣି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆସୋସିଏଶନ୍ ଫର୍ ବାଇଓଡ଼ାଇଭରସିଟି କନଜରଭେଶନ୍ ଆଣ୍ଡ ରିସର୍ଚ୍ଚର ସଭାପତି ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟକାରୀ ନିର୍ଦ୍ଦେଶକ ସିଦ୍ଧାର୍ଥ ପତି, ଶିଳ୍ପୀ କେଶୁ ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଭାରିଯାନ ଯାତାୟାତ ପ୍ରତିବାଦରେ ରାସ୍ତାରୋକୋ

**ନୀଳଗିରି, ୮।୧୦(ଡି.ଏନ.ଏ.)**

ନୀଳଗିରି-ବିନ୍ଦୁ ରାସ୍ତାରେ ଭାରିଯାନ ଯାତାୟାତ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ପ୍ରତିବାଦ କରି ପଞ୍ଚଲିଙ୍ଗେଶ୍ୱର ପୀଠର ସାଧୁବାବା କମଳାକାନ୍ତଙ୍କ ନେତୃତ୍ୱରେ ସୋମବାର ଦଶରଥିପୁର ନିକଟରେ ରାସ୍ତାରୋକୋ କରାଯାଇଥିଲା। ସ୍ଥାନୀୟ ଲୋକେ ମଧ ଏହାକୁ ସମର୍ଥନ କରିଥିଲେ। ଫଳରେ ଭାରିଯାନଗୁଡ଼ିକ ରାସ୍ତାର ଉଭୟ ପାର୍ଶ୍ୱରେ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ରାକେଶ କୁମାର ପଣ୍ଡା ପହଞ୍ଚି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ପୋଲିସ ସହାୟତାରେ ନୀଳଗିରି ସଦର ମହକୁମାକୁ ନେଇଯିବାରୁ ରାସ୍ତାରୋକୋ ହଟିଥିଲା। ଉଲ୍ଲେଖଯୋଗ୍ୟ, ଚଣ୍ଡିଖୋଲ, ସୋର ଆଦି ଅଞ୍ଚଳରୁ ପଥର ବୋଝେଇ କରି ଭାରିଯାନଗୁଡ଼ିକ ୧୬ନମ୍ବର ଜାତୀୟ ରାଜପଥ ସେରଗଡ଼ ଗେଟ୍‌ରେ ଟ୍ୟାକ୍ସ ଫାଙ୍କିବା ପାଇଁ ବିନ୍ଦୁ-ନୀଳଗିରି ରାସ୍ତାରେ ଯାତାୟାତ କରୁଛନ୍ତି।

## ସୁବର୍ଣ୍ଣରେଖା କଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର

**ବାଲିଆପାଳ, ୮।୧୦(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଦେଭୋଗସ୍ଥିତ ସୁବର୍ଣ୍ଣରେଖା କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର କୈଳାସ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମକାଳୀନ ଓଡ଼ିଆ ଉପନ୍ୟାସ ଉପରେ ତଥ୍ୟଗତ ଓ ତୁଳନାତ୍ମକ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଲେଜ ଅଧକ୍ଷ ଡ.ସନ୍ତୋଷ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଡ.ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ବିଭାଗୀୟ ଅଧ୍ୟାପିକା କୃଷ୍ଣାକୁମାରୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ସମୁଦ୍ରରୁ କୁମ୍ଭୀର ଉଦ୍ଧାର

**ବସ୍ତା, ୮।୧୦(ସ୍ୱ.ପ୍ର.)**

ସିଂଲା ଥାନା ଅନ୍ତର୍ଗତ କଷାଫଳ ସମୁଦ୍ରରୁ ସୋମବାର ଏକ କୁମ୍ଭୀର ଉଦ୍ଧାର ହୋଇଛି। ତରଡାବଧିଆ ଗ୍ରାମର ମାଧବ କୁମାର ମଣ୍ଡଳ ସମୁଦ୍ରରେ ମାଛ ଧରିବା ପାଇଁ ଜାଲ ବିଛାଇଥିଲେ। ସେହି ଜାଲରେ ପ୍ରାୟ ୨୦କିଲୋ ଓଜନର ଏକ କୁମ୍ଭୀର ଲାଗିଥିଲା। କୁମ୍ଭୀର ଦେଖି ସ୍ଥାନୀୟ ଅଞ୍ଚଳର ମୁକୁନ୍ଦ ଆଦେକ ବନ ବିଭାଗକୁ ଜଣାଇଥିଲେ। ବନବିଭାଗ ପହଞ୍ଚିବା ପରେ ଉଦ୍ଧାର କୁମ୍ଭୀରକୁ ହସ୍ତାନ୍ତର କରାଯାଇଛି।

## ୫୯ ହଜାର ଲୁଟ୍

**ସୋର, ୮।୧୦(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଉତ୍ତରେଶ୍ୱର ବଜାରରେ ସୋମବାର ମଧାହ୍ନ ୧୨ଟା ବେଳେ ବନମାଳୀ ବେହେରା ନାମକ ବ୍ୟକ୍ତିଙ୍କଠାରୁ ଦୁର୍ବୃତ୍ତମାନେ ୫୯ ହଜାର ଟଙ୍କା ଲୁଟି ନେଇଛନ୍ତି। ବନମାଳୀଙ୍କ ଘର ସୋର ଥାନା କେଶରୀପୁର ଗ୍ରାମରେ। ସେ ସୋର ଷ୍ଟେଟ୍ ବ୍ୟାଙ୍କରୁ ଏହି ଟଙ୍କା ଉଠାଇ ବ୍ୟାଗ୍‌ରେ ରଖି ଉତ୍ତରେଶ୍ୱରରେ ମାର୍କେଟିଂ କରୁଥିଲେ। ଏହି ସମୟରେ ତାଙ୍କ ଅନ୍ୟମନସ୍କର ସୁଯୋଗ ନେଇ ତାଙ୍କ ପିଛା କରୁଥିବା କେହି ଦୁର୍ବୃତ୍ତ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ୍ ମାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

## ୭୩୩ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ଭୋଗରାଇ, ୮।୧୦(ଡି.ଏନ.ଏ.)**

ଖାଦ୍ୟ ସୁରକ୍ଷା ଯୋଜନାରେ ଭୋଗରାଇ ବ୍ଲକରେ ୧୮,୨୨୫ ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଯୋଗ୍ୟ ହିତାଧିକାରୀଙ୍କୁ ୫ଟି ପର୍ଯ୍ୟାୟରେ ରାଶନକାର୍ଡ଼ ବଣ୍ଟନ କରାଯିବ। ରବିବାର ଥାନା ଛକ ହେଲିପ୍ୟାଡ଼ ପଡ଼ିଆରେ ପ୍ରଥମ ପର୍ଯ୍ୟାୟରେ ଏହି ବ୍ଲକର ୭୩୩ ଜଣ ହିତାଧିକାରୀଙ୍କୁ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ରାଶନକାର୍ଡ଼ ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ହିତାଧିକାରୀଙ୍କ ପାଇଁ ଏକ ଜନ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସିଭିଲ ସୋସାଇଟି ଅଫିସର (ସି.ଏସ୍.ଓ) ରବିନାରାୟଣ ପୃଷ୍ଟି ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବାଲେଶ୍ୱର ଜିଲା ୧ଲକ୍ଷ ୪୮ହଜାର ୯ଶହ ହିତାଧିକାରୀ ଏହି ଯୋଜନାରେ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ।

ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅନନ୍ତ ଦାସ ଜିଲାରେ ପ୍ରକୃତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ଯେପରି କେହି ବାଦ୍ ନ ପଡ଼ନ୍ତି ସେଥିପାଇଁ ଯୋଗାଣ ବିଭାଗ ଅଧିକାରୀ ଓ ପ୍ରଶାସନ ସତର୍କ ରହି କର୍ତ୍ତବ୍ୟ କରିବା ପାଇଁ ସରକାରୀ କଳକୁ ତାଗିଦ୍ କରିଥିଲେ। ରାଜ୍ୟରେ କେହି ଭୋକିଲା ରହିବେ ନାହିଁ ବୋଲି ନବୀନ ସରକାର ଘୋଷଣା ପରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସୁରକ୍ଷା ଯୋଜନା ହାତକୁ ନିଆଯାଇଛି ବୋଲି ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା ମତବ୍ୟକ୍ତ କରି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ପାଇଁ ପୁଣି ବିଜେଡି ସରକାରକୁ କ୍ଷମତା ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ରାଶନକାର୍ଡ଼ ବିତରଣ ଉତ୍ସବରେ ବ୍ଲକ ଭାଇସ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ସାମାଜିକ କର୍ମୀ ହେମନ୍ତ ବେହେରା, ସରପଞ୍ଚ ପ୍ରବୀର କୁମାର ଗିରି, ତପନ କୁମାର ପଣ୍ଡା, ବହୁ ସରପଞ୍ଚ, ସମିତିସଦସ୍ୟ, ଜିଲାପରିଷଦ ସଦସ୍ୟ, ଯୋଗାଣ ବିଭାଗ ଅଧିକାରୀ ଶଶିକାନ୍ତ ରାଉତ, ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଅନନ୍ତ ଦାସ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

## ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ସଂଘର ସମ୍ମିଳନୀ

**ଜଳେଶ୍ୱର, ୮।୧୦(ଡି.ଏନ.ଏ.)**

ଜଳେଶ୍ୱର ସହର ନୂଆବଜାର ସ୍ଥିତ ଜଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ସଂଘର ଜିଲାସ୍ତରୀୟ ପ୍ରଥମ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ବିଦ୍ୟାଳୟଠୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ କରିଥିବା ଅବସରପ୍ରାପ୍ତ ୧୦୪ଜଣ ଶିକ୍ଷକ ଓ ଅଧ୍ୟାପକ ଯୋଗ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବର୍ତ୍ତମାନ ସରକାରୀ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇ ପଡ଼ିଥବା ନେଇ ବୈଠକରେ ଅବସରପ୍ରାପ୍ତ ବୟଜ୍ୟେଷ୍ଠ ଶିକ୍ଷକ ଓ ଅଧ୍ୟାପକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମିଳନୀରେ ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଓଷ୍ଟାର ପୂର୍ବତନ ସମ୍ପାଦକ କିଶୋର କୁମାର ପଣ୍ଡା, ପୂର୍ବତନ ଉପ ସଭାପତି ନାରାୟଣ ପ୍ରସାଦ ସାହୁ, ପ୍ରଫୁଲ୍ଲ ମହାନ୍ତି, କୋଷାଧକ୍ଷ ପ୍ରେମାନନ୍ଦ ଜେନା, ଶିକ୍ଷକନେତା ଅକ୍ଷୟ କୁମାର ମିଶ୍ର, ଶିକ୍ଷକ ସୁନୀଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଘର ରାଜ୍ୟ ଆବାହକ ଇନ୍ଦୁମାଧବ ମହାନ୍ତି ସଙ୍ଗଠନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲାର ନବଗଠିତ କାର୍ଯ୍ୟକାରୀ କମିଟି ସଭାପତି ଭାବେ କହ୍ନେଇ ଚରଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଭାବେ କପିଳେଶ୍ୱର ମହାନ୍ତି, ସମ୍ପାଦକ ଦାମୋଦର ଦାସମହାପାତ୍ର, କୋଷାଧକ୍ଷ ରମେଶଚନ୍ଦ୍ର ନାୟକ, ଉପ ସଭାପତି ଭାବେ ଭରତଚନ୍ଦ୍ର ଦାସ, ପଦ୍ମଲୋଚନ ଦାସ ଓ କାର୍ତ୍ତିକଚନ୍ଦ୍ର ନାୟକ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିଲା।




ଜିଲାସ୍ତରୀୟ ସମ୍ମିଳନୀରେ ଅବସରପ୍ରାପ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା।

# ପତ୍ରପୋଡ଼ା ରୋଗରେ ଜଳିଯାଉଛି ଧାନଗଛ

**ଔପଦା, ୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକର ଶହ ଶହ ଏକର ଜମିରେ ଚାଷ ହୋଇଥିବା ଧାନରେ ପତ୍ରପୋଡ଼ା ରୋଗ ଦେଖାଦେଇଛି। କୀଟନାଶକ ସିଞ୍ଚନ ସତ୍ତ୍ୱେ କିଛି ଲାଭ ହେଉ ନ ଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଫସଲ ଉଜୁଡ଼ିଯିବା ଆଶଙ୍କାରେ ଚାଷୀମାନେ ହତାଶ ହୋଇପଡିଛନ୍ତି।

ଔପଦା ବ୍ଲକର ଫତେପୁର, ରାଏରାମଚନ୍ଦ୍ରପୁର, ଗଡ଼ସାହି, ତଳକିଆ, ବଡ଼ପୋଖରି, ଅଘିରାପଦା ଆଦି ପ୍ରାୟ ସବୁ ପଞ୍ଚାୟତରେ ଉଣା ଅଧିକେ ଧାନଚାଷ ପତ୍ରପୋଡ଼ା ରୋଗରେ ପ୍ରଭାବିତ ହୋଇଛି। ଧାନକ୍ଷେତ ଜଳିଯିବା ଭଳି ଦେଖାଯାଉଥିବା ବେଳେ ମଞ୍ଜିପତ୍ର ନଷ୍ଟ ହୋଇଯାଇଛି। ଧାନ ଥୋଡ଼ ହେବା ସମୟରେ ମଞ୍ଜି ପୋଡ଼ି ମରିଯିବା ହେତୁ ଚାଷ ମାତ୍ରାଧିକ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କୃଷି ବିଭାଗର ଅଧିକାରୀମାନେ ଘଟଣାସ୍ଥଳକୁ ନ ଯାଇ ଅଫିସ୍‌ରେ ବସି ଔଷଧ ସିଞ୍ଚନ ପାଇଁ ପରାମର୍ଶ ଦେଉଥିବା ଅଭିଯୋଗ ହେଉଛି। ଧାର, ଉଧାର କରି ଚାଷ କରିଥିବା ଚାଷୀଙ୍କୁ ତୁରନ୍ତ ପ୍ରତିଶେଧକ ସହ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି। ଏ ବିଷୟରେ ଔପଦାସ୍ଥିତ କୃଷି ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ପ୍ରତିଶେଧକ ଦିଆଯିବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।



ଧାନକ୍ଷେତରେ ପତ୍ରପୋଡ଼ା ରୋଗ।

## ସଂକ୍ଷେପରେ

ଯୋରରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

### ହତ୍ୟା ମାମଲାରେ ୩ କୋର୍ଟ ଚାଲାଣ

ପଦ୍ମପୁର,୮।୧୦(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଛତରପଦା ଗ୍ରାମର ବ୍ରହ୍ମାନନ୍ଦ ମଲିକଙ୍କ ମୃତଦେହ ଶୁକ୍ରବାର ଯୋରରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ଏକ ହତ୍ୟା ମାମଲା(ନଂ.୧୨୪/୧୮) ରୁଜୁ କରାଯାଇଛି। ଏହି ମାମଲାରେ ପୋଲିସ ୩ ଜଣ ଯୁବକଙ୍କୁ ଅଟକ ରଖି ଜେରା କରୁଥିଲା। ସୋମବାର ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସାଗର ମଲିକ, ମନ୍ମଥ ମଲିକ ଓ ଶଙ୍କର ନାୟକ। ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିବା ଥାନାଧିକାରୀ ରତିକାନ୍ତ ଗିରି କହିଛନ୍ତି।

### ଘରପୋଡ଼ି ମାମଲା: ୨ ଗିରଫ

ପଦ୍ମପୁର,୮।୧୦(ଡି.ଏନ.ଏ.): ଭଦ୍ରକ ବ୍ଲକ ସାବରଙ୍ଗ ସାନଗୋପାଳ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଘରପୋଡ଼ି ମାମଲାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସାବରଙ୍ଗର ସୁମନ ବେହେରା ଓ ଭକ୍ତହରି ମହାକୁଡ଼। ଏନେଇ ଥାନାରେ ଏକ ମାମଲା (ନଂ.୪୮୨/୧୮) ରୁଜୁ କରାଯାଇଛି।

### ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ ଅଫିସ,୮।୧୦: ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମହମ୍ମଦ ହନିଫ୍ ଓରଫ ମାଷ୍ଟରଜୀଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୁଣାବଜାର କାଜିମହଲାସ୍ଥିତ ତାଙ୍କ ସମାଧିଠାରେ ହନିଫ୍ ସ୍ମୃତି କମିଟିର ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ ଓ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ରଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ, ଫାତେହା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଭଦ୍ରକର ପ୍ରସିଦ୍ଧ କବିମାନଙ୍କ ଦ୍ୱାରା ସଂଗ୍ରାମୀଙ୍କ ଜୀବନୀକୁ ନେଇ କବିତାପାଠ କରାଯାଇଥିଲା। ସେକ୍ ସମଦାନୀ, ମୀର୍ଜା ଏଜାଜ ବେଗ, ତାହେର ମହମ୍ମଦ, ଜୁଲ ଫୁକାର, ନାସିର ବକ୍ସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ଆୟୁଷ୍ମାନ ଭାରତ ଯୋଜନା ନେଇ ପଥପ୍ରାନ୍ତ ସଭା

ଭଣ୍ଡାରିପୋଖରୀ,୮।୧୦(ଡି.ଏନ.ଏ.): ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ସଚେତନତା ସଭା କରାଯାଇଛି। ୨୪ ନମ୍ବର ଜିଲା ପରିଷଦ ଜୋନ୍‌ର ମଞ୍ଜୁରୀ, କୁମ୍ଭାରିଆ, ପରମାନନ୍ଦପୁର, ମଣିନାଥପୁର, ମାଳଦା, ରହଣିଆ, ରାଢ଼ୋ ଓ ଅଶୋକ ବଜାରଠାରେ ପଥପ୍ରାନ୍ତ ସଭା ହୋଇଥିଲା। ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳଙ୍କ ସମେତ ବସନ୍ତ ରାଉତ, ନିର୍ମଳ କର, ପ୍ରକାଶ ମହାପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ଜିଲା ସମ୍ପାଦିକା ଜୟସ୍ମିତା ଗୋଛାୟତ, ସୁବର୍ଣ୍ଣମୁଖୀ ମଣ୍ଡଳ ସଭାପତି ପ୍ରଦୀପ ସାହୁ, ଅଜୟ ପାତ୍ର, ବଳଦେବଜୀଉ ମଣ୍ଡଳ ସଭାପତି ମୁକୁନ୍ଦ ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଲକ୍ଷ୍ୟ ବିଶ୍ୱସ୍ତରୀୟ ରୋବୋଟିକ୍ ଅଲିମ୍ପିଆଡ୍

(ଅଜିତ୍ କୁମାର ରାଉତ)
ଧାମନଗର,୮।୧୦(ଡି.ଏନ୍.ଏ.)

ଆସନ୍ତା ନଭେମ୍ବର ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ବିଶ୍ୱସ୍ତରୀୟ ରୋବୋଟିକ୍ ଅଲିମ୍ପିଆଡ୍‌ରେ ଭାଗନେବା ପାଇଁ ଓଡ଼ିଶାରୁ ମନୋନୀତ ହୋଇଛନ୍ତି ୧୨ ବର୍ଷର ବାଳିକା ତନ୍ଭି। ୬୪ଟି ଦେଶର ବିଭିନ୍ନ ପ୍ରତିଯୋଗୀ ଏଥିରେ ଭାଗନେବେ। ସେମାନଙ୍କ ସହିତ ଯୋଗଦେବାର ସୁଯୋଗ ପାଇ ସେ ରାଜ୍ୟ ଲାଗି ଆଣିଛନ୍ତି ଗୌରବ। ଜଣେ ମେଧାବୀ ଛାତ୍ରୀ ଭାବେ ପରିଚିତ ତନ୍ଭି ପିଲାଟିଦିନୁ ଯାହା ଦେଖନ୍ତି ବା ଚିନ୍ତା କରନ୍ତି, ତାକୁ ବାସ୍ତବ ରୂପ ଦେବା ଯାଏ ନିଷ୍ଠାର ସହିତ ଲାଗିପଡ଼ିଥାନ୍ତି। ମନ ଭିତରେ ଅନେକ ସ୍ୱପ୍ନ ଓ ସମ୍ଭାବନା। ଏହି ନିଆରାପଣ କରିଛି ତାଙ୍କୁ ସୃଜନକ୍ଷମ। ବିଜ୍ଞାନ ଦୁନିଆର ନୂତନ ଉଦ୍ଭାବନ ସମ୍ପର୍କରେ ପରିକଳ୍ପନା କରି ସବୁବେଳେ ସମସ୍ତଙ୍କୁ ପ୍ରଶ୍ନବାଣରେ ବ୍ୟସ୍ତ କରିଦିଅନ୍ତି। ବିଜ୍ଞାନ ପ୍ରତି ଏଭଳି ଜିଜ୍ଞାସା ରଖୁଥିବା ସର୍ବଗୁଣସମ୍ପନ୍ନା ଏହି ବାଳିକା ବିଭିନ୍ନ ପ୍ରତିଯୋଗିତାରେ ସଫଳତାର ସହ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଆଗକୁ ଚାଲିଛନ୍ତି।

ଭଦ୍ରକ ଜିଲା ଧାମନଗରର ବିଶିଷ୍ଟ ଜନନେତା, ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କର ପୌତ୍ରୀ ତନ୍ଭି। ଘର ହସ୍‌ନାବାଦ ପଞ୍ଚାୟତର ଗୋପବନ୍ଧୁ ନଗରରେ। ମା' ସଂଘମିତ୍ରା ମଲ୍ଲିକ, ବାପା ପ୍ରଦୀପ କୁମାର ମଲ୍ଲିକ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲରେ ୭ମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ ସମ୍ପ୍ରତି ଗୁଜରାଟର ଅହମ୍ମଦାବାଦଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହେବା ପରେ ବିଶ୍ୱସ୍ତରୀୟ ରୋବୋଟିକ୍ ଅଲିମ୍ପିଆଡ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ ପ୍ରକଳ୍ପର ନାମ ଫାର୍ମ-ଓ-ବୋଟ୍। ବିଷୟବସ୍ତୁ ଫୁଡ୍ ମ୍ୟାଟର୍ସ। ପୂର୍ବରୁ ୨୦୧୪ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୟୁସିମାସ ଆବାକ୍ସ ମେଣ୍ଟାଲ ଏରିଥମେଟିକ୍ ପ୍ରତିଯୋଗିତାରେ ସେ ଚାମ୍ପିୟନ ଆଖ୍ୟା ହାସଲ କରିଥିଲେ। ୨୦୧୫ରେ ପିକକ୍ ଅନୁଷ୍ଠାନ ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ ପାଇଥିଲେ। ଏହାବାଦ୍ ରାଜ୍ୟ ଚେସ୍ ପ୍ରତିଯୋଗିତାରେ ପୁରସ୍କୃତ ହେବା ସହ ୨୦୧୬ରେ ରାଜ୍ୟ ଜଙ୍ଗଲ ଏବଂ



ପୁରସ୍କାର ସହ ତନ୍ଭି ମଲ୍ଲିକ।

ପରିବେଶ ବିଭାଗ ଦ୍ୱାରା ବିଜ୍ଞାନଭିତ୍ତିକ ମଡେଲ ପ୍ରତିଯୋଗିତାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ବିଜୁ ପଟ୍ଟନାୟକ, ମଧୁବାବୁ, ଗୋପବନ୍ଧୁ, ଧରଣୀଧର ଭୂୟାଁ, ଚକରା ବିଶୋୟୀଙ୍କ ଜୟନ୍ତୀ ଉତ୍ସବରେ ସେ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ

## ନିଆରା ପ୍ରତିଭା ତନ୍ଭି

ଭାଗନେଇ ଜଣେ ବାଗ୍ମୀ ଭାବେ ସାରା ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଚଳିତବର୍ଷ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଆୟୋଜିତ ବନ ମହୋତ୍ସବରେ ବକ୍ତୃତା ଦେଇ ସେ ପୁରସ୍କୃତ ହେବା ସହ ଧାମନଗର ମହୋତ୍ସବରେ ମଧ୍ୟ ପୁରସ୍କୃତ ହୋଇଛନ୍ତି।

ବର୍ତ୍ତମାନ ସୁଦ୍ଧା ବିଭିନ୍ନ ବିଦ୍ୟାଳୟସ୍ତରୀୟ ବକ୍ତୃତା, କବିତା ଆବୃତ୍ତି, ଗଳ୍ପ ଲିଖନ, ଚିତ୍ରାଙ୍କନ, ଚେସ୍ ଖେଳ ଓ ବିଜ୍ଞାନ ପ୍ରଦର୍ଶନୀରେ ଭାଗନେଇ ପାଇଥିବା ବହୁ ପୁରସ୍କାର ଓ ମାନପତ୍ର ଏବେ ତାଙ୍କ ଘରର ଶୋଭା ବଢ଼ାଉଛି। ସାଇନିଂ ଷ୍ଟାର ଏବଂ ଅଲ୍‌ରାଉଣ୍ଡର ଭାବେ ସେ ଅନେକ ଥର ଉପାଧି ହାସଲ କରିଛନ୍ତି। ତନ୍ଭିଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ପରିସ୍ଫୁଟନ ଲାଗି ମା' ସଂଘମିତ୍ରା ଏବଂ ବାପା ପ୍ରଦୀପ ନିରନ୍ତର ସହଯୋଗ କରିଆସୁଛନ୍ତି। ଝିଅର ସଫଳତା ନେଇ ସେମାନେ ନିଜକୁ ଗର୍ବିତ ମନେକରୁଥିବା କହିଛନ୍ତି।



ଆରଡ଼ି ଆଖଣ୍ଡଳମଣି ପୀଠରେ ମା' ଦୁର୍ଗାଙ୍କ ନାରାୟଣୀ ବେଶ।

## 'ନିଶାକୁ ନା' କାର୍ଯ୍ୟକ୍ରମ

ଭଦ୍ରକ ଅଫିସ,୮।୧୦

ଭଦ୍ରକ ପଞ୍ଚାୟତ ସମିତି ଅଧୀନ ଏରେଇଁ ପଞ୍ଚାୟତଠାରେ ବିଜୁ ଯୁବବାହିନୀ ପକ୍ଷରୁ 'ନିଶାକୁ ନା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ କୁମାର ରଣା ଏଥିରେ ସଭାପତିତ୍ୱ କରିଥିଲେ। ଯୁବବାହିନୀ ସଭାପତି ଅଜୟ କୁମାର ଧଳ, ସମ୍ପାଦକ ମୁଣ୍ମୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ନିଶାଠାରୁ ଦୂରେଇ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ଯାଇ ନିଶା ବିରୋଧରେ ସଚେତନତା ସୃଷ୍ଟି କରିଥିଲେ।

# ଭଦ୍ରକ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା



ପୁସ୍ତକମେଳାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଅଫିସ,୮।୧୦

ଭଦ୍ରକ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଭଦ୍ରକ ମାଟିର ସୁପୁତ୍ର ନିତ୍ୟାନନ୍ଦ ମହାପାତ୍ର ସାହିତ୍ୟ ସନ୍ଧ୍ୟା ଉତ୍ସବ ଭାବେ ପାଳନ କରାଯାଇଛି। ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଆକାଂକ୍ଷାର ସମ୍ପାଦକ ଡ. ସୁରେଶ ନାୟକ, ମହୁରୀର ସମ୍ପାଦକ ସୁକାନ୍ତ ସାହୁ, ଅଧ୍ୟାପକ ଡ. ଅଭୟ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଡ. ପଟ୍ଟନାୟକ କହିଥିଲେ, ଓଡ଼ିଆ ସାହିତ୍ୟରେ ନିତ୍ୟାନନ୍ଦ ମହାପାତ୍ରଙ୍କ ସ୍ଥାନ ସ୍ୱତନ୍ତ୍ର ହୋଇଥିଲେ ହେଁ ତାଙ୍କୁ ଯଥୋଚିତ ସମ୍ମାନ ମିଳିନାହିଁ। ତାଙ୍କ ପ୍ରକାଶିତ ପୁସ୍ତକ ପାଠକଙ୍କ ପାଖରେ ଉପଲବ୍ଧ ହୋଇପାରୁ ନାହିଁ। ଏହି ଅବସରରେ ଡ, ପଟ୍ଟନାୟକଙ୍କୁ ନିତ୍ୟାନନ୍ଦ ମହାପାତ୍ର କଥା ସମ୍ମାନ, ଡ. ନାୟକଙ୍କୁ କବି କମଳାକାନ୍ତ ଲେଙ୍କା କବିତା ସମ୍ମାନ, କବି ଉମାକାନ୍ତ ରାଉତଙ୍କୁ ନିତ୍ୟାନନ୍ଦ ପତି କବିତା ସମ୍ମାନ, ଅଧ୍ୟାପକ ଆଭାସ ବରାଳଙ୍କୁ ଚିନ୍ତାମଣି ସାହୁ କଥା ସମ୍ମାନ, ଅଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କୁ ଭଦ୍ରକ ପୁସ୍ତକ ମେଳା କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ବିଶିଷ୍ଟ ଚିକିତ୍ସକ ଡା. ଦୁର୍ଯ୍ୟୋଧନ ଦାସ, ଡ. ବଳରାମ ମିଶ୍ର, ଡ. ପଦ୍ମକାନ୍ତ ଧଳ ଓ ସୁରବାଳା ପଟ୍ଟନାୟକ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳା କମିଟି ସମ୍ପାଦକ ଅକ୍ଷୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁସ୍ଥ ହୋଇ ଫେରିଲେ ୪୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତି ଆକ୍ରାନ୍ତ

ବନ୍ତ,୮।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ବରପଦି ଗ୍ରାମରେ ଲାଗିରହିଥିବା ଝାଡ଼ାବାନ୍ତି ସ୍ଥିତିରେ ସୁଧାର ଆସିଛି। ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ସୁସ୍ଥ ହୋଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରବିବାର ଘରକୁ ଫେରିଛନ୍ତି। ୪ ଦିନ ତଳେ ଉକ୍ତ ଗ୍ରାମରେ ଅଚାନକ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. କିରଣ କୁମାର ରଥଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଉକ୍ତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରତି ପରିବାରକୁ ଓଆର୍‌ଏସ୍ ପାଉଡର ଯୋଗାଇ ଦେବା ସହ ନାଳ ନର୍ଦ୍ଦମାରେ ବ୍ଲିଚିଂ ପକାଯାଇଥିଲା। ସରପଞ୍ଚ ବିଜୟ କୁମାର ବିଶ୍ୱାଳ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟ ଅଧିକାରୀ ରଥଙ୍କ ସହ ଆଲୋଚନା କରି ଗାଁରେ ମେଡିକାଲ ଟିମ୍ ସଜାଗ ରହିବାକୁ ଦାବି କରିଥିଲେ।

■ ୩ ଗୋରୁ ବୋଝେଇ ପିକ୍‌ଅପ ଜବତ

## ୩୬ ଗୋରୁ ଉଦ୍ଧାର, ୩ ଗିରଫ



ଜବତ ପିକ୍‌ଅପ।

ଭଣ୍ଡାରିପୋଖରୀ, ୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ୧୬ ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ୩ଟି ଗୋରୁ ବୋଝେଇ ପିକ୍‌ଅପକୁ ଜବତ କରିଛି। ୩ ଗାଡ଼ିରୁ ୩୬ ଗୋରୁଙ୍କୁ ଉଦ୍ଧାର କରିବା ସହ ୩ ଚାଳକଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁସାରେ, ରାତିରେ ପାଟ୍ରୋଲିଂ ସମୟରେ ୩ଟି ପିକ୍‌ଅପ ଭ୍ୟାନ୍‌ରେ ଆବଶ୍ୟକଠାରୁ ଅଧିକ ଗୋରୁ ବୋଝେଇ କରି ବେଆଇନ ଭାବେ ନିଆଯାଉଥିବା ଦେଖି ପୋଲିସ ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରେ ଗାଡ଼ିକୁ ଅଟକାଇଥିଲା। ଗାଡ଼ିରୁ ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଜିମା ଦେଇଛି। ସେଥିମଧ୍ୟରେ ୩୩ ଗାଈ ଓ ୩ ବଳଦ ରହିଛନ୍ତି। ଗୋରୁଗୁଡ଼ିକୁ ସାହାପୁରରୁ ଆଣି କୋଲକାତା ଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଜବତ ୩ ପିକ୍‌ଅପକୁ ଥାନାରେ ରଖି ୩ ଜଣ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଚାଳକମାନେ ହେଲେ ବସ୍ତା ଥାନା ଅଧୀନ ନବୀନପୁର ଗ୍ରାମର ରଘୁନାଥ ଜେନା, ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମର ସେକ୍ ବାବୁ ଏବଂ ରାଜପୁର ଗ୍ରାମର ସେକ୍ ଜଲାଲ। ଏଏସ୍‌ଆଇ ଶରତ ବେହେରାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୧୭୨/୧୮) ରୁଜୁ କରାଯାଇଛି। ସବଇନ୍ସପେକ୍ଟର ବିକ୍ରମ ହେମ୍ବ୍ରମ ଘଟଣାର ତଦନ୍ତ କରୁଛନ୍ତି।

# ବିଜେଡିର ପଥପ୍ରାନ୍ତ ସଭା, ପଦଯାତ୍ରା

ପଦ୍ମପୁର, ୮।୧୦(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଧୀନ ସୁଗୋ ହାଟପଡ଼ିଆଠାରେ ବିଜେଡିର ପଥପ୍ରାନ୍ତ ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡିର ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ସୁଗୋ ସରପଞ୍ଚ ମାନସୀ ନାୟକ, ଏଡତାଳ ସରପଞ୍ଚ ଜୟକୃଷ୍ଣ ନାୟକ, ସୁଗୋ ସମିତିସଭ୍ୟ କୈଳାସ ଚନ୍ଦ୍ର ଜେନା, ବରିଷ୍ଠ କର୍ମୀ ପ୍ରଶାନ୍ତ ନାୟକ, ବ୍ଲକ ବିଜେଡି ସଭାପତି ଅସିତ କୁମାର ଦାସ, ଜିଲା ଉପସଭାପତି ଦେବଦର୍ଶନ ଦାସ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ପଦ୍ମପୁର ସମିତିସଭ୍ୟ ବନଜ କୁମାର ନାୟକ, ସରପଞ୍ଚଙ୍କ ପ୍ରତିନିଧି ପୃଥ୍ୱୀରାଜ ବିଶ୍ୱାଳ, ନିରଞ୍ଜନ ଅଧିକାରୀ, ପୂର୍ବତନ ଜିଲା ପରିଷଦ ୧୮ ନମ୍ବର ଜୋନର ସଭ୍ୟ ଭାଗୀରଥି ବଳ ପ୍ରମୁଖ ସଭାରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥପ୍ରସାଦ ସରପଞ୍ଚଙ୍କ ପ୍ରତିନିଧି ଉମାକାନ୍ତ ଦାସ, ସମିତିସଭ୍ୟଙ୍କ ପ୍ରତିନିଧି ହରେକୃଷ୍ଣ ଦତ୍ତ, ଏଡତାଳର ପୂର୍ବତନ ସରପଞ୍ଚ କାମିନୀ ଜେନା, ସମିତିସଭ୍ୟ ଅମରେନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ କର୍ମୀମାନେ ବିଜେଡିର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ବିରୋଧୀ ଦଳର ସମାଲୋଚନା କରିଥିଲେ। ପରେ କର୍ମକର୍ତ୍ତା ସୁଗୋ ହାଟପଡିଆ ଛକଠାରୁ ଶୋଭାଯାତ୍ରାରେ ବାହାରି ଏଡତାଳର ପାବନ କ୍ଷେତ୍ର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ସେହିପରି ଭଦ୍ରକ ବ୍ଲକ ଅଧୀନ ୨୭ ନମ୍ବର ଜୋନ୍‌ର ଜିଲା ପରିଷଦ ଅଞ୍ଚଳରୁ ଏକ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ସାହାଡା ସରପଞ୍ଚ ପ୍ରମିଳା ବେହେରା, ସମିତିସଭ୍ୟା ସନ୍ଧ୍ୟାରାଣୀ ଧୂପାଳ, ପୂର୍ବତନ ସରପଞ୍ଚ ଡା. ପୂର୍ଣ୍ଣଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ସୁକାନ୍ତି ନାୟକ, ସାବରଙ୍ଗ ସମିତିସଭ୍ୟା ରଶ୍ମିତା ମଲିକ, ଗୋରାମାଟି ସମିତିସଭ୍ୟା ରଞ୍ଜିତା ମହାଲିକ, କୋଡବରୁଆଁ ସମିତିସଭ୍ୟା କମଳିନୀ ଘଡେଇ ପ୍ରମୁଖ ଯୋଗଦେଇଥିଲେ। ପଦଯାତ୍ରା କୋଡବରୁଆଁ ହୋଇ ସାହାଡା ପଞ୍ଚାୟତରେ ଶେଷ ହୋଇଥିଲା।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ,୮।୧୦

ଭଦ୍ରକ ମହାନ୍ତି ପରିବାର ଓ କୁଆଁସ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଚାଲିଆସିଥିବା ବରେଣ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହେଶ ଚନ୍ଦ୍ର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଫେଲୋସିପ ସଙ୍ଗଠନର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ମୁଖ୍ୟଅତିଥି, ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଈଶ୍ୱର ଚନ୍ଦ୍ର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ କୁଆଁସ ଗୁଣ୍ଡୁଣୀ କୁଞ୍ଜ ମଣ୍ଡପ ସମ୍ମୁଖରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟାନନ୍ଦ ମହାନ୍ତି,




ଉତ୍ସବରେ ବରିଷ୍ଠମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବିବେକାନନ୍ଦ ମହାନ୍ତି, ଡାକ୍ତର ଈଶ୍ୱର ଚନ୍ଦ୍ର ମହାନ୍ତି, ରଜନୀକାନ୍ତ ମହାନ୍ତି, ପ୍ରଫେସର ନବକିଶୋର ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପିକା ଡ. କାନନ ମହାନ୍ତି, ଅବନ୍ତୀ ମହାନ୍ତି, ସଂଘମିତ୍ରା ମହାନ୍ତି ଓ ଶୁଭଶ୍ରୀ ମହାନ୍ତି ମାନପତ୍ର ପାଠ କରିଥିଲେ। ଭାବଗ୍ରାହୀ ମହାନ୍ତି ସ୍ୱାଗତ ଭାଷଣ ଓ ସିଦ୍ଧାର୍ଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳାଦ୍ରି ମହାନ୍ତି, ବିକାଶ ମହାନ୍ତି, ସଞ୍ଜୟ ମହାନ୍ତି, ଗୌରଗୋପାଳ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ବଖରା ଜଳିଗଲା

ଧାମନଗର,୮।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖଡ଼ିମାହାରା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୦ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡରେ ଜଣେ ମହିଳା ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବା ଅବସ୍ଥାରେ ଗ୍ରାମର ଗୋବିନ୍ଦ ପଣ୍ଡାଙ୍କ ଘରେ ନିଆଁ ଲାଗିଯାଇଥିଲା। ଘରର ମୁଖ୍ୟଦ୍ୱାର ଦିଗରୁ ନିଆଁ ଧରିବାରୁ ପରିବାର ଲୋକେ ପଛପଟ ଦ୍ୱାର ଦେଇ ବାହାରକୁ ଚାଲିଯାଇଥିଲେ। ସମ୍ମୁଖ ଘରେ ରହୁଥିବା ଗୋବିନ୍ଦଙ୍କ ବୋହୂ ତିଲୋତ୍ତମା ପଣ୍ଡା ବାହାରକୁ ବାହାରୁଥିବା ବେଳେ ଏକ ନିଆଁଖଣ୍ଡ ତାଙ୍କ କାନ୍ଧରେ ପଡ଼ିଯିବାରୁ ସେ ଆହତ ହୋଇଛନ୍ତି। ଗୋବିନ୍ଦଙ୍କ ୨ ବଖରା ସମେତ ଗୋଟିଏ ବାଇକ୍, ୩ ସାଇକେଲ ଏବଂ ତାଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସେହିପରି ତପନ ପଣ୍ଡାଙ୍କର ୨, ଦେବେନ୍ଦ୍ର ପଣ୍ଡାଙ୍କର ୨, ଜିତେନ୍ଦ୍ର ପଣ୍ଡାଙ୍କର



୨, ଧର୍ମେନ୍ଦ୍ର ପଣ୍ଡାଙ୍କର ୨ ବଖରା ଜଳିଯାଇଛି। ଧାମନଗରରୁ ଦମକଳ ବାହିନୀ ଯାଇ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ନରେନ୍ଦ୍ର ନାରାୟଣ ନାୟକ, ବାବୁଲାଲ ସାହୁ, ଭାଜପାର ବିଷ୍ଣୁଚରଣ ସେଠୀ, ଚତୁର୍ଭୁଜ ନାୟକ, ବୈକୁଣ୍ଠ ନାଥ ସାହୁ, ଅଜୟ କୁମାର ବଳ, କଂଗ୍ରେସ ପକ୍ଷରୁ ହୃଦାନନ୍ଦ ସେଠୀ, ପ୍ରଦୀପ୍ତ କିଶୋର ଦାସ ପ୍ରମୁଖ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି।

# ୯୧୭ ହିତାଧିକାରୀଙ୍କୁ ଖାଉଟି କାର୍ଡ

ବନ୍ତ,୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୯୧୭ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବିଡିଓ ରେବେକା ବିଲୁଂଗଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ରବି ଦାସ, ସଭ୍ୟା ରେବତୀ ନାୟକ, ସିଡିପିଓ ରେଣୁବାଳା ଦାସ, ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ ଓ ଉପାଧ୍ୟକ୍ଷା ମଞ୍ଜୁଲତା



ବନ୍ତରେ ଆୟୋଜିତ ସମାରୋହରେ ଅତିଥିମାନେ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରୁଛନ୍ତି।

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା**

■ କାର୍ଯ୍ୟକ୍ରମରେ ଯୋଗ ଦେଲେନି ବ୍ଲକ ଅଧ୍ୟକ୍ଷ ଓ ବହୁ ଜନପ୍ରତିନିଧି

ଜେନା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷେ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଅଧିକାଂଶ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିବା ଦେଖାଯାଇଥିଲା। ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ବନ୍ତ ବ୍ଲକକୁ ଆସିଥିଲେ ମଧ୍ୟ ଅସୁସ୍ଥତା ଯୋଗୁ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବା ଜଣାପଡ଼ିଛି।

ରାଜ୍ୟ ସରକାର ଗାନ୍ଧୀ ଜୟନ୍ତୀଠାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ଗତ ୪ ତାରିଖରେ ବନ୍ତ ବ୍ଲକରେ ଏନେଇ କାର୍ଯ୍ୟକ୍ରମ ହେବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ପରବର୍ତ୍ତୀ ସମୟରେ ମନ୍ତ୍ରୀଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ କାର୍ଯ୍ୟକ୍ରମକୁ ୮ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ପୂର୍ବରୁ ବ୍ଲକ ଅଧ୍ୟକ୍ଷଙ୍କୁ ଏହି କାର୍ଯ୍ୟକ୍ରମର ଦାୟିତ୍ୱ ଦିଆଯାଇ ପରେ ବିଜେଡିର ଅନ୍ୟ ଏକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯିବା ନେଇ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ କହିଥିଲେ, ପ୍ରଥମେ ତାଙ୍କୁ କାର୍ଯ୍ୟକ୍ରମ ଦାୟିତ୍ୱ ଦିଆଯାଇ ପରେ ଛଡ଼ାଇ ନିଆଯାଇଥିଲା। ଫଳରେ ବିଜେଡିର ବହୁ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିବାରୁ ସେ କାର୍ଯ୍ୟକ୍ରମରେ ଯୋଗଦେଲେ ନାହିଁ।

## ପ୍ରତିଭା ବିକଶିତ କରେ 'ସୁରଭି'



ଭଦ୍ରକ ଅଫିସ,୮।୧୦

ଭଦ୍ରକ ବ୍ଲକର ବନ୍ଧଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି-୨୦୧୮ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରସିଂହ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ କ୍ଷୀରୋଦ ଚନ୍ଦ୍ର ରାଉତ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଏ ବୋଲି ମତବ୍ୟକ୍ତ କରିଥିଲେ। ସିଆର୍‌ସିସି ରାଜେଶ କୁମାର ଦାସ, ସ୍ଥାନୀୟ ସରପଞ୍ଚ ମମତାରାଣୀ ନାୟକ, ସମିତିସଭ୍ୟ ଚନ୍ଦ୍ରକାନ୍ତ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ ପ୍ରତିଭା ଚୟନ କରାଯାଇଥିଲା। ଆୟୋଜକ ବିଦ୍ୟାଳୟ ସମେତ ଅଂଶଗ୍ରହଣକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ।
- ସିସେରୋ



## ସଂକ୍ଷେପରେ

### କୃଷକ ସମାବେଶ

**ଖୁଣ୍ଟା,୮।୧୦(ଡି.ଏନ.ଏ.):** ଖୁଣ୍ଟା ବ୍ଲକ ଅଧୀନ ଭୋଲାଗଡ଼ିଆ ମିନି ଷ୍ଟାଡିୟମ ପରିସରରେ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଙ୍ଗଠନର ଗୋପବନ୍ଧୁନଗର ବ୍ଲକ ସଂଯୋଜକ କମଳାକାନ୍ତ ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସଙ୍ଗଠନ ରାଷ୍ଟ୍ରୀୟ ଅଧକ୍ଷ ଅକ୍ଷୟ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଙ୍ଗଠନର କେନ୍ଦୁଝର ଜିଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ ,ଖୁଣ୍ଟା ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର , ବାହାନଡା ସରପଞ୍ଚ ଧନେଶ୍ୱର ଟୁଡୁ ,ଭୋଲଗଡ଼ିଆର ବିଶିଷ୍ଟ ଚାଷୀ ସର୍ଦ୍ଦାର ହେମ୍ବ୍ରମଙ୍କ ସମେତ ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକରୁ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ । ଏଥିରେ ରାଜ୍ୟ ସରକାରଙ୍କ କୃଷି ନୀତିକୁ ଘୋର ନିନ୍ଦା କରାଯିବା ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କୃଷକ ସମାବେଶ ପରିପ୍ରେକ୍ଷୀରେ ଆସନ୍ତା ୨୯ ତାରିଖ ରୁ ପାଣିକୋଇଲିଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚାଷୀମାନଙ୍କ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ମୟୂରଭଞ୍ଜ ଜିଲାରୁ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେବେ ବୋଲି କହିଥିଲେ ।

### ଯଶିପୁର ଲ୍ୟାମ୍ପ୍ସର ସାଧାରଣ ସଭା

**ଯଶିପୁର,୮।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅନ୍ତର୍ଗତ ଯାମୁକେଶ୍ୱର ବଣମୁଣ୍ଡାସ୍ଥିତ ଆରସିଏମଏସ ଗୋଦାମ ଗୃହରେ ଯଶିପୁର ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଲ୍ୟାମ୍ପ୍ସର ସଭାପତି ଜଗନ୍ନାଥ ଦେଓଗାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ସହକାରୀ ନିବନ୍ଧକ ବିଜୟ କୁମାର ଟୁଡୁ , ସମ୍ମାନୀତ ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ମନୋଜ ସେଠୀ ଯୋଗଦେଇ ଥିଲେ । ଯଶିପୁର ଲ୍ୟାମ୍ପ୍ସର ପରିଚାଳକ ତଥା ନିର୍ଦ୍ଦେଶକ ନିରଞ୍ଜନ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହା ମାଧ୍ୟମରେ ଚାଷୀମାନଙ୍କୁ ବର୍ତ୍ତମାନ ସୁଦ୍ଧା ୪୪୧ କୋଟି ଟଙ୍କାର ଋଣ ସହାୟତା ଦିଆଯାଇଛି ଏବଂ ଯଶିପୁର ଧୋବାଡିହାଠାରେ ଆରଆଇଡିଏଫ ଯୋଜନାରେ ୩୫୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ହୋଇଥିବା ମଧ ଚାଷୀଙ୍କୁ ଅବଗତ କରାଯାଇଥିଲା।

### 'ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ'

**ଯଶିପୁର-୮।୧୦(ଡିଏନଏ):** ମୟୁରଭଞ୍ଜ ଜିଲା ଯଶିପୁର ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ 'ମୁଁ ହିରୋ, ମୁଁ ଓଡିଶା' କାର୍ଯ୍ୟକ୍ରମ ସ୍ଥାନୀୟ ପୁରୁଣା ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବ୍ଲକ ଅଧ୍ୟକ୍ଷ ମାନଗୋବିନ୍ଦ ନାଏକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯଶିପୁର ବିଧାୟକ ମଙ୍ଗଲ ସିଂ ମୁଦି, ସମ୍ମାନିତ ଅତିଥି ଭାବେ ଯଶିପୁର ଏବିଡିଓ ବାବାଜୀ ନାଏକ, ଅବୈତନିକ ତତ୍ତ୍ୱାବଧାରକ ଚକ୍ରଧର ହେମ୍ବ୍ରମ ,ବିଜୁ ଯୁବ ନେତା ଜାହିର ଖାଁ ପ୍ରମୁଖ ଯୋଗଦେଇଥିଲେ। ପ୍ରାଗ୍ରାମ ଅଫିସର ବୁଦ୍ଧଦେବ ମାହାକୁଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

### 'ଆୟୁଷ୍ମାନ୍ ଭାରତ' ସଚେତନତା ରଥ



**ବାଙ୍ଗିରିପୋଷି, ୮।୧୦ (ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ' ଯୋଜନା ସମ୍ପର୍କରେ ରାଜ୍ୟବାସୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ସପ୍ତାହେ ବ୍ୟାପୀ ଜନ ଜାଗରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସୋମବାର ବାଙ୍ଗିରିପୋଷି ବ୍ଲକର ବିଭନ୍ନ ଗ୍ରାମରେ ଏକ ସଚେତନତା ରଥ ପରିକ୍ରମା କରିବା ସହ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଗଦା ମୁର୍ମୁ, ୨୭ ଓ ୨୮ ନଂ ଜୋନ ମଣ୍ଡଳ ସଭାପତି ବିକ୍ରମ ହାଁସଦାଃ ଓ ଦଳଗୋବିନ୍ଦ ବେହେରା, କୁଳିଅଣା ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାଏକ, ମହିଳା ମୋର୍ଚ୍ଚା ଉପସଭାପତି ଭାରତୀ ହାଁସଦାଃ, ସଲମିତ ସୋରେନ, ସରୋଜିନୀ ନାଏକ ଓ ଗୀତା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରୁ ଅଧିକ ହିତାଧିକାରୀ ସାମିଲ ଲକ୍ଷ୍ୟ

**ବାରିପଦା ଅଫିସ,୮।୧୦**

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା**
- ସାମିଲ ହେବେ ୧ ଲକ୍ଷ ୫୬ ହଜାର ୩୨୭ ହିତାଧିକାରୀ
- ଚୟନ ହୋଇଛନ୍ତି ୮୮ ହଜାର ହିତାଧିକାରୀ
- ୧୮ ବ୍ଲକ ଓ ୨ ପୌରାଞ୍ଚଳରେ ବଣ୍ଟନ ଶେଷ

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ହିତାଧିକାରୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଏହି ଯୋଜନା ଆରମ୍ଭ ହୋଇଛି। ଏଥିପାଇଁ ସମସ୍ତ ଜିଲାର ଯୋଗାଣ ବିଭାଗ ଓ ଜିଲା ପ୍ରଶାସନକୁ ଟାର୍ଗେଟ ଦିଆଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୟୂରଭଞ୍ଜ ଜିଲାର ୨୧ ଲକ୍ଷ ୪୦ ହଜାର ୮୦୭ ହିତାଧିକାରୀ ଅଛନ୍ତି। ଅପରପକ୍ଷେ ରାଜ୍ୟ ଖାଦ୍ୟ ଯୋଜନାରେ ଏହି ଜିଲାରୁ ୧ ଲକ୍ଷ ୫୬ ହଜାର ୩୨୭ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରୁ ଅଧିକା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନିକ ଉଦ୍ୟମ ଜାରି ରହିଛି। ତେବେ ସୋମବାର ସୁଦ୍ଧା ଏହି ଯୋଜନାରେ ୨୯ ହଜାର ୨୭୫ ଜଣଙ୍କୁ ଖାଉଟି କାର୍ଡ ପ୍ରଦାନ ପାଇଁ ଚୟନ କରାଯାଇଛି। ଏଥିରେ ପ୍ରାୟ ୮୮ ହଜାର ହିତାଧିକାରୀ ସାମିଲ ଅଛନ୍ତି। ରବିବାର ସୁଦ୍ଧା ୧୮ ଟି ବ୍ଲକ ଓ ୨ ଟି ପୌରାଞ୍ଚଳର ୧୪ ହଜାର ୨୬୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ହିତାଧିକାରୀ ଏହି ଯୋଜନାରେ ସାମିଲ ହେବା ନିମନ୍ତେ ଆବେଦନ କରିପାରିବେ। ଆବେଦନ ପରେ ଚୟନ କରାଯାଇ ପର୍ଯ୍ୟାୟ କ୍ରମେ କାର୍ଡ ପ୍ରଦାନ କରାଯିବ ।

ବାରିପଦା ଶହୀଦ ସ୍ମୃତି ଭବନଠାରେ ସୋମବାର ଆୟୋଜିତ ବାରିପଦା ବ୍ଲକ ଓ ପୌରାଞ୍ଚଳର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ ରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ ସମାରୋହରେ ଜିଲା ଯୋଗାଣ ଅଧିକାରୀ କିଶୋର କୁମାର ପାତ୍ର ଉପରୋକ୍ତ ସୂଚନା ଦେଇଛନ୍ତି। ଏହି ସମାରୋହରେ ବାରିପଦା ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ମୁଖ୍ୟ ଅତିଥି ଭାବେ



ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଜଣେ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ କରୁଛନ୍ତି।

ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ ବାରିପଦା ପୌରାଞ୍ଚଳର ୧୦୪୮ ଓ ବାରିପଦା ବ୍ଲକର ୩୭୨ ଜଣଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବାରିପଦା ଏସିଏସଓ ପ୍ରଦୀପ ପଣ୍ଡା ପରିଚାଳନା କରିଥିବାବେଳେ ବାରିପଦା ବିଡିଓ ସରୋଜ କୁମାର ଦାସ, ବାରିପଦା ପୌର ପରିଷଦ ନଗରପାଳ ବବିତା ଦାସ, ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବାରିପଦା ବ୍ଲକ ଉପାଧ୍ୟକ୍ଷ ରବୀନ୍ଦ୍ର ମହାନ୍ତି, ଜିଲାପରିଷଦ ସଭ୍ୟା ସୁକୁମାରୀ ବାସ୍କେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଯୋଜନାରେ ସାମିଲ ହେବା ପାଇଁ ଚୟନ ବେଳେ ହିତାଧିକାରୀଙ୍କ ପାଇଁ ୧୧ ଗୋଟି ମାପଦଣ୍ଡ ଏବଂ ଯୋଜନାରୁ ବାଦ ଦେବା ପାଇଁ ମଧ ୯ ଗୋଟି ମାପଦଣ୍ଡ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାର୍ଯ୍ୟ ରଖାଯାଇଛି। ଅନ୍ୟପକ୍ଷରେ ସୋମବାର ସୁଦ୍ଧା ସରକାରଙ୍କ ପ୍ରଦତ୍ତ ଟାର୍ଗେଟର ୫୭ ପ୍ରତିଶତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ। ତେବେ ଆବେଦନକାରୀ ଆବେଦନ କରୁଛନ୍ତି। ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଚୟନ ପ୍ରକ୍ରିୟା ଚାଲୁ ରହିଥିବା ଜିଲା ଯୋଗାଣ ଅଧିକାରୀ ପାତ୍ର କହିଛନ୍ତି। ଅପରପକ୍ଷେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାଙ୍କ ଦ୍ୱାରା ହିତାଧିକାରୀ ସମ ପରିମାଣରେ ଉପକୃତ ହେବେ ବୋଲି ସେ କହିଛନ୍ତି।

ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ କପ୍ତିପଦା ବ୍ଲକରେ ୯ ,୫୪୫, ବହଳଦା ବ୍ଲକରେ ୫,୫୨୦, ବାଙ୍ଗିରିପୋଷି ବ୍ଲକରେ ୬,୬୬୪, ବାରିପଦା ବ୍ଲକରେ ୪, ୩୦୬, ବଡସାହି ବ୍ଲକରେ ୯, ୩୮୬, ବେତନଟି ବ୍ଲକରେ ୯ ,୬୫୬, ବିଜାତଳା ବ୍ଲକରେ ୩ ହଜାର୯୭୪, ବିଶୋଇ ବ୍ଲକରେ ୪ ହଜାର ୭୮୦, ଗୋପବନ୍ଧୁନଗର ବ୍ଲକରେ ୪ ହଜାର ୮୩୦, ଜାମଦା ବ୍ଲକରେ ୩ ହଜାର ୮୦୫, ଯଶିପୁର ବ୍ଲକରେ ୬,୧୫୫, କରଞ୍ଜିଆ ବ୍ଲକରେ୫,୮୬୯, ଖୁଣ୍ଟା ବ୍ଲକରେ ୪ ହଜାର ୭୫୪, କୁଳିଅଣା ବ୍ଲକରେ ୬ ହଜାର ୪୮୮, କୁସୁମି ବ୍ଲକରେ ୫ ହଜାର ୯୭୨, ମୋରଡା ବ୍ଲକରେ ୬ ହଜାର୬୫୭, ରାଇରଂଗପୁର ବ୍ଲକରେ ୩ ହଜାର ୪୧୫, ରରୁଆଁ ବ୍ଲକରେ ୪ ହଜାର ୨୬୨, ରାସଗୋବିନ୍ଦପୁର ବ୍ଲକରେ ୬ ହଜାର ୧୯୧, ସାରସକଣା ବ୍ଲକରେ ୬ ହଜାର ୪୬୭, ଶାମାଖୁଣ୍ଟା ବ୍ଲକରେ୪ ହଜାର ୮୩୭, ଶୁକ୍ରୁଳୀ ବ୍ଲକରେ ୩ ହଜାର ୮୮୧, ଶୁଳିଆପଦା ବ୍ଲକରେ୬,୫୬୦, ଠାକୁରମୁଣ୍ଡା ବ୍ଲକରେ ୬ ହଜାର ୭୧୬, ତିରିଂ ବ୍ଲକରେ ୩ ହଜାର ୬୫୬, ଉଦଳା ବ୍ଲକରେ ୪ ହଜାର ୮୮୨ ହିତାଧିକାରୀ। ସେହିପରି ବାରିପଦା ମ୍ୟୁନିସିପାଲିଟିରେ ୩ ହଜାର ୮୫୨, କରଂଜିଆ ଏନଏସିରେ ୧ ହଜାର ୫୪, ରାଇରଙ୍ଗପୁର ମ୍ୟୁନିସିପାଲିଟିରେ ୧ ହଜାର ୪୮୭ ଏବଂ ଉଦଳା ଏନଏସିରେ ୭୦୫ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାରିପଦା ଅଫିସ,୮।୧୦**

ବାରିପଦା ସହର ଭଞ୍ଜପୁରସ୍ଥିତ ବାରିପଦା ମହାବିଦ୍ୟାଳୟ ଇନଡୋର ଷ୍ଟାଡିୟମ ପରିସରରେ ୨ ଦିନିଆ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷା ବର୍ଷ ପାଇଁ ଏହି ପ୍ରତିଯୋଗିତାର ଉଦଯାପନୀ ଦିବସରେ ପୁରୁଷ ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାରିପଦା ମହାବିଦ୍ୟାଳୟକୁ ୩/୧ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ମହିଳା ବିଭାଗରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟକୁ ୨/୦ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ



ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ପ୍ରତିଯୋଗୀଙ୍କ ଗହଣରେ ଅତିଥି ବୃନ୍ଦ।

ବାରିପଦା ମହାବିଦ୍ୟାଳୟ ଅଧକ୍ଷ ରଞ୍ଜନ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ.ତରୁଣ କୁମାର ଓଝା ଯୋଗଦେଇଥିଲେ। ଦୁଇ ଦିନିଆ ଏହି କ୍ରୀଡାକୁ ବାରିପଦା ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ତାପସ କୁମାର ସାମଲ, ଏମପିସି ମହାବିଦ୍ୟାଳୟର ସତ୍ୟନାରାୟଣ ବାରିକ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଦୀପ୍ତ ରଞ୍ଜନଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ କ୍ରିକେଟ ଖେଳାଳି ଚୟନ ପ୍ରତିଯୋଗିତା

**ବାଙ୍ଗିରିପୋଷି,୮।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାସ୍ତରୀୟ କ୍ରିକେଟ ଖେଳାଳି ଚୟନ ପ୍ରତିଯୋଗିତା ବାଙ୍ଗିରିପୋଷି ବ୍ଲକ ଅଂଳାଗୁ ଗ୍ରାମ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ ଜିଲା ଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରିଙ୍କ ମାର୍ଗଦର୍ଶନରେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଗଦା ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୁରୁପ୍ରସାଦ ଡାଙ୍ଗୁଆ, ଦ୍ୱାରଶୁଣି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର, ଆୟୋଜିତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ଗିରି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ନାଏକ, ମୟୂରଭଞ୍ଜ ଜିଲା ଶାରିରୀକ ଶିକ୍ଷା ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଦୀପକ ରାମ,ଓଷ୍ଟା ଶିକ୍ଷକ ସଂଘ ବାଙ୍ଗିରିପୋଷି ବ୍ଲକ ସମ୍ପାଦକ ବିକାଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ସେମାନେ ନଭେମ୍ବରରେ ଅନୁଗୁଳଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲା ଶାରିରୀକ ଶିକ୍ଷା ଶିକ୍ଷକ ସଂଘ ଉପସଭାପତି ମିନତୀ ଜେନା ଅତିଥି ପରିଚୟ ଓ ଶିକ୍ଷକ ହରିହର ନାଏକ ଧନ୍ୟବାଦ ଦେଇଥିଲେ।



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ

**ଖୁଣ୍ଟା,୮।୧୦(ଡି.ଏନ.ଏ.)**

ଗୋପବନ୍ଧୁନଗର ବ୍ଲକ ଅଧୀନ ନାହରାଠାରେ ଏଲପିଜି ପଞ୍ଚାୟତ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୋଜନାର ସିଏସସି ପ୍ରକାଶ ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାରତ ଗ୍ୟାସ ପରିବାର ପକ୍ଷରୁ ହରିଶ ଚନ୍ଦ୍ର ବେହେରା ଏଲ ପିଜି ପଞ୍ଚାୟତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିଯୋଗୁ ମହିଳାମାନେ ସମୟ ବାହାର କରି ଅନ୍ୟାନ୍ୟ କାମଧନ୍ଦା କରିବା ସହ ପରିବାରର ଆର୍ଥିକ ଅବସ୍ଥାରେ ସୁଧାର ଆସି ପାରିବ ବୋଲି କହିଥିଲେ। ସଂସ୍ଥାର କର୍ମଚାରୀ ଉଦୟ କୁମାର କର ମହିଳାମାନଙ୍କୁ ଗ୍ୟାସ ବ୍ୟବହାରର ନିୟମାବଳି ଓ ସତର୍କତା ସମ୍ପର୍କରେ ସଚେତନ କରାଇଥିଲେ।

## ଚୋରି ଘଟଣାରେ ଜଣେ ଗିରଫ

**ଖୁଣ୍ଟା,୮ ।୧୦ (ଡି.ଏନ.ଏ.)**

ଖୁଣ୍ଟା ଥାନା ଅଧୀନ ଜୁରାଡ଼ି ଗ୍ରାମରେ ଏକ ଟ୍ରାକ୍ଟରରୁ ଡିଜେଲ ଓ ବ୍ୟାଟେରୀ ଚୋରି କରିଥିବା ଅଭିଯୋଗରେ ଖୁଣ୍ଟା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫଜଣକ ହେଲେ ଜୁରାଡ଼ି ଗ୍ରାମର ବୁଧିଆ ମୁର୍ମୁ। ଉକ୍ତ ଗ୍ରାମର ବୋଇଦାନ ମହାନ୍ତ ଗତ ମାସ ୨୮ ରେ ନିଜ ଘର ଅଗଣାରେ ନିଜ ଟ୍ରାକ୍ଟର ରଖିଥିବା ବେଳେ ରାତିରେ ଉକ୍ତ ଟ୍ରାକ୍ଟରରୁ ଡିଜେଲ ଓ ବ୍ୟାଟେରି ଚୋରି ହୋଇଯାଇଥିଲା। ସେହିପରି ଉକ୍ତ ଗ୍ରାମର ଅନ୍ତର୍ଯାମୀ ପଣ୍ଡାଙ୍କ ଟ୍ରାକ୍ଟରରୁ ମଧ ୩ ଥର ଡିଜେଲ ଓ ବ୍ୟାଟେରି ଚୋରି ହୋଇଥିଲା। ଖୁଣ୍ଟା ପୋଲିସ ଏନେଇ ଦୁଇଟି ମାମଲା ରୁଜୁ କରି ବୁଧିଆଙ୍କୁ ଗିରଫ କରି ଚୋରି ସାମଗ୍ରୀ ଜବତ କରିଛି ।

## ମନ ମୋହିଲା ପାରମ୍ପରିକ ନୃତ୍ୟ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଭଞ୍ଜକିଆ, ୮।୧୦**

ରରୁଆଁ ବ୍ଲକ୍ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟ ଭଞ୍ଜକିଆଠାରେ 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ସୁବୋଧ ଚନ୍ଦ୍ର ବାରିକ ଏଥିରେ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସମ୍ମାନନୀୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ରାମଚନ୍ଦ୍ର ହାଁସଦାଃ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାର୍ଣ୍ଡି, ଯଶିପୁର ବିଧାୟକ ମଙ୍ଗଲସିଂ ମୁଦି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକ, ବିଡିଓ ଈଶ୍ୱର ଚନ୍ଦ୍ର ନାୟକ, କଲେଜ ପ୍ରତିଷ୍ଠାତା ଅଭିମନ୍ୟୁ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ପାରମ୍ପରିକ ନୃତ୍ୟର ତାଳେ ତାଳେ ଉପବାଚସ୍ପତିଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ କଳା ପ୍ରଦର୍ଶନର ସୁଯୋଗ ଦେବା ସହ ପୁରସ୍କୃତ କରିବା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ବ୍ଲକ୍‌ର ସମସ୍ତ ଅଞ୍ଚଳର ଯୁବପ୍ରତିଭା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାପଡିଥିଲା। ସେମାନଙ୍କୁ ବିଜୁ ବାହିନୀ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣାରେ ଜଣେ ମୃତ

**ଉଦଳା, ୮।୧୦ (ଡି.ଏନ.ଏ.)**

ସୋମବାର ରାତିରେ ଉଦଳା ଥାନା ଅଧୀନ ଉଦଳା-ବାରିପଦା ରାଜ୍ୟ ରାଜପଥର ଜୁଆଳିଆ ଛକ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ପଥଚାରୀର ମୃତ୍ୟୁ ହୋଇଛି। ଏଥିରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅଦାପାଳ ଗ୍ରାମର ମଣ୍ଟୁ ଟୁଡୁ(୩୫) । ମଣ୍ଟୁ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଉଦଳାରୁ ବାରିପଦା ଅଭିମୁଖେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ମଣ୍ଟୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବାଇକ୍ ଆରୋହୀ ଖୁଣ୍ଟା ଥାନା ଛତ୍ରୁଣୀ ଅଞ୍ଚଳ ପୂର୍ଣ୍ଣଚନ୍ଦ୍ର ନାଏକ(୩୨) ଗୁରୁତର ହୋଇ ଉଦଳା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କରିଥିଲେ। ଖବରପାଇ ଉଦଳା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

■ କେନାଲ ଜଳଯୋଗାଣ ନେଇ ବିବାଦ

## ୩ ଇଞ୍ଜିନିୟର ଅଟକ, ଉତ୍ତେଜନା

**ରାଇରଙ୍ଗପୁର,୮।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ବ୍ଲକ ବିଜାତଳା ବ୍ଲକ ତଥା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ବାଙ୍କବଳ ଡ୍ୟାମ ଜଳଯୋଗାଣକୁ ନେଇ ଦୀର୍ଘ ଦିନ ହେଲା ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଡ୍ୟାମର ପାଣିକୁ ଅଟକା ଯାଉଥିବାରୁ ପ୍ରାୟ ୬ ଟି ଗ୍ରାମବାସୀ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଆସୁଥିବା ଅଭିଯୋଗ କରି ଆସୁଥିଲେ। ଏଥିଯୋଗୁ ସେମାନଙ୍କ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବାରୁ ସେମାନେ ଆର୍ଥିକ ଭାବେ ଦୁର୍ବଳ ହୋଇଯାଉଛନ୍ତି। ଏହି ଘଟଣାର ସମାଧାନ ନିମନ୍ତେ ସୋମବାର ଘଯାଇଥିବା ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଛନ୍ତି।

କେନାଲ ଜଳଯୋଗାଣ ବିବାଦୀୟ ପରିସ୍ଥିତି ଅନୁଧ୍ୟାନ ସକାଶେ ସୋମବାର ରାଇରଙ୍ଗପୁର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଅଜୟ କୁମାର ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସାଗର ସାମନ୍ତ ସାମଲ ଏବଂ ଜୈନିକ କନିଷ୍ଠଯନ୍ତ୍ରୀଙ୍କ ସମେତ ୬ ନମ୍ବର ପାଣି ପଞ୍ଚାୟତ ସଭାପତି ରଜନୀ ବିନ୍ଧାଣୀ ପ୍ରମୁଖ ଘଟଣାସ୍ଥଳକୁ ଯାଉଥିଲେ। ଏନେଇ ଖବର ପାଇ ବଣକାଟି ଗ୍ରାମ ଛକ ରାସ୍ତାରେ କେତେକ ଗ୍ରାମବାସୀ ଯନ୍ତ୍ରୀଙ୍କ ଗାଡିକୁ ଅଟକାଇଥିଲେ। ସେମାନେ ଉକ୍ତ ଛକ ରାସ୍ତାରେ ୩ ଜଣ ଯନ୍ତ୍ରୀ ଏବଂ ପାଣିପଞ୍ଚାୟତ ସଭାପତି ସମେତ ୪ ଜଣଙ୍କୁ ଦୀର୍ଘ ସମୟ ଅଟକ ରଖିଥିଲେ। ଖବରପାଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସମେତ ସଦଳବଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଯନ୍ତ୍ରୀଙ୍କୁ ମୁକୁଳାଇଥିଲେ। ଏହାପରେ ଆପୋଷ ଆଲୋଚନା ପରେ ଘଟଣା ସମାଧାନ ହୋଇଥିବା ନିର୍ବାହୀଯନ୍ତ୍ରୀଙ୍କ ନିକଟରୁ ପ୍ରକାଶ। ଉକ୍ତ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଖଣ୍ଡଦେଉଳି ଏବଂ ଛଣପାଳ ଗ୍ରାମର କେତେକ ଗ୍ରାମବାସୀଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିବା ଜଣାଯାଇଛି।

## ମହାଳୟାରେ ଦେବୀ ଦୁର୍ଗାଙ୍କ ଖଡ୍ଗ ପୂଜା

**ଉଦଳା, ୮।୧୦ (ଡି.ଏନ.ଏ.)**

ପବିତ୍ର ମହାଳୟା ଅବସରରେ ସୋମବାର ଉଦଳାରେ ଦେବୀ ଦୁର୍ଗାଙ୍କର ଖଡ୍ଗ ପୂଜନ ଶେଷ ହୋଇଛି । ଆଉ ଅଳ୍ପ ଦିନ ପୂଜା ଥିବାରୁ ମ କପ୍ତିପଦା ଉପଖଣ୍ଡର ସଦର ମହକୁମାର ସମସ୍ତ ମଣ୍ଡପଗୁଡିକରେ ମେଢ ଓ ତୋରଣ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ସର୍ବପୁରାତନ ଉଦଳା କଚେରି ଦୁର୍ଗା ପୂଜା ମଣ୍ଡପ, ନାଗପାଳ ଦୁର୍ଗା ପୂଜା କମିଟି, ଉଦଳା ଆମ ଦୁର୍ଗାପୂଜା କମିଟି, ମୁକୁନ୍ଦ ବଜାର ଦୁର୍ଗା ପୂଜା କମିଟି ସହିତ ଆମ ଗାଁ ଦୁର୍ଗାପୂଜା କମିଟି ପକ୍ଷରୁ ତୋରଣ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ଖାସ୍ କରି ପୂଜା ମଣ୍ଡପଗୁଡିକରେ ବିଭିନ୍ନ ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

ଆସନ୍ତା ସୋମବାର ଦେବୀ ଦୁର୍ଗାଙ୍କ ତପଷଷ୍ଠୀ ଓ ବେଲଅଧିବାସ, ମଙ୍ଗଳବାର ମହାସପ୍ତମୀ ଘଟାଧିବାସ ଓ କଳସଯାତ୍ରା, ବୁଧବାର ଦେବୀଙ୍କର ମହାଷ୍ଟମୀ ପୂଜା ସହିତ ସନ୍ଧିପୂଜା କାର୍ଯ୍ୟକ୍ରମ, ଗୁରୁବାର



ଆମ ଦୁର୍ଗା ପୂଜା କମିଟି ପକ୍ଷରୁ ଖଡ୍ଗ ପୂଜା ହେଉଛି।

ମହାନବମୀ , ଶୁକ୍ରବାର ମହାଦଶମୀ ଓ ଦଶହରା ପର୍ବ ପାଳନ କରାଯିବ। ପୂଜା ମଣ୍ଡପଗୁଡିକରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସାଧାରଣ ପ୍ରଶାସନ ଏବଂ ପୋଲିସ୍ ପ୍ରଶାସନର ମିଳିତ ଉଦ୍ୟମରେ ଆସନ୍ତା ୧୦ରେ ପୂଜା କମିଟିର ବରିଷ୍ଠ ସଦସ୍ୟଙ୍କୁ ନେଇ ଶାନ୍ତି କମିଟି ଆୟୋଜନ କରାଯାଇଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ,ଆମ ଦୁର୍ଗା ପୂଜା କମିଟି ଉଦଳା ତରଫରୁ ୱାର୍ଡ ନଂ ୧ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରୁ ଦେବୀଙ୍କ ଉଦ୍ଦେଶ୍ୟରେ ଖଡ୍ଗ ପୂଜନ କରାଯାଇଥିଲା । ଏକ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜନ ଖଡ୍ଗକୁ ପହଞ୍ଚାଯାଇଥିଲା । ବରିଷ୍ଠ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତି, କମିଟିର ଉପସଭାପତି ସରୋଜ କୁମାର ସାମଲ, ଅନ୍ତର୍ଯାମୀ ସାହୁ, ଅଶୋକ ଦାସ, ଅମୀୟ କୁମାର ବଳଙ୍କ ସମେତ ଶତାଧିକ କମିଟି ସଦସ୍ୟ ଉପସ୍ଥିତ ରହିଥିଲେ।

- ଏଥର ପାର୍ବଣରେ ଝଲସିବ ପୂଜା ମଣ୍ଡପ
- ୧୦ରେ ଶାନ୍ତି କମିଟି ବୈଠକ
- ଶାନ୍ତିଶୃଙ୍ଖଳା ରକ୍ଷାକୁ ଦିଆଯାଉଛି ଗୁରୁତ୍ୱ

## ସଂକ୍ଷେପରେ

### ଦୁର୍ଘଟଣାରେ ମୃତ ବୃଦ୍ଧାଙ୍କ ପରିଚୟ ମିଳିଲା

**ପାଟଣା, ୮।୧୦(ସ୍ୱ.ପ୍ର.):** ପାଟଣା ବ୍ଲକ ତୁରୁମୁଙ୍ଗା ଚେମେଣା ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ବସ୍ ଓ କଣ୍ଟେନର ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ବୃଦ୍ଧାଙ୍କର ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ସେହିଦିନ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ରବିବାର ମୃତକଙ୍କୁ ତାଙ୍କ ଜ୍ୱାଇଁ ଚିହ୍ନଟ କରିଛନ୍ତି। ମୃତକ ଜଣଙ୍କ ହେଲେ ସଦର ଥାନା ରେଙ୍ଗାଳବେଡା ଗ୍ରାମର କୌଶଲ୍ୟା ନାଏକ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୧୦୦/୧୮) ରୁଜୁ ହୋଇଛି। ଏଏସଆଇ ଗୁରୁପ୍ରସାଦ ଦେଓ ତଦନ୍ତ ଜାରି ରଖିଛନ୍ତି। କେନ୍ଦୁଝର ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଅଚେତ ଅବସ୍ଥାରେ ନାବାଳକ ଉଦ୍ଧାର

**ତେଲକୋଇ, ୮।୧୦(ଡି.ଏନ.ଏ.):** ତେଲକୋଇ ମୁଖ୍ୟାଳୟର ହାଇସ୍କୁଲ ଛକଠାରେ ଜଣେ ନାବାଳକ ଛେଳି ଚରାଳିଙ୍କୁ ରବିବାର ଅଚେତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚିକିତ୍ସାର ୨ଘଣ୍ଟା ପରେ ସ୍ୱାଭାବିକ ହୋଇ ନାବାଳକ ନିଜ ପରିଚୟ ଦେଇଥିଲେ। ନାବାଳକଙ୍କ ଘର ଦେଉଳଡିହା ପଞ୍ଚାୟତର ଘୁଣ୍ଟପଶି ଗ୍ରାମରେ। ପର ଘରେ କାମ କରି ଅସହାୟ ହୋଇ ରାସ୍ତା କଡରେ ଅଚେତ ଅବସ୍ଥାରେ ପଡିଥିବା ସେ କହିଛନ୍ତି। ଏଭଳି ବହୁ ଛୁଆ ପେଟ ପାଇଁ ପରଘରେ କାମ କରିବା ଏବଂ ଅଞ୍ଚଳରେ ସର୍ବଶିକ୍ଷା ଯୋଜନା ପ୍ରହସନରେ ପରିଣତ ହୋଇଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଗୋଲପ ପଧାନଙ୍କୁ ପଚାରିବାରୁ ସମ୍ପୃକ୍ତ ନାବାଳକଙ୍କୁ ନିକଟସ୍ଥ ସ୍କୁଲରେ ପାଠପଢିବାର ବ୍ୟବସ୍ଥା ସହ ଛାତ୍ରାବାସରେ ରହିବାର ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ପୁଣି ଯୋଡ଼ା ମଙ୍ଗଳା ମନ୍ଦିରରୁ ଚୋରି

**ଯୋଡା,୮।୧୦(ଡି.ଏନ.ଏ.)–** ଯୋଡା ସହରର ଗୋପ ମହାନ୍ତି ହଟିଂ ଅଞ୍ଚଳର ଜୁରୁଡି ରାସ୍ତା କଡରେ ଥିବା ମଙ୍ଗଳା ମନ୍ଦିର ହୁଣ୍ଡିରୁ ପୁଣି ସୋମବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୩ ତାରିଖରେ ଉକ୍ତ ମନ୍ଦିରରୁ ଚୋରି ହୋଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ବିଫଳ ହୋଇଥିବା ବେଳେ ପୁନର୍ବାର ଚୋରି ଘଟଣା ସାଧାରଣଙ୍କୁ ବିସ୍ମିତ କରିଛି। ସୋମବାର ବିଳମ୍ବିତ ରାତିରେ ଚୋରମାନେ ବାହାରଆଡୁ ତାଲା ବନ୍ଦ କରି ମନ୍ଦିର ଗେଟ୍‌ର ଚେନ କାଟି ଚାରୋଟି ତାଲା ଭାଙ୍ଗିବା ସହ ହୁଣ୍ଡିରେ ଥିବା ଟଙ୍କାକୁ ନେଇଯାଇଥିଲେ। ମନ୍ଦିରକୁ ଲାଗି ଥିବା ପୂଜା ସାମଗ୍ରୀ ଦୋକାନରେ ପଶି ଦୋକାନର ସାମଗ୍ରୀ ଓ ନଗଦ ଟଙ୍କା ଚୋରି କରିଥିବା ଦୋକାନୀ ସୁଭନ୍ୟା ସାହୁ ପ୍ରକାଶ କରିଛନ୍ତି। ଏ ନେଇ ଯୋଡା ଥାନାରେ ଅଭିଯୋଗ କରାଯାଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଯୋଡା ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିଲେ ହେଁ ପୋଲିସର ପାଟ୍ରୋଲିଂ କଡାକଡି କରାଯାଉନଥିବା ସାଧାରଣରେ ଅଭିଯୋଗ ହୋଇଛି।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଝୁମ୍ପୁରା, ୮।୧୦(ଡି.ଏନ.ଏ.):** ଝୁମ୍ପୁରା ଦୁର୍ଗାପୂଜା ପାଇଁ ତୃତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ଅଞ୍ଚଳର ଏହି ପୂଜା ସବୁଠାରୁ ବଡ଼। ସମ୍ପାଦକ ଧନେଶ୍ୱର ବେହେରାଙ୍କ ସମ୍ଭାଷଣ ପରେ ପୂଜା ପ୍ରସ୍ତୁତି ଖସଡ଼ା ପାଠ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ପୂଜା ଓ ମୀନା ବଜାରର ସମ୍ଭାବ୍ୟ ଭିଡ଼କୁ ଦେଖି ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ୪ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ପୂଜା ପାଇଁ ମୂର୍ତ୍ତି, ତୋରଣ, ସାଜସଜ୍ଜା ଜୋର ସୋରରେ ଆଗେଇ ଚାଲିଛି। ବର୍ତ୍ତମାନଠାରୁ ପୂଜା ସମାପନ ପର୍ଯ୍ୟନ୍ତ ସଦସ୍ୟମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ ହୋଇଥିଲା। ଚଳିତ ବର୍ଷ ୪ ଜଣ ନୂତନ ସଦସ୍ୟ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ୧୬ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡାଙ୍କ ସହ ଝୁମ୍ପୁରା ଦୁର୍ଗତୀ ନାଶିନୀ ଯୁବ ସଂଘରେ ନୂତନ ଭାବେ ସାମିଲ ହୋଇଛନ୍ତି। ଏ ନେଇ ଯୁବ ସଂଘର କାର୍ଯ୍ୟକାରୀ ସଭାପତି ସୁବୋଧ ଗୁପ୍ତା ସୂଚନା ଦେଇଥିଲେ। ବୈଠକରେ ସମସ୍ତ ୮୦ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ।

# ଖୋଜା ପଡୁଛି ଦେଶୀମାଛ

**କେନ୍ଦୁଝର, ୮।୧୦(ସ୍ୱ.ପ୍ର.)**

- ଆନ୍ଧ୍ର ମାଛ ଉପରେ ଭରସା
- ରାସାୟନିକ ସାରର ପ୍ରଭାବ


ଜଣେ ଯୁବକ ବନଶୀ କଣ୍ଟାରେ ମାଛ ଧରୁଛନ୍ତି।

ବହୁ ପରିମାଣରେ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର ତଥା ଜଳବାୟୁରେ ପରିବର୍ତ୍ତନ ଯୋଗୁ ବିଲଗଡ଼ିଆରୁ ଦେଶୀମାଛ ଲୋପ ପାଇବାକୁ ବସିଛି। ସେହି ମାଛ ଏବେ ଖୋଜା ପଡୁଛି। ବିଲରେ କିଛି ଦେଶୀ ମାଛ ଦେଖିବାକୁ ମିଳୁନି। ଫଳରେ ମାଛ ଖାଇ ବଞ୍ଚୁଥିବା ପକ୍ଷୀମାନଙ୍କ ସଂଖ୍ୟା ହ୍ରାସ ପାଉଛି। ଆଉ ବିଲ ଗଡ଼ିଆରେ ଆଗଭଳି ମାଛ ଦେଖିବାକୁ ମିଳୁନାହିଁ। ଦେଶୀମାଛ ବ୍ୟତୀତ ଦେଶୀ ଚିଙ୍ଗୁଡି, କଙ୍କଡ଼ା ମଧ୍ୟ ମିଳୁନାହିଁ। ପୋଖରୀରେ ଦେଶୀମାଛ ଚାଷ ଆଗଭଳି ହୋଇ ପାରୁନାହିଁ। ବାହାରୁ ଆସୁଥିବା ଆନ୍ଧ୍ର ବା ହାଇବ୍ରିଡ ମାଛ, ସମୁଦ୍ର ଚିଙ୍ଗୁଡି, କଙ୍କଡ଼ା ଉପରେ ସମସ୍ତଙ୍କ ଭରସା ହେଉଛି।

ବର୍ଷା ଋତୁରେ ଧାନ ଚାଷ ସାଙ୍ଗକୁ ବିଲରୁ ମାଛ ଧରିବା ଚାଷୀକୁ ଆନନ୍ଦିତ କରିଥାଏ। ଛୋଟ ପିଲାଠାରୁ ଆରମ୍ଭ କରି ବଡ଼ ଲୋକେ ବିଲରେ ବିଭିନ୍ନ ଉପାୟରେ ମାଛ ଧରିଥାନ୍ତି। ମାଛ ଧରିବାକୁ ବାଉଁଶରେ ଏକ ସାମଗ୍ରୀ ତିଆରି କରାଯାଏ। ଯାହାକୁ ଖଇଁଛି ବା କହାଣିଆ କୁହାଯାଏ। ଆଗରୁ ରାତିରେ ବିଲରେ ମାଛ ଧରିବା ପାଇଁ ଏହାକୁ ପାଣି ବୋହିଯାଉଥିବା ଧାରରେ ବସାଯାଇଥାଏ। ସକାଳେ ଏଥିରେ ପଡ଼ିଥିବା ମାଛ ସଂଗ୍ରହ କରାଯାଏ। ଜାଲି ବା କନା ଦ୍ୱାରା ମଧ୍ୟ ମାଛ ଧରାଯାଏ। ଚେଙ୍ଗ, ଗଡ଼ିଶା, ମାଗୁର, ତୁଡି, ନେତୁରୁ, ସେରମା, କରାଣ୍ଡି, କଉ, ସିଙ୍ଗି, କଣ୍ଟିଆ, ଗେନ୍ତୁ, ଶେଉଳ, ବାହିଁରା, ବାଳିଆ ଆଦି ବିଭିନ୍ନ ପ୍ରକାରର ବିଲ ମାଛ ମିଳୁଥିଲା। ନେତୁରୁ, ସେରମା, କଉ, ସିଙ୍ଗି, ଶେଉଳ, ବାହିଁରି, ବାଳିଆ ଆଦି ମାଛ ଧୀରେ ଲୋପ ପାଇବାକୁ ଲାଗିଛି। ଧାନ ପାଚିଲା ପରେ ଝୁରୀ, ଦଣ୍ଡକାରୀ, ଚିଙ୍ଗୁଡି ଆଦି ମାଛ ମିଳିଥାଏ। ସବୁ ମାଛର ସ୍ୱାଦ ବହୁତ ଭଲ। ଏହାକୁ ଭାଜି, ତରକାରି କରି ବା ପୋଡ଼ି ଖାଇଥାନ୍ତି। ଅନେକ ଖରାରେ ଶୁଖାଇ ଶୁଖୁଆ କରିଥାନ୍ତି।

ମଣିଷ ବ୍ୟତୀତ ପକ୍ଷୀ ଓ କେତେକ ପଶୁ ମାଛ ଖାଇଥାନ୍ତି। ବିଲ ଗଡ଼ିଆରେ ଆଗରୁ ବହୁ ସଂଖ୍ୟାରେ ବଗ, ଡାହୁକ, ଗେଣ୍ଡାଳିଆ, ସରାଡି, ପାଣିକୁଆ, ମାଛରଙ୍କା, ସରସ୍ୱତୀ ଚଢେଇ ଦେଖିବାକୁ ମିଳୁଥିଲା। ରାତିରେ କାଳବାଜୁଣୀ ଚଢେଇ ମାଛ ଖାଇବାକୁ ବିଲରେ ବସୁଥିଲା। ଏହା ଛଡ଼ା ବେଲରା ମୂଷା, ଶିଆଳ, ଓଧ ଆଦି ପଶୁ ମଧ୍ୟ ମାଛ ଖାଇ ବଞ୍ଚୁଥିଲେ। ମାଛ ଲୋପ ପାଇଯିବା ଫଳରେ ପଶୁପକ୍ଷୀମାନଙ୍କ ମଧ୍ୟରେ ଖାଦ୍ୟ ସଙ୍କଟ ଦେଖାଦେଇଛି। ସେମାନଙ୍କ ସଂଖ୍ୟା ମଧ୍ୟ କମିଯାଇଛି। ବହୁ ପରିମାଣରେ ବିଷାକ୍ତ ସାରର ପ୍ରୟୋଗ ଏବଂ କୀଟ ନାଶକ ଔଷଧର ବ୍ୟବହାର ସବୁ ମାଛ ଲୋପ ପାଇବାର କାରଣ ବୋଲି ପରିବେଶବିତ୍ ଡକ୍ଟର ବିଦ୍ୟାଧର ବେହେରା କହିଛନ୍ତି। ବର୍ଷା ଅଭାବ, ଅବିଚାରିତ ବର୍ଷା ଏବଂ ମୋଟାମୋଟି ଭାବରେ ଜଳବାୟୁରେ ପରିବର୍ତ୍ତନ, ପରିବେଶ ନଷ୍ଟ ଆଦି କାରଣ ଯୋଗୁ ଆଗଭଳି ମାଛ ଦେଖିବାକୁ ମିଳୁନାହିଁ। ମାଛର ସୁରକ୍ଷା ପାଇଁ ଜୈବିକ ସାର ପ୍ରୟୋଗ ଉପରେ ପରିବେଶବିତ୍ ଏବଂ ଚାଷୀମାନେ ଗୁରୁତ୍ୱ ଦେଉଛନ୍ତି।

## ■ ମହଙ୍ଗା ପଡୁଛି ଓକିଲ-ପୋଲିସ କଳି
# ସାଧାରଣ ଜନତା ହୀନସ୍ତା

**ଆନନ୍ଦପୁର, ୮।୧୦(ସ୍ୱ.ପ୍ର.)**

ଓକିଲ-ପୋଲିସ କଳିରେ ସାଧାରଣ ଜନତା ବଳି ପଡୁଛନ୍ତି। ଓକିଲ ସଂଘର ଏକତା ଏବେ ରାଜ୍ୟରେ ଚର୍ଚ୍ଚାର ପରିସରକୁ ଆସିଛି। ଦୀର୍ଘ ଦେଢ଼ମାସ ଧରି ଚାଲିଥିବା ଓକିଲମାନଙ୍କ ଆନ୍ଦୋଳନର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡୁଛି। କଟକ ଚାଉଳିଆଗଞ୍ଜ ପୋଲିସ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ହାଇକୋର୍ଟର ଜଣେ ଆଇନଜୀବୀଙ୍କୁ ନ୍ୟାୟ ମିଳିନି। ପୋଲିସ କର୍ମଚାରୀଙ୍କୁ ଗିରଫ ଦାବିରେ ବିଭିନ୍ନ ଅଞ୍ଚଳରେ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଚାଲୁ ରହିଛି। ଆନ୍ଦୋଳନରେ ଆନନ୍ଦପୁର ଓକିଲ ସଂଘ ମଧ୍ୟ ସାମିଲ ହୋଇଛି। ବିଭିନ୍ନ ମହଲରେ ଆଲୋଚନା ହୋଇଥିଲେ ସୁଦ୍ଧା ସମାଧାନର କୌଣସି ସୂତ୍ର ବାହାରିପାରିନି। ଫଳରେ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ସ୍କଲାରସିପ୍ ନିମନ୍ତେ ଅତ୍ୟାବଶ୍ୟକ ଆଫିଡେଭିଟ୍ ମଧ୍ୟ ହୋଇପାରୁ ନାହିଁ। ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲିସ ଦ୍ୱାରା ଓକିଲଙ୍କ ପ୍ରତି ହେଉଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିହାତି ପକ୍ଷେ ଏକ ଲଜ୍ଜାଜନକ ଘଟଣା ବୋଲି କହିଛନ୍ତି ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର। ପୋଲିସ ଗୁଣ୍ଡାରାଜ ଚଳାଇଥିବା କହିଛନ୍ତି ଆଇନଜୀବୀ ଭଗବାନ ମଲ୍ଲିକ। ଏପରି ଓକିଲମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଆଇନଜୀବୀ ଦାବି କରିଛନ୍ତି।

# କାଳିଆଙ୍କ ଦହିବରା ସଭିଙ୍କ ପସନ୍ଦ

**କୋଲିମାଟି, ୮।୧୦**


କାଳିଆଙ୍କ ଦହିବରା ପସରା।

ତାଙ୍କ ନାମ କାଳିଆ ରଣା। ଘର କୋଲିମାଟି ବିଶ୍ୱକର୍ମା ସାହି। ସେ ଜଣେ ଗରିବ ପରିବାରର ଯୁବକ। ରାତିରେ ତାଙ୍କୁ ଦେଖା ଯାଏନି। ସେଥିପାଇଁ ଚଷମା ବ୍ୟବହାର କରନ୍ତି। ଏଥିରେ ସେ ହାରି ନ ଯାଇ ପରିବାର ପୋଷୁଛନ୍ତି। ଆନନ୍ଦପୁର କୋଲିମାଟି ଛକ ପାଖରେ ଦହିବରା ପସରା ମେଲି ରୋଜଗାର କରୁଛନ୍ତି। ସେହି ବ୍ୟବସାୟରେ ତାଙ୍କର ପରିବାର ଚଳୁଛି। ତାଙ୍କର ଦୁଇଟି ସନ୍ତାନ ରହିଛନ୍ତି।

ସେ ସବୁଦିନ ସକାଳୁ ଉଠି ନିଜ କାମରେ ଲାଗି ପଡ଼ନ୍ତି। ସବୁ ଜିନିଷ ତିଆରି କରିବା ପରେ ନିଜର ଲୋନା ଗାଡ଼ିରେ ଧରି ବାହାରି ପଡ଼ନ୍ତି କୋଲିମାଟି ଛକକୁ। ସେଠାରେ ଦୋକାନ ମେଲାଇ ଥାନ୍ତି। ଛକରେ ପହଞ୍ଚିବା ମାତ୍ରେ ଦହିବରା ଖାଇବା ପାଇଁ ପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥାଏ। ତାଙ୍କର ଦହିବରା ସଭିଙ୍କ ପସନ୍ଦ ହୋଇଥାଏ। ମଧ୍ୟାହ୍ନ ସୁଧା ତାଙ୍କର ସମସ୍ତ ଦହିବରା ବିକ୍ରି ହୋଇଯାଏ ବୋଲି କାଳିଆ କହିଛନ୍ତି।

# 'ଗରିବଙ୍କ ମୁହଁରେ ହସ ଫୁଟିବ'

**ଯୋଡ଼ା, ୮।୧୦(ଡି.ଏନ.ଏ.)**


ସଭାରେ ଉପସ୍ଥିତ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ (ମଝି) ସହ ଅନ୍ୟମାନେ।

ଯୋଡ଼ା ସହରସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ସୋମବାର ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ମନ୍ତ୍ରୀ ଶଶିଭୂଷଣଙ୍କ ସହ ରାଜ୍ୟ ସଭା ଏମ୍‌ପି ସରୋଜିନୀ ହେମ୍ବ୍ରମ, କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ଜିଲାପରିଷଦ ଅଧ୍ୟକ୍ଷା କୋମଳିନୀ ପାତ୍ର, ପୂର୍ବତନ କେନ୍ଦୁଝର ଏମପି ଯଶବନ୍ତ ସିଂ ନାରାୟଣ ଲାଗୁରୀ, ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ହୃଷୀକେଶ ନାଏକ, ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ପୂର୍ବତନ ଯୋଡ଼ା ବ୍ଲକ ଅଧ୍ୟକ୍ଷ ଗିରିଧାରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ଦ୍ୱାରା ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବ ବୋଲି ମନ୍ତ୍ରୀ ବେହେରା କହିଥିଲେ।

ପ୍ରଥମ ପର୍ଯ୍ୟାୟରେ ଯୋଡ଼ା ବ୍ଲକର ୧୯ ପଞ୍ଚାୟତର ୬ ହଜାର ୭ ଶହ ୨୩ ଜଣ, ଯୋଡ଼ା ପୌରପାଳିକାର ୫୪୪ ଜଣ ଓ ବଡ଼ବିଲ ପୌରପାଳିକାର ୬୨୧ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସଭାରେ ଯୋଡ଼ା ବିଡିଓ ଅରୁଣ କୁମାର ମଲ୍ଲିକ, ପୌରନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ବଡ଼ବିଲ ପୌରନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ, ଯୋଡ଼ା ବ୍ଲକ ଯୋଗାଣ ଅଧିକାରୀ ସସ୍ମିତା ମହାନ୍ତି, ଯୋଡ଼ା ପୌରପାଳିକା ଯୋଗାଣ ଅଧିକାରୀ ପାୟଲ ହେମ୍ବ୍ରମ, ବଡ଼ବିଲ ପୌରପାଳିକା ଯୋଗାଣ ଅଧିକାରୀ ସାବିତ୍ରୀ ମୁର୍ମୁ, ଦେଓଝର ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବାରିକ, ଯୋଡ଼ା ନଗର ଯୁବ ବିଜେଡି ସଭାପତି ମାନସ ଦାସ, ହୃଷୀକେଶ ଜେନା, ଶ୍ରୀକାନ୍ତ କୁମାର ସାମନ୍ତ, ରାଜକୁମାରୀ ଥମ୍ବା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଏମ୍‌ପିଙ୍କ ଯୋଡ଼ା ପ୍ରତିନିଧି ନିରଞ୍ଜନ ବହିଦାର ମଞ୍ଚ ପରିଚାଳନା କରିଥିଲେ।

## ଅର୍ଥ ଫେରସ୍ତ କଲେ ଡାକ୍ତର

**କେନ୍ଦୁଝର, ୮।୧୦(ସ୍ୱ.ପ୍ର.)**

ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଗରିବ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ମିଳୁନାହିଁ। ରୋଗୀଙ୍କୁ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ରକ୍ତ, ମଳ, ଏକ୍ସରେ ଆଦି ପରୀକ୍ଷା ପାଇଁ ବାହାର କ୍ଲିନିକକୁ ଲୋକେ ଯାଉଛନ୍ତି। ଚିକିତ୍ସା ପାଇଁ କେତେକ ଡାକ୍ତର ରୋଗୀଙ୍କଠାରୁ ପଇସା ନେଉଛନ୍ତି। କେତେକ ଦଲାଲଙ୍କ ଜରିଆରେ କ୍ଲିନିକକୁ ପଠାଇ ଟଙ୍କା ଲୁଟ୍ କରୁଛନ୍ତି ବୋଲି ଅଭିଯୋଗ ହେଉଛି।

ଶନିବାର ଜଣେ ମହିଳା ଓ ପ୍ରସୂତି ବିଭାଗ ଡାକ୍ତର ଜଣେ ଗରିବ ପ୍ରସୂତିଙ୍କଠାରୁ ୩ ହଜାର ଟଙ୍କା ନେଇ ଫେରସ୍ତ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଡାକ୍ତରଙ୍କ ଜଣେ ବନ୍ଧୁ ତଥା ଜଣାଶୁଣା ନେତା ଉକ୍ତ ପ୍ରସୂତି ମହିଳାଙ୍କ ଚିକିତ୍ସା କରିବାକୁ କହିଥିଲେ। ମାତ୍ର ରୋଗୀଙ୍କଠାରୁ ଅର୍ଥ ନେବା ଘଟଣାକୁ ନେଇ ଡାକ୍ତରଙ୍କ ଘନିଷ୍ଠ ତଥା ସମର୍ଥନରେ ସବୁବେଳେ ବାହାରୁଥିବା ବ୍ୟକ୍ତିମାନଙ୍କୁ ଚକିତ କରିଛି। ଏଭଳି ବହୁ ଘଟଣା ଗରିବ ରୋଗୀଙ୍କ ସହିତ ଘଟୁଛି। ଯଦି ରୋଗୀଙ୍କୁ ମାଗଣାରେ ଚିକିତ୍ସା ସୁବିଧା ମିଳୁଛି। କାହିଁକି ବିଶେଷ କରି ଗରିବ ଶ୍ରେଣୀର ରୋଗୀମାନେ ଏଭଳି ଡାକ୍ତରଖାନା ବା ଔଷଧ ଦୋକାନକୁ ଯାଉଛି ତାହାର ସମୀକ୍ଷା ଓ ତର୍ଜମା ହେବା ଆବଶ୍ୟକ ବୋଲି ବରିଷ୍ଠ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ଡାକ୍ତରଖାନାରେ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇଦେବା ସହ ସେମାନଙ୍କ ସମସ୍ୟାକୁ ତଦାରଖ କରିବା ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଉତ୍ଥାନ ଫାଉଣ୍ଡେସନର ଜିଲା ଉପସଭାପତି ପ୍ରକାଶ ସୂତ୍ରଧର କହିଛନ୍ତି। ସିଡିଏମଓ ଡା. ଚୌଧୁରୀ ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ଏ ନେଇ କଡ଼ାକଡି ଆଦେଶ କରାଯାଇଛି। ଡାକ୍ତରମାନଙ୍କୁ ଚିକିତ୍ସା ପାଇଁ ଅବହେଳା ନ କରିବାକୁ କୁହାଯାଉଛି ବୋଲି ସେ କହିଛନ୍ତି।

# ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ



ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଉଛି।

**ଚମ୍ପୁଆ, ୮।୧୦(ଡି.ଏନ.ଏ.)**

ଚମ୍ପୁଆ ନଗର ଭବନଠାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିବା ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ଏବଂ ଏମ୍‌ପିଙ୍କ ଦ୍ୱାରା କାର୍ଡ ବଣ୍ଟନ କରାଯାଇଛି। ଚମ୍ପୁଆ ବ୍ଲକ ୨୨ ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ବଣ୍ଟନ କାର୍ଯ୍ୟକ୍ରମରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି, ରାଜ୍ୟ ସଭା ଏମ୍‌ପି ସରୋଜିନୀ ହେମ୍ବ୍ରମ, କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ପାଟଣା ବିଧାୟକ ହୃଷୀକେଶ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ବେସାମରିକ ଯୋଗାଣ ଅଧିକାରୀ ପରେଶ ମହାନ୍ତି, ବ୍ଲକ ଅଧ୍ୟକ୍ଷା ରମଣୀ ନାଏକ, ବିଡିଓ ନୂପୁର ଚାନ୍ଦଗୋଟିଆ, ଏନ୍‌ଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଏମ୍‌ଆଇ ତାରିଣୀ ମିଶ୍ର ସମେତ ସରପଞ୍ଚ ଏବଂ ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ।

ମୁଖ୍ୟଅତିଥି ବେହେରା କହିଥିଲେ ଯେ, ୨୦୧୧ ଜନଗଣନା ଆଧାରରେ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରିଛନ୍ତି। ମାତ୍ର ବର୍ତ୍ତମାନ ଖାଉଟି ସଂଖ୍ୟା ବୃଦ୍ଧି ପାଇଛି। ଏ ବାବଦରେ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି। କେନ୍ଦ୍ର ସରକାର ଶୁଣୁ ନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଖାଉଟି ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଚମ୍ପୁଆ ବ୍ଲକର ୫୯୯୪ କାର୍ଡ ମଧ୍ୟରୁ ୪୬୭୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଯେଉଁମାନେ ସୁବିଧାରୁ ବଞ୍ଚିତ ଅଛନ୍ତି ସେମାନେ ଆବେଦନ କରିପାରିବେ। ରାଜ୍ୟ ଅତିରିକ୍ତ ବଜେଟରେ ଏଥିପାଇଁ ୨୨୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଫୁଟବଲ୍ ଟୁର୍ନାମେଣ୍ଟ: ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ବିଜୟୀ

**ପାଟଣା, ୮।୧୦(ସ୍ୱ.ପ୍ର.)**


ବିଜୟୀ ଦଳ ସହ ଅତିଥିମାନେ।

ପାଟଣା ମୁଖ୍ୟାଳୟସ୍ଥିତ ସ୍ୱାମପାଟଣା ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩୨ ଫୁଟବଲ ଦଳକୁ ନେଇ ଗତ ଗୁରୁବାରଠାରୁ ଖେଳ ଆରମ୍ଭ ହୋଇଥିଲା। ଫୁଟବଲ ଖେଳରେ ମହେନ୍ଦ୍ରା ଆଣ୍ଡ ମହେନ୍ଦ୍ରା ଚାମ୍ପିୟନ ହୋଇଛି। ବିଜୟୀ ଦଳକୁ ଅନୁଷ୍ଠାନ ପକ୍ଷରୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରାଣୀ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ସାମାଜିକ କାର୍ମୀ ଅଜୟ କୁମାର ଦାଶ, ଜିଲା ପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ, ଦକ୍ଷ ରାଜ ସାହୁ ଓ ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ରଞ୍ଜନ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ।

କ୍ରୀଡ଼ା ସମ୍ପାଦକ ବିନୋଦ କୁମାର ନାଏକ ଓ ଶିବ ଶଙ୍କର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଫରୀ ଭାବେ ରବୀନ୍ଦ୍ର ପଟ୍ଟନାୟକ ଓ ଜନ୍ମେଜୟ ବେହେରା ରହିଥିଲେ। ସଭା କାର୍ଯ୍ୟକୁ ଧର୍ମେନ୍ଦ୍ର କୁମାର ସାହୁ ଓ ପାର୍ଥ ସାରଥୀ ବେଜ ସଂଯୋଜନା କରିଥିଲେ।

# ରିଟର୍ନ ଇଲେଭେନ ଚାମ୍ପିୟନ

**ଚମ୍ପୁଆ, ୮।୧୦(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ନନ୍ଦପୁରଠାରେ ଗୌତମ ପ୍ରଧାନଙ୍କ ସ୍ମୃତିରେ ଶହୀଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମା' ତାରିଣୀ କ୍ରିକେଟ କ୍ଲବ ଭଣ୍ଡା ଓ ରିଟନ ଇଲେଭେନ ନିଉଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିଟର୍ନ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୬୦ ରନ୍ କରିଥିଲା। ମା' ତାରିଣୀ କ୍ରିକେଟ କ୍ଲବ ୧୪୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଉଦ୍‌ଯାପନ ଉତ୍ସବରେ ଡାକ୍ତର ଫକୀର ମୋହନ ନାଏକ, ମୁଖ୍ୟବକ୍ତା କ୍ଷେତ୍ରବାସୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଡମ୍ବରୁଧର ମହାନ୍ତ, ଗଣେଶ୍ୱର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଛନ୍ତି। ଯୁବ ଖେଳାଳି ଦଳଗୋବିନ୍ଦ ମୁଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ପପୁ ମହାରଣାଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା।


ଖେଳରେ ଭାଗ ନେଇଥିବା ଖେଳାଳି।

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଆନନ୍ଦପୁର, ୮।୧୦(ସ୍ୱ.ପ୍ର.)**

- ସମ୍ପର୍କକୁ ମଜଭୁତ୍ କରେ ବାଣିଜ୍ୟ ମେଳା: ମନ୍ତ୍ରୀ
- କଳାକାରଙ୍କ ସହ ନୃତ୍ୟଗୁରୁଙ୍କୁ ସମ୍ବର୍ଦ୍ଧନା
- ଷ୍ଟାଡିୟମ୍‌ର ଭିତ୍ତିଭୂମି ବିକାଶ ଲାଗି ପ୍ରତିଶ୍ରୁତି


କଳାକାରଙ୍କ ସହ ଅତିଥିମାନେ।

ସାଧାରଣ ଜନତା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଆନନ୍ଦପୁର ପ୍ରେସ୍ କ୍ଲବ ପ୍ରାୟୋଜିତ ୭ ଦିନିଆ ବାଣିଜ୍ୟ ମେଳା ଅଧିକ ମଜଭୁତ୍ କରୁଛି ବୋଲି ରବିବାର ସନ୍ଧ୍ୟାରେ ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କହିଛନ୍ତି। ଆନନ୍ଦପୁର ଷ୍ଟାଡିୟମ୍‌ର ଭିତ୍ତିଭୂମିର ବିକାଶ ନିମନ୍ତେ ସମସ୍ତ ପ୍ରକାରର ଉଦ୍ୟମ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର, ଆନନ୍ଦପୁର ବିଧାୟକ ମାୟାଧର ଯେନା, ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର, ପତିତପାବନ ମହାବିଦ୍ୟାଳୟ ସାଇଁକୁଳର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଗୋପାଳ କୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ତଥା ବାଣିଜ୍ୟ ମେଳା କମିଟିର ଅଧ୍ୟକ୍ଷ ଲୋକନାଥ ସିଂହ ସଞ୍ଚାଳନ କରିଥିଲେ। ପ୍ରେସ୍ କ୍ଲବର ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଉଦ୍‌ଯାପନୀରେ ଶାଳପଡ଼ା ବୀଣାପାଣି କଳାନିକେତନର କୁନି କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଏଥିରେ କମିଟି ପକ୍ଷରୁ କଳାକାରଙ୍କୁ ଉପହାର ଦେବା ସହିତ ନୃତ୍ୟଗୁରୁ ଜିତୁ ଦାଶଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବାଣିଜ୍ୟ ମେଳା ଅବସରରେ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟ ପ୍ରତିଷ୍ଠାନ ନିଜ ନିଜର ପସରା ମେଲାଇ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିପାରିଥିଲେ। କାର୍ଯ୍ୟକ୍ରମକୁ କ୍ଲବର ଉପଦେଷ୍ଟା ନାରାୟଣ ଚନ୍ଦ୍ର ପଣ୍ଡା, କୁଞ୍ଜବନ ମହାପାତ୍ର, ପ୍ରଦୀପ କୁମାର ହଜାରୀ, ଉପସଭାପତି ମାନସ ରଞ୍ଜନ ହୋତା, ଶ୍ରୀକୁମାର ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ଅନିଲ ସାହୁ, ଯୁଗ୍ମ ସମ୍ପାଦକ ଭାବେ ଶୁଭକାନ୍ତ ନାୟକ, ରାଜୀବ ଜେନା, କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ମିଶ୍ର, ଆଇନ ପରାମର୍ଶଦାତା ସରୋଜ କାନ୍ତ ପରିଡା, ଗୋପୀନାଥ ପାତ୍ର, ଶୁଭାଶିଷ ପାଢୀ, ଭରତ ଚନ୍ଦ୍ର ମିଶ୍ର, ବ୍ରଜ କିଶୋର ଓଝା, ସଞ୍ଜୟ ଦଳେଇ, ଅନନ୍ତ ଚରଣ ପଢ଼ି, ପ୍ରୀତିରଞ୍ଜନ ବେହେରା, ନାରାୟଣ ସାହୁ, ସୁଦୀପ ସାହୁ, ପ୍ରକାଶ ହଜାରୀ, ସନ୍ତୋଷ ପଟ୍ଟନାୟକ, ଘନଶ୍ୟାମ ଜେନା, ରାଜେନ୍ଦ୍ର ପ୍ରସାଦ ଦାଶ, ବିକାଶ ବିଶ୍ୱାଳ, ସଞ୍ଜୀବ ମହାନ୍ତି, ନୀଳମଣି ବାରିକ, ଜଗନ୍ନାଥ ଧଡା, ଯଶୋବନ୍ତ କର, ଭାଗୀରଥି ଦାଶ, ଲିଟୁ ହଜାରୀ, କୈଳାସ ନାହାକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କର ଯଦି ସାହସ ଅଛି ମୋ ବିପକ୍ଷରେ ନିର୍ବାଚନ ଲଢ଼ନ୍ତୁ । ମୋତ ହରାଇବାରେ ସେ ସଫଳ ହୋଇଗଲେ ମୁଁ ରାଜନୀତିରୁ ସନ୍ୟାସ ନେବି ।

- ସାକ୍ଷୀ ମହାରାଜ, ଭାଜପା ଏମ୍‌ପି



## ସଂକ୍ଷେପରେ

### ଇଣ୍ଟରପୋଲ୍‌ରୁ ଇସ୍ତଫା ଦେଲେ ହଙ୍ଗ୍‌ୱେଇ
# ଲାଞ୍ଚ ଅଭିଯୋଗର ତଦନ୍ତ ଆରମ୍ଭ



ଲିଓନ୍/ବେଜିଂ,୮।୧୦(ପି.ଟି.)- ଇଣ୍ଟରପୋଲ୍ ସଭାପତି ପଦରୁ କିଛିଦିନ ପୂର୍ବରୁ ଇସ୍ତଫା ଦେଇଛନ୍ତି ମେଙ୍ଗ୍ ହଙ୍ଗ୍‌ୱେଇ। ତାଙ୍କ ଇସ୍ତଫା ପରେ ଅନ୍ତର୍ଜାତୀୟ ପୋଲିସ ସଙ୍ଗଠନର ବରିଷ୍ଠ ଉପସଭାପତି ଦକ୍ଷିଣ କୋରିଆର କିମ୍ ଜଙ୍ଗ୍ ୟାଙ୍ଗ୍ କାମଚଳା ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବୋଲି ରବିବାର ଇଣ୍ଟରପୋଲ୍ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨୫ରେ ହଙ୍ଗ୍‌ୱେଇ ନିଜ ଦେଶ ଚାଇନାକୁ ଗସ୍ତ କରିଥିଲେ ଏବଂ ସେବେଠାରୁ ସେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଦୁର୍ନୀତି ଅଭିଯୋଗରେ ଚାଇନିଜ୍ ତଦନ୍ତକାରୀ ଏଜେନ୍ସି ହଙ୍ଗ୍‌ୱେଇଙ୍କୁ ଅଟକ ରଖିଥିବା ସୂଚନା ମିଳିଥିଲା। ସୋମବାର ଚାଇନା ସରକାର ହଙ୍ଗ୍‌ୱେଇଙ୍କ ବିଷୟରେ ସୂଚନା ଦେବା ସହ ତାଙ୍କ ବିରୋଧରେ ଲାଞ୍ଚ କାରବାର ଏବଂ ରାଜନୈତିକ ହସ୍ତକ୍ଷେପ ଅଭିଯୋଗ ଆଣିଛି। ଦେଶର ସରକାରୀ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ହଙ୍ଗ୍‌ୱେଇ ଲାଞ୍ଚ କାରବାର ଏବଂ ଦେଶଦ୍ରୋହ ଅଭିଯୋଗରେ ତଦନ୍ତ ପରିସର ଭୁକ୍ତ ହୋଇଛନ୍ତି। ହଙ୍ଗ୍‌ୱେଇଙ୍କ ବିରୋଧରେ ଉଠିଥିବା ମାମଲା ଏତେ ଗମ୍ଭୀର ଯେ ଦେଶର ସୁରକ୍ଷାମନ୍ତ୍ରୀ ଝାଓ ଲେଝି ସୋମବାର ସକାଳେ ମନ୍ତ୍ରଣାଳୟର ଦଳୀୟ କମିଟି ସଦସ୍ୟଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଆଲୋଚନା କରିଛନ୍ତି। ଦଳ ପ୍ରତି ସଦସ୍ୟଙ୍କ ସଚ୍ଚୋଟତା ସୁନିଶ୍ଚିତ କରିବା ଦିଗରେ ଆଲୋଚନା ହୋଇଥିଲା। ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଆରମ୍ଭ କରିଥିବା ଅଭିଯାନରେ ଦେଶର ଅନେକ ବଡ଼ ବଡ଼ ନେତା ଏବଂ ଅଧିକାରୀ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି। ବର୍ତ୍ତମାନ ହଙ୍ଗ୍‌ୱେଇଙ୍କ ପାଳି ପଡ଼ିଥିବା କୁହାଯାଉଛି।

### ଥାଇଲାଣ୍ଡରେ ଭାରତୀୟ ପର୍ଯ୍ୟଟକଙ୍କୁ ହତ୍ୟା

ବ୍ୟାଙ୍କକ୍,୮।୧୦(ପି.ଟି.)-ଥାଇଲାଣ୍ଡର ରାଟ୍‌ଚାଥେୱି ଜିଲାରେ ଦୁଇ ଗ୍ୟାଙ୍ଗଷ୍ଟର୍ ଗୋଷ୍ଠୀଙ୍କ ଗୁଳିବିନିମୟରେ ଜଣେ ଭାରତୀୟ ପର୍ଯ୍ୟଟକଙ୍କ ସମେତ ୨ ଜଣ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ବି ଦୁଇଜଣ ଭାରତୀୟ ପର୍ଯ୍ୟଟକ ଥିବା ସୋମବାର ଥାଇଲାଣ୍ଡ ପୋଲିସ ସୂଚନା ଦେଇଛି। ରବିବାର ରାଟ୍‌ଚାଥେୱି ଜିଲାର ସେଣ୍ଟ୍ରାନା ୱାଟର୍‌ଗେଟ୍ ପାଭିଲିଅନ ହୋଟେଲ୍ ନିକଟସ୍ଥ ରାସ୍ତା ଉପରେ ଏହି ଗୁଳିବିନିମୟ ଘଟିଥିଲା। ହତ୍ୟାର ଶିକାର ହୋଇଥିବା ଭାରତୀୟ ପର୍ଯ୍ୟଟକ ଗଖରେଜ୍ ଧିରଜ ଏବଂ ଅନ୍ୟ ଜଣକ ଲାଓର କିଓଭୋଙ୍ଗ୍‌ସା ଥୋନେକିଓ ବୋଲି ଚିହ୍ନଟ କରାଯାଇଛି।

### ରାଫାଲ୍ ଚୁକ୍ତି:ପିଆଇଏଲ୍‌ର ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୧୦(ପି.ଟି.)-୩୬ ରାଫାଲ୍ ଯୁଦ୍ଧବିମାନ କ୍ରୟ ନେଇ ଫ୍ରାନ୍ସ ସହ ହୋଇଥିବା ଚୁକ୍ତିର ସବିଶେଷ ତଥ୍ୟ ସମ୍ବଳିତ ପେଡ଼ି ଖୋଲିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟରେ ସାନି ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ହୋଇଛି। ଅକ୍ଟୋବର ୧୦ରେ ଏହାର ଶୁଣାଣି କରିବାକୁ ସୋମବାର ଅଦାଲତ ରାଜି ହୋଇଛନ୍ତି। ଫ୍ରାନ୍ସ ସରକାରଙ୍କ ସହ ହୋଇଥିବା ଚୁକ୍ତି ଉପରେ ରହିତାଦେଶ ଜାରି କରିବା ଲାଗି ପୂର୍ବରୁ ଅନ୍ୟ ଏକ ପିଆଇଏଲ ମଧ୍ୟ ହୋଇଥିଲା। ଉଭୟ ଆବେଦନର ଶୁଣାଣି ଗୋଟିଏ ଦିନରେ କରାଯିବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି।

ଇତିହାସର ଆଇନାରେ

### ଅକ୍ଟୋବର ୯ର ପ୍ରମୁଖ ଘଟଣା

୧୯୮୧ ଅକ୍ଟୋବର ୯ରେ ଫ୍ରାନ୍ସରେ ମୃତ୍ୟୁଦଣ୍ଡାଦେଶକୁ ଉଚ୍ଛେଦ କରାଯାଇଥିଲା। ତତ୍କାଳୀନ ରାଷ୍ଟ୍ରପତି ଫ୍ରାନ୍‌କୋଇସ୍ ମିଟେରାଣ୍ଡ ଏହାକୁ ଉଚ୍ଛେଦ କରି ୬ ଜଣଙ୍କ ମୃତ୍ୟୁଦଣ୍ଡାଦେଶକୁ ଆଜୀବନରେ ପରିଣତ କରିଥିଲେ।

୧୯୬୩ ଅକ୍ଟୋବର ୯ରେ ଉତ୍ତରପୂର୍ବ ଇଟାଲୀ ଭାଜୋଣ୍ଟ ଡ୍ୟାମ୍‌ରେ ଭୂସ୍ଖଳନ ହୋଇଥିଲା। ଏଥିରେ ୨୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହାର ପ୍ରଭାବରେ ଆଖପାଖର ଅନେକ ଗାଁ ଏବଂ ସହର ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିଲା।

## ■ ପାକିସ୍ତାନ ଟାର୍ଗେଟରେ ଭାରତୀୟ ପ୍ରତିରକ୍ଷା ବଳ
# ବ୍ରହ୍ମୋସ୍ ମିଶାଇଲ ତଥ୍ୟ ଚୋରି

ନୂଆଦିଲ୍ଲୀ, ୮।୧୦

ଭାରତୀୟ ସୁରକ୍ଷାବଳକୁ ଲାଗିଛି ଶକ୍ତ ଝଟକା। ଗୁପ୍ତଚରଗିରି କରୁଥିବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ)ର ଜଣେ କର୍ମଚାରୀ ଧରାପଡ଼ିଛନ୍ତି। ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସମ୍ପର୍କିତ ସବିଶେଷ ତଥ୍ୟ ଲିକ୍ କରି ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଓ ଆମେରିକାକୁ ସେ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏନେଇ ସୂଚନା ମିଳିବା ପରେ ମହାରାଷ୍ଟ୍ରର ନାଗପୁରସ୍ଥିତ ଡିଆରଡିଓ ୟୁନିଟ୍‌ରୁ ସୋମବାର ତାଙ୍କୁ ଗିରଫ କରାଯାଇଛି। ବିଦେଶ ରାଷ୍ଟ୍ରର ଫାଶରେ ପଡ଼ି ଅତ୍ୟନ୍ତ ଗୋପନ ତଥ୍ୟ ବିକ୍ରି କରିଥିବା ଅଭିଯୁକ୍ତ ଅଧିକାରୀ ହେଉଛନ୍ତି ନିଶାନ୍ତ ଅଗ୍ରୱାଲ।

ନିଜର କୁତ୍ସିତ ସ୍ୱାର୍ଥ ପାଇଁ ଦେଶର ନିରାପତ୍ତାକୁ ବିପଦ ମୁଖକୁ ଠେଲିଦେବା ଭଳି ଦୃଷ୍ଟାନ୍ତ ନୂଆ ନୁହେଁ। ଅନେକ ସମୟରେ ପ୍ରତିରକ୍ଷା ବଳର କର୍ମଚାରୀମାନେ ଏଭଳି ଅନ୍ତର୍ଘାତୀ କାର୍ଯ୍ୟ କରି ଧରାପଡ଼ିଛନ୍ତି। ସଦ୍ୟ ଗିରଫ ହୋଇଥିବା ନିଶାନ୍ତ ଜଣେ ଇଞ୍ଜିନିୟର। ଗତ ଚାରିବର୍ଷ ହେଲା ନାଗପୁରସ୍ଥିତ ୱାର୍ଦ୍ଧା ରୋଡ୍‌ରେ ଥିବା ବ୍ରହ୍ମୋସ୍ ମିଶାଇଲ ରିସର୍ଚ୍ଚ ସେଣ୍ଟରରେ କାର୍ଯ୍ୟରତ ଥିଲେ। ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଥିବା ଆଇଏସ୍‌ଆଇ ସହ ହାତ ମିଳାଇ ସେ ସମ୍ବେଦନଶୀଳ ତଥ୍ୟ ପ୍ରଦାନ କରିଥିବା ସୂଚନା ମିଳିଛି। ସାମରିକ ଗୋଇନ୍ଦା ସଂସ୍ଥା ସହଯୋଗରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ଆତଙ୍କ-ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ତାଙ୍କୁ ଗିରଫ କରିଛନ୍ତି। ତାଙ୍କ ବିରୋଧରେ ଅଫିସିଆଲ ସିକ୍ରେଟ୍ସ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ୱାର୍ଦ୍ଧା ରୋଡ୍‌ରେ ଏକ ଭଡ଼ାଘରେ ବର୍ଷେ ହେଲା ରହୁଥିଲେ ନିଶାନ୍ତ। ସେଠାରେ ସୋମବାର ସକାଳେ ଚଢ଼ାଉ କରି ଏଟିଏସ୍ ଟିମ୍ ତାଙ୍କ କମ୍ପ୍ୟୁଟର ସମେତ







■ ଜବତ କମ୍ପ୍ୟୁଟରରୁ ମିଳିଛି ପ୍ରମାଣ

■ ଡିଆର୍‌ଡିଓ ଇଞ୍ଜିନିୟର ଗିରଫ

■ ଆଇଏସ୍‌ଆଇକୁ ବିକ୍ରି କରିଛନ୍ତି ସମ୍ବେଦନଶୀଳ ତଥ୍ୟ

■ ନିଶାନ୍ତଙ୍କୁ ନାଗପୁରରୁ ଧରିଲା ଏଟିଏସ୍ ଟିମ୍

ଅନେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଛନ୍ତି। ସେଥିରୁ ଅତ୍ୟନ୍ତ ସମ୍ବେଦନଶୀଳ ସୂଚନା ମିଳିଛି। ପାକିସ୍ତାନୀ ଅପରେଟରଙ୍କ ସହ ଫେସ୍‌ବୁକ୍‌ରେ ସେ କରିଥିବା ଚାଟିଂରୁ ମଧ୍ୟ ତାଙ୍କ ଅନ୍ତର୍ଘାତୀ କାର୍ଯ୍ୟକଳାପ ସମ୍ପର୍କରେ ପ୍ରମାଣ ମିଳିଛି ବୋଲି ଏଟିଏସ୍ ଆଇଜି ଅସୀମ ଅରୁଣ କହିଛନ୍ତି। ତାଙ୍କ ବିରୋଧରେ ତଦନ୍ତ ଚାଲିଛି। ପ୍ରକାଶ ଯେ, ବ୍ରହ୍ମୋସ୍ ମିଶାଇଲ ରିସର୍ଚ୍ଚ ସେଣ୍ଟରରେ ବିଶ୍ୱର ଦ୍ରୁତଗାମୀ କ୍ରୁଜ୍ ମିଶାଇଲ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ପ୍ରସ୍ତୁତ ହୁଏ। ଏହି କ୍ଷେପଣାସ୍ତ୍ରକୁ ସ୍ଥଳଭାଗ, ଜାହାଜ, ଯୁଦ୍ଧବିମାନ ଏବଂ ବୁଡ଼ାଜାହାଜରୁ ଉତ୍କ୍ଷେପଣ କରି ୩୦୦ କି.ମି. ଦୂର ପର୍ଯ୍ୟନ୍ତ ଶତ୍ରୁପକ୍ଷକୁ ଟାର୍ଗେଟ କରିବା ସମ୍ଭବ। ଡିଆରଡିଓ ଓ ରୁଷିଆର ଏନ୍‌ପିଓଏମ୍‌ର ମିଳିତ ଉଦ୍ୟମରେ ବ୍ରହ୍ମୋସ୍ ପ୍ରସ୍ତୁତ ହୋଇଛି।

ପାକିସ୍ତାନୀ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ତଥ୍ୟ ଲିକ୍ କରିବା ଅଭିଯୋଗରେ ଗତମାସ ଉତ୍ତରପ୍ରଦେଶ ଏଟିଏସ୍ ନୋଏଡାରୁ ଜଣେ ବିଏସ୍‌ଏଫ୍ ଯବାନଙ୍କୁ ଗିରଫ କରିଥିଲା। ସେ ହେଉଛନ୍ତି ମଧ୍ୟପ୍ରଦେଶର ରେୱା ନିବାସୀ ଅଚ୍ୟୁତାନନ୍ଦ ମିଶ୍ର। ହନିଟ୍ରାପ୍‌ରେ ପଡ଼ି ଶତ୍ରୁପକ୍ଷକୁ ସେ ୟୁନିଟ ଅପରେଶନାଲ ତଥ୍ୟ, ପୋଲିସ ଏକାଡେମୀ ଓ ପ୍ରଶିକ୍ଷଣ କେନ୍ଦ୍ର ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିବା ଜଣାପଡ଼ିଥିଲା। ନିଜକୁ ଡିଫେନ୍ସ ରିପୋର୍ଟର ବୋଲି ପରିଚୟ ଦେଇଥିବା ଜଣେ ମହିଳାଙ୍କ ଫାଶରେ ପଡ଼ି ସେ ଏଭଳି କାଣ୍ଡ ଘଟାଇଥିଲା। ଇସ୍‌ଲାମାବାଦରେ ଅବସ୍ଥାପିତ ଜଣେ ଭାରତୀୟ କୂଟନୀତିଜ୍ଞଙ୍କ ଘରେ ପ୍ରବେଶ ଲାଗି ଆଇଏସ୍‌ଆଇ ଏଜେଣ୍ଟକୁ ସାହାଯ୍ୟ କରି ଗତ ମେ'ରେ ଉତ୍ତରାଖଣ୍ଡର ଜଣେ ବ୍ୟକ୍ତି ଗିରଫ ହୋଇଥିଲେ। ଅଭିଯୁକ୍ତ ରମେଶ ସିଂ ୨୦୧୫ରେ ଜଣେ ପୂର୍ବତନ ଭାରତୀୟ କୂଟନୀତିଜ୍ଞଙ୍କ ଘରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କୂଟନୀତିଜ୍ଞଙ୍କ ଘର ଆଗରେ ଆଇଏସ୍‌ଆଇ ଏଜେଣ୍ଟଙ୍କ କାର୍ ପାର୍କିଂ କରିବା ଲାଗି ମଧ୍ୟ ସେ ଅନୁମତି ଦେଉଥିଲେ ବୋଲି ଜଣାପଡ଼ିଥିଲା।

## ■ ଗୁଜରାଟରେ ହିନ୍ଦୀଭାଷୀ ଶ୍ରମିକଙ୍କୁ ଆକ୍ରମଣ
# ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଆଶ୍ୱାସନା

ଅହମ୍ମଦାବାଦ/ପାଟନା,୮।୧୦(ପି.ଟି.)

■ ୪୩୧ ଗିରଫ, ୫୬ ମାମଲା ଦାଏର

■ ରୂପାନୀଙ୍କ ସହ କଥା ହେଲେ ନୀତୀଶ, ଯୋଗୀ

■ ରାଜ୍ୟରୁ କେନ୍ଦ୍ର ଯାଏ କାଦୁଅ ଫିଙ୍ଗା ରାଜନୀତି ଆରମ୍ଭ

ଗୁଜରାଟରେ ହିନ୍ଦୀ ଭାଷାଭାଷୀ ଶ୍ରମିକଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଉତ୍ତେଜନା ବଢ଼ିବାରେ ଲାଗିଛି। ଅଣଗୁଜରାଟୀ ଶ୍ରମିକଙ୍କ ଗଣପଳାୟନ ପରେ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ସୋମବାର ଶାନ୍ତି ଡାକରା ଦେଇଛନ୍ତି। ବାହାର ଶ୍ରମିକଙ୍କୁ ସୁରକ୍ଷା ଆଶ୍ୱାସନା ସହ ରାଜ୍ୟ ନ ଛାଡ଼ିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉତ୍ତର ଗୁଜରାଟର ୬ଟି ଜିଲାରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାରର ପ୍ରାୟ ୨୦,୦୦୦ ଶ୍ରମିକ ରାଜ୍ୟ ଛାଡ଼ି ପଳାୟନ କରିଛନ୍ତି।

ପ୍ରକାଶ ଯେ, ରାଜ୍ୟର ସବରକନ୍ଥା ଜିଲାରେ ସେପ୍ଟେମ୍ବର ୨୮ରେ ଜଣେ ବିହାରୀ ଶ୍ରମିକ ୧୪ ମାସର ଏକ ଶିଶୁକନ୍ୟାକୁ ବଳାତ୍କାର କରିବା ପରେ ହିନ୍ଦୀ ଭାଷାଭାଷୀ ଶ୍ରମିକଙ୍କ ଉପରକୁ ଆକ୍ରମଣ ଆରମ୍ଭ ହୋଇଯାଇଛି। ଅଭିଯୁକ୍ତ ୨୮ ବର୍ଷୀୟ ରବୀନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରିଛି। ଘଟଣାରେ ଏପର୍ଯ୍ୟନ୍ତ





୪୩୧ ଜଣଙ୍କୁ ଗିରଫ କରାଯାଇଛି ଏବଂ ୫୬ଟି ଏତଲା ଦାଏର ହୋଇଛି। ହିଂସା ପରିହାର କରିବା ଲାଗି ମୁଖ୍ୟମନ୍ତ୍ରୀ ରୂପାନୀ ସୋମବାର ଲୋକଙ୍କୁ ନିବେଦନ କରିଛନ୍ତି। ସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ଗତ ୪୮ ଘଣ୍ଟା ମଧ୍ୟରେ ଗୋଟିଏ ହେଲେ ହିଂସା ଘଟଣା ସାମ୍ନାକୁ ଆସିନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ରଖିବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। କୌଣସି ସମସ୍ୟା ହେଲେ ଲୋକେ ପୋଲିସ ସହାୟତା ନେଇପାରିବେ। ସମସ୍ତଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ରୂପାନୀ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତର ପ୍ରଦେଶ ଏବଂ ବିହାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ନୀତୀଶ କୁମାର ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରି ସ୍ଥିତି ପଚାରି ବୁଝିଛନ୍ତି। କେନ୍ଦ୍ରମନ୍ତ୍ରୀ ରାମ ବିଳାସ ପାଶ୍ୱାନ ମଧ୍ୟ ରୂପାନୀଙ୍କ ସହ କଥା ହୋଇଛନ୍ତି। ଜବାବରେ ରୂପାନୀ ଲୋକଙ୍କ ସୁରକ୍ଷା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ରାଜ୍ୟରେ ଅଣଗୁଜରାଟୀ ଶ୍ରମିକଙ୍କ ଉପରକୁ ଆକ୍ରମଣ ଘଟଣାକୁ ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ କାଦୁଅଫିଙ୍ଗା ରାଜନୀତି ଆରମ୍ଭ ହୋଇଯାଇଛି। ଗୁଜରାଟରେ ବିହାରୀଙ୍କୁ ଆକ୍ରମଣ ପଛରେ କଂଗ୍ରେସର ହାତ ଥିବା ଅଭିଯୋଗ ଆଣିଛନ୍ତି ବିହାରର ଜେଡିୟୁ ମୁଖପାତ୍ର ନୀରଜ କୁମାର। ଏ ନେଇ ସେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି। ବିଧାୟକ ଅଳ୍ପେଶ ଠାକୁରଙ୍କୁ ରାହୁଲ ବିହାର ପ୍ରଭାରୀ ନିଯୁକ୍ତ କରିଛନ୍ତି ଏବଂ ତାଙ୍କ ଗୁଜରାଟ କ୍ଷତ୍ରିୟ ଠାକୁର ସେନା ରାଜ୍ୟରୁ ବିହାରୀଙ୍କୁ ବାହାର କରିବା ପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି ବୋଲି ନୀରଜ ଚିଠିରେ ଉଲ୍ଲେଖ କରିଛନ୍ତି। ଗୁଜରାଟ ଗୃହମନ୍ତ୍ରୀ ପ୍ରଦୀପ ସିଂ ଜାଡେଜା ପରୋକ୍ଷରେ ବିରୋଧୀ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି, ଗତ ୨୨ ବର୍ଷ ହେଲା ରାଜ୍ୟରେ କ୍ଷମତାରୁ ବାହାରେ ଥିବା ଦଳ ଏହା ପଛରେ ଅଛି ନା ନାହିଁ ସେ ବିଷୟରେ ବର୍ତ୍ତମାନ ତଦନ୍ତ ଚାଲିଛି। ଅଣଗୁଜରାଟୀ ବହୁଳ ଜିଲାଗୁଡ଼ିକରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶ୍ରମିକଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଘଟଣା। ସ୍ଥିତି ସୁଧାରିବା ଲାଗି ସବୁ ସମ୍ଭବ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଗୃହମନ୍ତ୍ରୀ କହିଛନ୍ତି। ଆକ୍ରମଣ ଘଟଣାକୁ କଂଗ୍ରେସ ଅଧକ୍ଷ ମଧ୍ୟ ନିନ୍ଦା କରିଛନ୍ତି। ହିଂସାର ମୂଳ କାରଣ ହେଉଛି କାରଖାନା ବନ୍ଦ ପଡ଼ିବା ଏବଂ ବେକାରି ସମସ୍ୟା। ଏଥିଲାଗି ଉଭୟ ବ୍ୟବସ୍ଥା ଏବଂ ଅର୍ଥନୀତି ପ୍ରଭାବିତ ହୋଇଛି।

# ପ୍ରଥମ ପର୍ଯ୍ୟାୟ ମତଦାନ ୫୬.୭%

ଜମ୍ମୁ/ଶ୍ରୀନଗର,୮।୧୦(ଆଇଏଏନ୍‌ଏସ୍)

ସୁଦୀର୍ଘ ୧୩ ବର୍ଷ ପରେ ଜମ୍ମୁ-କଶ୍ମୀରରେ ସୋମବାର ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ବିଭିନ୍ନ ଜିଲାର ୪୨୨ ୱାର୍ଡ ପାଇଁ ଭୋଟଗ୍ରହଣ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ, ରାଜ୍ୟରେ ମୋଟ ୫୬.୭% ମତଦାନ ହୋଇଛି। ଜମ୍ମୁ ରିଜନ୍‌ର ରାଜୌରି ଜିଲାରେ ସର୍ବାଧିକ ୮୧% ଭୋଟ ଗ୍ରହଣ ହୋଇଥିବାବେଳେ ବନ୍ଦିପୋରା ଜିଲାରେ ସର୍ବନିମ୍ନ ୩.୩% ମତଦାନ ହୋଇଛି। ବିଭିନ୍ନ ଜିଲା ମଧ୍ୟରେ ଶ୍ରୀନଗରରେ ୬.୨%, ବଡ଼ଗାମ୍‌ରେ ୧୭%, ଅନନ୍ତନାଗରେ ୬.୩%, ବାରାମୁଲାରେ ୫.୭%, କୁପ୍‌ୱାଡ଼ାରେ ୩୬.୬%, ବନ୍ଦିପୋରାରେ ୩.୩% ଭୋଟ ଗ୍ରହଣ ହୋଇଛି। ସେହିପରି ଲେହ ରିଜନ୍‌ରେ ୫୫.୨%, କାର୍ଗିଲ୍‌ରେ ୭୮.୧%, ଜମ୍ମୁରେ ୬୩.୮%, ରାଜୌରିରେ ୮୧% ଏବଂ ପୁଞ୍ଚରେ ୭୩.୧% ମତଦାନ ହୋଇଛି।

ଶାନ୍ତିଶୃଙ୍ଖଳା ସହ ଜମ୍ମୁ-କଶ୍ମୀର ପୌର ନିର୍ବାଚନ ଅନୁଷ୍ଠିତ



ପୌର ନିର୍ବାଚନକୁ ନେଇ ଜମ୍ମୁ-କଶ୍ମୀରରେ ବିଭାଜନ ସୃଷ୍ଟି ହୋଇଥିବାବେଳେ ବହୁଳ ମାତ୍ରାରେ ଜନସାଧାରଣ ଏହାକୁ ବର୍ଜନ କରିଛନ୍ତି। ଏପରି କି ଦୁଇ ପ୍ରମୁଖ ଆଞ୍ଚଳିକ ଦଳ ପିଡିପି ଏବଂ ଏନ୍‌ସି ମଧ୍ୟ ନିର୍ବାଚନକୁ ବର୍ଜନ କରିଛି। ଏହାସତ୍ତ୍ୱେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ ଗ୍ରହଣ ହୋଇଛି। ହଜାର ହଜାର ସଂଖ୍ୟାରେ ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ସଦସ୍ୟ ସୁରକ୍ଷା ବ୍ୟବସ୍ଥାରେ ମୁତୟନ କରିଥିଲେ। ଶାନ୍ତିଶୃଙ୍ଖଳା ସହ ଭୋଟ ଗ୍ରହଣ ହୋଇଥିଲା। ଶ୍ରୀନଗରରେ କେବଳ ଗୋଟିଏ ଟେକାମାଡ଼ ଘଟଣା ସାମ୍ନାକୁ ଆସିଥିଲା। ଆତଙ୍କବାଦୀ ହିଂସା ମଧ୍ୟ ଘଟି ନ ଥିବା ଜଣେ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ଫୁର୍‌ସତ

### ଡିଏନ୍‌ଏ ପୃଥକ୍ କରିବାରେ ରେକର୍ଡ

ଲକ୍ଷ୍ନୌ:

ଲକ୍ଷ୍ନୌର ୫୫୦ ଛାତ୍ରଙ୍କର ଏକ ଗୋଷ୍ଠୀ 'ଡିଏନ୍‌ଏ ଆଇସୋଲେଶନ୍ ଏକ୍ସପେରିମେଣ୍ଟ'ରେ ଭାଗନେଇ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେମାନେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସାଇନ୍ସ ଫେଷ୍ଟିଭାଲ୍ (ଆଇଆଇଏସ୍‌ଏଫ୍)ରେ ଭାଗନେଇ କଦଳୀରୁ ଡିଏନ୍‌ଏ ପୃଥକ୍ କରିଥିଲେ। ଜିଡି ଗୋଏଙ୍କା ସ୍କୁଲ୍‌ର ଛାତ୍ରମାନେ ଏଭଳି ଏକ ଗଣ ପର୍ଯ୍ୟବେକ୍ଷଣରେ ଭାଗ ନେଇଥିଲେ। ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ପାଚିଲା କଦଳୀ ଦିଆଯାଇଥିଲା। ସେମାନେ ପ୍ରତ୍ୟେକ କଦଳୀରୁ ଡିଏନ୍‌ଏ ଅଲଗା କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର ଘଣ୍ଟାଏ ମଧ୍ୟରେ ଡିଏନ୍‌ଏ ପୃଥକ୍ କରିଥିବା ବେଳେ ସମସ୍ତେ ଏହି କାର୍ଯ୍ୟ ୯୦ମିନିଟ୍ ମଧ୍ୟରେ ସଫଳତାର ସହିତ ସମ୍ପନ୍ନ କରିଥିଲେ।

ପୂର୍ବରୁ ଏଭଳି ଏକ ପର୍ଯ୍ୟବେକ୍ଷଣ ୨୦୧୭ରେ ଆମେରିକାରେ କରାଯାଇଥିଲା। ଏଥିରେ ୩୦୨ ଛାତ୍ର ଭାଗ ନେଇଥିଲେ। ଛାତ୍ରମାନଙ୍କୁ ପ୍ରଶଂସା କରି ଜଣେ ଶିକ୍ଷକ କହିଲେ, ବାସ୍ତବରେ ଏଥିପାଇଁ ଆମେ ଚାପରେ ଥିଲୁ। ଆମ ଛାତ୍ରମାନେ ସଫଳତାର ସହିତ ଏହା ସମ୍ପନ୍ନ କରିଥିବାରୁ ଆମ ପାଇଁ ଏହା ଗୌରବର ବିଷୟ।

### କୋଲକାତା, କରାଚୀରେ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

କୋଲକାତା:

ପଶ୍ଚିମବଙ୍ଗ ରାଜଧାନୀ କୋଲକାତା ଏବଂ ସିନ୍ଧ ପ୍ରଦେଶ ରାଜଧାନୀ କରାଚୀରେ ନିକଟ ଭବିଷ୍ୟତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାର ଆଶଙ୍କା ରହିଛି। ଏହାପରେ ଭାରତ ଓ ପାକିସ୍ତାନର ଅବଶିଷ୍ଟ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଅନୁରୂପ ଗ୍ରୀଷ୍ମପ୍ରବାହ ହେବ ବୋଲି ଆଇପିସିସି ପକ୍ଷରୁ ଏକ ସ୍ୱତନ୍ତ୍ର ରିପୋର୍ଟରେ ପ୍ରକାଶ ପାଇଛି।





ବାସ୍ତବରେ ବିଶ୍ୱତାପନ ମାତ୍ରାକୁ ୨ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖାଯାଇଥିବା ବେଳେ କୋଲକାତା ଏବଂ କରାଚୀ ଭଳି ସହରାଞ୍ଚଳରେ ୧.୫ ଡିଗ୍ରୀ ସେଲ୍‌ସିୟସରୁ ୨ ଡିଗ୍ରୀ ସେଲସିୟସ ମଧ୍ୟରେ ଗ୍ରୀଷ୍ମ ପ୍ରବାହିତ ହେବା ଆକଳନ କରାଯାଇଛି। ନାଇଜେରିଆର ଲାଗୋସ୍ ଏବଂ ଚାଇନାର ସାଂଘାଇ ନଗରୀରେ ଗ୍ରୀଷ୍ମଋତୁରେ ଅଧିକ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ୨୦୫୦ ସୁଦ୍ଧା ୩୫୦ ନିୟୁତରୁ ଅଧିକ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି। ୨୪୬ ପୃଷ୍ଠା ବିଶିଷ୍ଟ ଉକ୍ତ ରିପୋର୍ଟର ୧୫୧ ପୃଷ୍ଠାରେ 'ହିଟ୍-ୱେଭ୍‌ସ, ଅନପ୍ରେସିଡେଣ୍ଟେଡ ହିଟ୍ ଆଣ୍ଡ ହ୍ୟୁମ୍ୟାନ୍ ହେଲ୍‌ଥ' ଶୀର୍ଷକରେ ୨୦୧୫ରେ ମାରାତ୍ମକ ତାପ ପ୍ରବାହ ଭଳି ପାକିସ୍ତାନର କରାଚୀ ଏବଂ ଭାରତର କୋଲକାତାରେ ୨ଡିଗ୍ରୀ ସେଲସିୟସ୍ ପାଖାପାଖି ଗ୍ରୀଷ୍ମ ଲହରି ଜାରି ରହିବ। ୨୦୧୫ ରିପୋର୍ଟ ଅନୁଯାୟୀ, ୨୦୧୫ରେ ଅଂଶୁଘାତ ଯୋଗୁ ଦକ୍ଷିଣ ଏସିଆର ପାଖାପାଖି ୪,୦୦୦ ଲୋକ ପ୍ରାଣ ହରାଇଥିଲେ। ଜଳବାୟୁ ପରିବର୍ତ୍ତନକୁ ଛାଡିଦେଲେ ମୋଟରଯାନ ସଂଖ୍ୟା ବୃଦ୍ଧି, ବୃକ୍ଷରାଜି ହ୍ରାସ ପାଇବା, କଂକ୍ରିଟ ଅଟ୍ଟାଳିକା ସଂଖ୍ୟା ବୃଦ୍ଧି ପାଇବା, ଆର୍ଦ୍ରଭୂମିର ଅଭାବ ଏବଂ ବାୟୁ ପ୍ରଦୂଷଣ ଭାରତ ସମେତ ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡିକରେ ଉତ୍ତାପ ବୃଦ୍ଧିର କାରଣ ହୋଇଛି ବୋଲି ଏଥିରେ କୁହାଯାଇଛି।

# ଦିଲୀପ କୁମାର ପୁଣି ଅସୁସ୍ଥ

ମୁମ୍ବାଇ:

ବିଶିଷ୍ଟ ବଲିଉଡ୍ ଅଭିନେତା ଦିଲୀପ କୁମାର(୯୫) ନିମୋନିଆରେ ପୀଡ଼ିତ ଥିବାରୁ ସ୍ଥାନୀୟ ଲୀଳାବତୀ ହସ୍ପିଟାଲ୍‌ରେ ତାଙ୍କର ଚିକିତ୍ସା କରାଯାଉଛି। ତାଙ୍କ ପରିବାରର ଜଣେ ଘନିଷ୍ଠ ସହଯୋଗୀ ଫଇଜଲ୍ ଫାରୁକୀ ଟୁଇଟର ଯୋଗେ ଏହି ସୂଚନା ଦେଇଛନ୍ତି। ରବିବାର ବିଳମ୍ବିତ ରାତି ୧ଟାରେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ତାଙ୍କ ଆତ୍ମଜୀବନୀର ସଂକଳକ ଉଦୟ ତାରା ନାୟାର ପ୍ରକାଶ କରିଛନ୍ତି। ନାୟାର ହ୍ୱାଟ୍‌ସଆପ୍ ମାଧ୍ୟମରେ ଜଣାଇଛନ୍ତି, ଦିଲୀପ ସାବ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଆଇଭି ଡ୍ରିପ୍ ମାଧ୍ୟମରେ ତାଙ୍କୁ ଆଣ୍ଟିବାୟୋଟିକ୍ ଦିଆଯାଉଛି। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି। ନିମୋନିଆ ଯୋଗୁ ଏହି ବରିଷ୍ଠ ଅଭିନେତାଙ୍କୁ ଗତ ମାସରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

ଦିଲୀପ କୁମାର ଦେଶର ସର୍ବାଧିକ ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରୁ ଅନ୍ୟତମ। ସେ 'କୋହିନୁର', 'ମୁଗଲ-ଇ-ଆଜାମ୍', 'ଶକ୍ତି', 'ନୟା ଦୌର' ଏବଂ 'ରାମ ଔର ଶ୍ୟାମ' ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। ରୁପେଲି ପରଦାରେ ୧୯୯୮ରେ ତାଙ୍କର ଶେଷ ଅଭିନୀତ ଫିଲ୍ମ ହେଉଛି 'କିଲା'।



### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୭ | ୨୦.୫ |
| ଚାନ୍ଦବାଲି | ୩୪.୦ | ୨୪.୬ |
| କଟକ | ୩୩.୫ | ୨୩.୪ |
| ପାରାଦ୍ୱୀପ | ୩୫.୪ | ୨୫.୨ |
| ଭୁବନେଶ୍ୱର | ୩୫.୦ | ୨୩.୫ |
| ଗୋପାଳପୁର | ୩୬.୨ | ୨୫.୮ |
| ପୁରୀ | ୩୪.୮ | ୨୬.୦ |
| ଅନୁଗୋଳ | ୩୪.୯ | ୧୯.୬ |
| ବାରିପଦା | ୩୫.୨ | ୨୨.୦ |
| ଝାରସୁଗୁଡ଼ା | ୩୫.୩ | ୨୨.୦ |
| କେନ୍ଦୁଝର | ୩୨.୭ | ୧୯.୬ |
| ସମ୍ବଲପୁର | ୩୫.୬ | ୨୨.୨ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୫.୬ | ୨୨.୮ |
| ତାଳଚେର | ୩୬.୧ | ୨୧.୮ |
| ଭବାନୀପାଟଣା | ୩୩.୧ | ୨୦.୫ |
| ବଲାଙ୍ଗୀର | ୩୫.୦ | ୨୩.୦ |
| କୋରାପୁଟ | ୩୧.୦ | ୧୭.୬ |
| ଫୁଲବାଣୀ | ୩୩.୫ | ୧୬.୫ |
| ଟିଟିଲାଗଡ଼ | ୩୪.୦ | ୨୦.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୫.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୩୦.୦ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।


Madhya Pradesh
Mukhyamantri Unmarried Women Pension Scheme
(Avivahit Pension Yojana)
ମଧ୍ୟପ୍ରଦେଶ ସରକାର ଅବିବାହିତ ମହିଳାଙ୍କ ପାଇଁ ଆରମ୍ଭ କରିଛନ୍ତି ସ୍ୱତନ୍ତ୍ର ପେନସନ୍ ଯୋଜନା। ଏହି ଯୋଜନା ଅନ୍ତର୍ଗତ ୫୦ରୁ ୭୯ ବର୍ଷ ବୟସ୍କ ଅବିବାହିତ ମହିଳାଙ୍କୁ ମାସିକ ୩ ଶହ ଟଙ୍କାର ପେନସନ୍ ଯୋଗାଇ ଦିଆଯିବ। ସେହିପରି ୮୦ ବର୍ଷରୁ ଅଧିକ ବୟସ୍କ ମହିଳାଙ୍କୁ ୫ଶହ ଟଙ୍କାର ପେନସନ୍ ପ୍ରଦାନ କରାଯିବ। ସମ୍ପୃକ୍ତ ମହିଳାମାନେ ଗ୍ରାମପଞ୍ଚାୟତ ଏବଂ ନଗର ନିଗମ କାର୍ଯ୍ୟାଳୟରେ ଏଥିପାଇଁ ଆବେଦନ କରିପାରିବେ।

## ସଂକ୍ଷେପରେ

### ଯୁବକଙ୍କୁ ଗଳାକାଟି ହତ୍ୟା, ୨ ଅଟକ

ଗୋପାଳପୁର,୮।୧୦: ବ୍ରହ୍ମପୁର ପୋଲିସ ଜିଲାରେ ପୁଣି ଅପରାଧୀ ସକ୍ରିୟ ହୋଇଛନ୍ତି। ହତ୍ୟା, ଲୁଟ ଭଳି ଘଟଣା ବଢ଼ିବାରେ ଲାଗିଛି। ରବିବାର ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ ନୂଆ ଗୋଳାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଛପଟେ ଥିବା ଜମିରେ ଜଣେ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ନୟାଗଡ଼ ଜିଲା ମାଛିପଡ଼ା ଗ୍ରାମର କୈଳାସ ପ୍ରଧାନ। ପୋଲିସ ସୋମବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ କୈଳାସଙ୍କ ସ୍ତ୍ରୀ ଶାନ୍ତିଙ୍କ ଏତଲା ପ୍ରକାରେ ଗୋପାଳପୁର ଥାନାରେ ହତ୍ୟା ମାମଲା (ନଂ.୧୨୮/୧୮) ରୁଜୁ ହୋଇଛି। ହତ୍ୟା ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲିଥିବା ଆଇଆଇସି ସୁଶାନ୍ତ କୁମାର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, କୈାଳାସ ପ୍ରତିବର୍ଷ କାର୍ତ୍ତିକ ମାସ ପୂର୍ବରୁ ନୂଆଗୋଳାବନ୍ଧସ୍ଥିତ ଧବଳେଶ୍ୱରଙ୍କ ପୀଠ ନିକଟରେ ଭିକ୍ଷାବୃତ୍ତି କରିବାକୁ ସ୍ତ୍ରୀ ଓ ପିଲାଙ୍କୁ ନେଇ ଆସିଥାନ୍ତି। ରବିବାର ରାତିରେ ଉକ୍ତ ଗ୍ରାମର ୨ଜଣ ବ୍ୟକ୍ତି କୈଳାସ ରହୁଥିବା ସ୍ଥାନରେ ପହଞ୍ଚିଥିଲେ। ସ୍ତ୍ରୀ ଓ ଝିଅ ସେଠାରେ ଥିବାରୁ ଅଭିଯୁକ୍ତଦ୍ୱୟ ମନ୍ଦ ଉଦ୍ଦେଶ୍ୟ ରଖି କୈାଳାସଙ୍କୁ ନିକଟସ୍ଥ ଏକ ଦେଶୀ ମଦ ଦୋକାନ ନିକଟକୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ମଦ ପିଆଇ ଏକ ଗଛରେ ବାନ୍ଧି ଦେଇଥିଲେ। ତେବେ କୌଣସି ପ୍ରକାରେ ସେଠାରୁ ସେ ଖସିଆସି ଅଭିଯୁକ୍ତଦ୍ୱୟଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଅଭିଯୁକ୍ତଦ୍ୱୟ ଏକ ଧାରୁଆ ଅସ୍ତ୍ରରେ କୈଳାସଙ୍କ ତଣ୍ଟି କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ଖବରପାଇ ଗୋପାଳପୁର ଥାନା ଅଧିକାରୀ ସାହୁ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପରେ ସଦର ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଓ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛନ୍ତି।

■ ପୁଅକୁ ଡାକ୍ତରୀ ପଢ଼ାଇବାକୁ ଯାଇ ଠକାମିର ଶିକାର ହେଲେ ଡାକ୍ତର

# ଆନ୍ତଃ ରାଜ୍ୟ ଠକ ଗିରଫ

ଖୋର୍ଦ୍ଧା ଅଫିସ,୮।୧୦

ଖୋର୍ଦ୍ଧା ଟାଉନ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଜଣେ ଆନ୍ତଃ ରାଜ୍ୟ ଠକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଠକଙ୍କୁ ଜେଲ ଯିବାକୁ ପଡିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଚାନ୍ଦପୁର ଗାଁର ପ୍ରଦୋଷ ଦାସ (୪୩)। ଅଭିଯୁକ୍ତଙ୍କଠାରୁ ପୋଲିସ ନଂ. ଓଡି ୩୩ ପି ୯୧୯୨ କାର, ନଂ. ଓଡି୦୨ ପି୬୭୧୫ ସ୍କୁଟି, ୧ଟି କ୍ୟାନନ ପ୍ରିଣ୍ଟର, ଲାପଟପ, ୨ଟି ଏଲଇଡି ଟିଭି, ୬ଟି ଦାମୀ ମୋବାଇଲ, ୪ଟି ଦାମୀ ଘଣ୍ଟା, ୯ଟି ସିମ୍ କାର୍ଡ, ଟିଭି ସହ ସେଟଅପ ବକ୍ସ, ଜିଓ ଡଙ୍ଗଲ, ୨ଟି ନକଲି ଭିଜିଟିଂ କାର୍ଡ, ସ୍ମାର୍ଟ ଓ କ୍ରେଡିଟ୍ କାର୍ଡ ୧୦ଟି, ଗୋଟିଏ ପାସପୋର୍ଟ, ୨ଟି ସୁନାର ଲକେଟ, ସୁନା ମୁଦି, ଟାଟା ସ୍କେ ସେଟଅପ ବକ୍ସ ପରି ପ୍ରାୟ ୨୫ ଲକ୍ଷ ଟଙ୍କାର ଉପକରଣ ଜବତ କରିଛି। ସେହିପରି ଗୋପାଳ ପଣ୍ଡାଙ୍କ ସ୍ୱାକ୍ଷର ଥାଇ ୮୪ ଲକ୍ଷ ଟଙ୍କାର ଏକ ଅବଧି ଚାଲି ଯାଇଥିବା ଚେକ ମଧ୍ୟ ଜବତ ହୋଇଥିବା ଶିଳ୍ପାଞ୍ଚଳ ଫାଣ୍ଡିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଦୀପ୍ତି ରଞ୍ଜନ ରାୟ ଓ ଏସ୍‌ଡିପିଓ ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।

### ୨୫ ଲକ୍ଷ ଟଙ୍କାର ଉପକରଣ ଜବତ


ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ଏସ୍‌ପିଙ୍କ ସୂଚନା ଅନୁସାରେ, କଟକ ଜିଲା ମର୍କତନଗର ଥାନା ସିଡିଏ ସେକ୍ଟର ୬ ଅଞ୍ଚଳରେ ରହୁଥିବା ଡାକ୍ତର ତ୍ରିଲୋଚନ ବାରିକ ପୁଅକୁ ଡାକ୍ତରୀ ପାଠ ପଢ଼ିବାକୁ ହାଇପ୍ରୋଫାଇଲ ଠକ ପ୍ରଦୋଷଙ୍କ ଠକାମିର ଶିକାର ହୋଇଥିଲେ। ପ୍ରଦୋଷ ୨୭ ଲକ୍ଷ ଟଙ୍କା ନେଇ ମ୍ୟାନେଜମେଣ୍ଟ କୋଟାରେ ବାଙ୍ଗାଲୋରର ସେଣ୍ଟ ଜନ୍ ନ୍ୟାଶନାଲ ଏକାଡେମୀରେ ସିଟ୍ କରାଇ ଦେବେ ବୋଲି କହିଥିଲେ। ଏପରି କି ୪ ବର୍ଷର ଦେୟ ୨୪ ଲକ୍ଷ ୫୦ ହଜାର ଟଙ୍କା ସଂସ୍ଥା ପାଇଛି ବୋଲି ଆଡ଼ମିଶନ କରିବାକୁ ନକଲି କାଗଜାତ ଦେଇଥିଲେ। ତେବେ ଠକାମିର ଶିକାର ହୋଇଥିବା ଡାକ୍ତର ତ୍ରିଲୋଚନ ଜାଣିବା ପରେ ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇପିସି ଦଫା ୪୨୦, ୪୬୭, ୪୬୮, ୪୭୧ରେ ନଂ. ୩୬୭/୧୮ରେ ୧୯।୯।୧୮ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ସମୟରେ ପ୍ରଦୋଷଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଥିଲା। ଆକାଉଣ୍ଟ ଫ୍ରିଜ ସମ୍ପର୍କରେ ପ୍ରଦୋଷ ଏସ୍‌ପିଙ୍କ ନିକଟକୁ ଫୋନ୍ କରି କାରଣ ପଚାରିଥିଲେ। ଉକ୍ତ ଫୋନ୍ କଲକୁ ଟ୍ୟାପିଂ କରି ପ୍ରଦୋଷ ଜଟଣୀ ଥାନାର ଯାଁଳାରେ ଘରଭଡା ନେଇ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ଘରୋଇ କମ୍ପାନୀରେ ଚାକିରି କରିଥିବା ପ୍ରଦୋଷଙ୍କୁ ଟଙ୍କାର ଅଭାବ ହେତୁ ଠକେଇ କରି ଟଙ୍କା ରୋଜଗାର କରୁଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପ୍ରଦୋଷ ପୁରୀ, ଖୋର୍ଦ୍ଧା, ନୟାଗଡ ଓ ଭୁବନେଶ୍ୱର ଆଦି ଅଞ୍ଚଳରେ ଠକେଇ ସମ୍ପର୍କରେ ଜାଣିବା ଓ ଅବଧି ପଳାଇ ଯାଇଥିବା ୮୪ ଲକ୍ଷ ଟଙ୍କାର ଚେକର ତଦନ୍ତ ପାଇଁ ପ୍ରଦୋଷଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଫାଣ୍ଡି ଅଧିକାରୀ ସମିତା ମିଶ୍ର ଉପସ୍ଥିତ ଥିଲେ।

# ଆଜି ଓଡ଼ିଆ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ

ସାକ୍ଷୀଗୋପାଳ, ୮।୧୦(ଡି.ଏନ୍.ଏ.)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ପୁରୀ ଜିଲା ସତ୍ୟବାଦୀର ଐତିହାସିକ ବକୁଳବନରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ। ଏଥିପାଇଁ ସଜେଇ ହୋଇଛି ଗୁପ୍ତବୃନ୍ଦାବନ ବକୁଳବନ। ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠିତ ବନବିଦ୍ୟାଳୟ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇ ଓଡ଼ିଆ ଭାଷା ସାହିତ୍ୟର ଉତ୍ତରୋତ୍ତର ଗବେଷଣା ଓ ବିକାଶ କ୍ଷେତ୍ରରେ କାମ କରିବ ବୋଲି ଆଶା କରାଯାଉଛି।

ମଙ୍ଗଳବାର ଶିଳାନ୍ୟାସ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ଦିନ ୧୧ଟା ୩୦ରେ ପଞ୍ଚସଖାଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରିବା ପରେ ବ୍ୟାଟେରି ଚାଳିତ ଗାଡିରେ ବକୁଳବନର ସବୁଜିମା ବୁଲି ଦେଖିବେ। ପରେ ବକୁଳବନରେ ବୃକ୍ଷରୋପଣ କରିବା ସହ ଶିଳାନ୍ୟାସ କରି ମୁକ୍ତାକାଶ ରଙ୍ଗମଞ୍ଚରେ ଜନ ସମାବେଶକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ୩୦ଜିଲାରୁ ନଦୀର ଜଳ ଓ ମାଟି ନେଇ ଆସିଥିବା ୧୫୦ଜଣ ସଂସ୍କୃତିପ୍ରେମୀ ମାଟି ଓ ଜଳ ପ୍ରଦାନ କରି ବିଶ୍ୱବିଦ୍ୟାଳୟ ପାଇଁ ଆନ୍ତରିକତା ପ୍ରତିପାଦନ କରିବେ। ସୋମବାର କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ବକୁଳବନରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ତାଙ୍କ ସହିତ ପୁରୀ ଏସ୍‌ପି ଡ.ସାର୍ଥକ ଷଡ଼ଙ୍ଗୀ, ଅତିରିକ୍ତ ଏସ୍‌ପି ଧୀରେନ ନନ୍ଦ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ଡ. ଗୌରବମୟ ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ପ୍ରମୁଖ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଥିଲେ।

## ଦବିଗଲା ଲାଇଙ୍ଗ ପୋଲ ଆପ୍ରୋଚ୍ ରୋଡ୍

ସୁନ୍ଦରଗଡ଼,୮।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗ ଗ୍ରାମରୁ ମନ୍ଦିରା ଡ୍ୟାମ୍ ଯିବା ରାସ୍ତାରେ ଥିବା ପୋଲର ଉଭୟ ପାର୍ଶ୍ୱ ଆପ୍ରୋଚ୍‌ରୋଡ୍‌ସୋମବାର ଅପରାହ୍ନରେ ଦବିଯିବାରୁ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ୧୯୬୨ ମସିହାରେ ଏହି ପୋଲ ନିର୍ମିତ ହୋଇଥିଲା। ଏହି ପୋଲ ଉପରେ ଆଖପାଖ ୧୨ଟି ଗ୍ରାମର ଜନସାଧାରଣ ନିର୍ଭର କରୁଥିଲେ। ୨୦୦୭ରେ ପୋଲ ମରାମତି କରାଯାଇଥିଲା। ମାତ୍ର ବର୍ତ୍ତମାନ ଏହାର ଆପ୍ରୋଚ ରାସ୍ତା ଦବିଯାଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।

■ ଖଣ୍ଡଗିରି ଥାନାଞ୍ଚଳରେ ପୁଣି ଗର୍ଜିଲା ବନ୍ଧୁକ

# ବସ୍ ମାଲିକଙ୍କୁ ଗୁଳି

ଭୁବନେଶ୍ୱର,୮।୧୦(ବ୍ୟୁରୋ)

- ପେଟରେ ଓ କାନ୍ଧରେ ବାଜିଛି ଗୁଳି
- ବୟାନରେ ରହୁନି ତାଳମେଳ
- ଟେଣ୍ଡରକୁ ନେଇ ଗୁଳିମାଡ଼ ସନ୍ଦେହ

କମିଶନରେଟ ପୋଲିସ ଅଞ୍ଚଳରେ ପୁଣି ଗର୍ଜିଲା ବନ୍ଧୁକ। କିଛିଦିନ ତଳେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳର ଫାଷ୍ଟଫୁଡ୍ ଦୋକାନୀ ସ୍ମୃତି ରଞ୍ଜନ ଧଳଙ୍କୁ ଗୁଳିମାଡ଼ ହୋଇଥିଲା। ଉକ୍ତ ଘଟଣାର ଅଭିଯୁକ୍ତମାନଙ୍କୁ ପୋଲିସ ଏଯାଏ ଧରିପାରି ନ ଥିବାବେଳେ ରବିବାର ବିଳମ୍ବିତ ରାତିରେ ପାତ୍ରପଡ଼ା କାଳୀମନ୍ଦିର ନିକଟରେ ବସ୍ ମାଲିକ ପ୍ରୀତମ କୁମାର ଜେନାମଣୀଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କ ଡାହାଣ କାନ୍ଧ ଓ ପେଟରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅସ୍ତ୍ରୋପଚାର ଦ୍ୱାରା ଗୁଳି ବାହାର କରାଯାଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି।

ଆହତ ପ୍ରୀତମଙ୍କ ଘର ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ୍‌ରେ। ସେ ପାତ୍ରପଡ଼ା ଅଞ୍ଚଳରେ ପରିବାର ସହ ରହୁଛନ୍ତି। ରବିବାର ଛୁଟି ଥିବାରୁ ପ୍ରୀତମ ସାଙ୍ଗମାନଙ୍କ ସହ ଖଣ୍ଡଗିରି ଟୁରିଷ୍ଟ ବସ୍‌ଷ୍ଟାଣ୍ଡ ନିକଟରେ ଭୋଜି କରିଥିଲେ। ପ୍ରୀତମଙ୍କ ସାଙ୍ଗମାନଙ୍କ କହିବାନୁଯାୟୀ, ରାତି ପ୍ରାୟ ୧ଟା ୩୦ରେ କୌଣସି କାର୍ଯ୍ୟରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଯାଇ କାର୍‌ରେ ଫେରୁଥିଲେ। ପାତ୍ରପଡ଼ା କାଳୀମନ୍ଦିର ନିକଟ ଜାତୀୟ ରାଜପଥ ପାର୍ଶ୍ୱ ରାସ୍ତାରେ ଏକ ପିକ୍‌ଅପ୍ ଡାଲା ଗାଡି ସାଇଡ୍ ମାରିବା ସହ ସେମାନଙ୍କ କାର୍ ଆଗରେ ଅଟକି ଯାଇଥିଲା। ଉକ୍ତ ପିକ୍‌ଅପ୍‌ରୁ ୪ଜଣ ଯୁବକ ବାହାରି ସେମାନଙ୍କୁ ଘେରିଯିବା ସହ ୪ ରାଉଣ୍ଡ ଗୁଳି କରି ଖଣ୍ଡଗିରି ଆଡକୁ ପଳାଇଥିଲେ। ଦୁଇଟି ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇଥିବାବେଳେ ଆଉ ଦୁଇଟି ଗୁଳି ପ୍ରୀତମଙ୍କ କାନ୍ଧ ଓ ପେଟରେ ପଶିଯାଇଥିଲା। ତେବେ ପ୍ରୀତମ ଓ ସାଙ୍ଗମାନଙ୍କୁ ଖଣ୍ଡଗିରି ଥାନା ପୋଲିସ ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବୟାନରେ ତାଳମେଳ ରହୁନି। ଅନ୍ୟପକ୍ଷରେ ଘଟଣାର ୨୪ ଘଣ୍ଟା ପରେ ବି ଥାନାରେ କୌଣସି ଅଭିଯୋଗ ହୋଇନି। ଫଳରେ ଏହି ଗୁଳିକାଣ୍ଡକୁ ନେଇ ପୋଲିସର ସନ୍ଦେହ ବଢୁଥିବାବେଳେ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି। ପ୍ରୀତମଙ୍କର କେହି ଜଣାଶୁଣା ଲୋକ ଏଭଳି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ପ୍ରୀତମ ଓ ତାଙ୍କ ସାଙ୍ଗମାନେ ଭୋଜି କରୁଥିବା ବେଳେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପରେ ପରସ୍ପର ଗାଡି ନେଇ ବରମୁଣ୍ଡା ଅଭିମୁଖେ ଯାଇଥିଲେ। ସେଠାରେ ପୁଣି ଗାଡ଼ି ସାଇଡ୍‌ମରାକୁ କେନ୍ଦ୍ରକରି ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରୀତମ ଉପରକୁ ସାଙ୍ଗମାନେ ଗୁଳି କରିଥିଲେ। ଘଟଣାକୁ ଲୁଚାଇବା ପାଇଁ ସେମାନେ ପୋଲିସକୁ ମିଛ କାହାଣୀ କହୁଛନ୍ତି ବୋଲି ଥାନାଧିକାରୀ ସ୍ୱାଇଁ କହିଛନ୍ତି।

ଘଟଣା ସଂକ୍ରାନ୍ତରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ବାରମ୍ବାର ଗୁଳିମାଡ଼ ହେଉଥିବାରୁ ଦୁଇଟି ପୋଲିସ ଟିମ୍ ସବୁବେଳେ ସ୍ଥିତି ଉପରେ ନଜର ରଖିଛି। ଚୋରା ବନ୍ଧୁକ ବେପାରୀମାନଙ୍କୁ ଆମେ ଶୀଘ୍ର ଗିରଫ କରିବୁ। ପୂର୍ବଶତ୍ରୁତାକୁ ନେଇ ଏହି ଗୁଳିମାଡ଼ ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ବସ୍‌ଷ୍ଟାଣ୍ଡ ଟେଣ୍ଡରକୁ ନେଇ ଏହି ଘଟଣା ଘଟିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।



# ଗର୍ଭାବସ୍ଥାରେ ହୃଦ୍‌ରୋଗ





ଡା. ସରୋଜିନୀ ଷଡ଼ଙ୍ଗୀ

**ହୃଦ୍‌ରୋଗ ଏକ ଭୟଙ୍କର ରୋଗ। ତେଣୁ ଗର୍ଭାବସ୍ଥାରେ ଏହି ରୋଗ ଚିହ୍ନଟ ହେଲେ ହୃଦ୍‌ରୋଗ ବିଶେଷଜ୍ଞ ଏବଂ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିବା ଦ୍ୱାରା ଉଭୟ ମା' ଏବଂ ଗର୍ଭସ୍ଥ ଶିଶୁକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ...**

ହୃଦ୍‌ରୋଗ ହେଉଛି ଏକ ଭୟଙ୍କର ରୋଗ। ଗର୍ଭବତୀ ମହିଳାମାନଙ୍କର ହୃଦ୍‌ରୋଗ ଥିଲେ, ତାକୁ ଗର୍ଭାବସ୍ଥାରେ, ପ୍ରସବ ସମୟରେ ତଥା ପ୍ରସବ ପରେ ବିଷମ ପରିସ୍ଥିତି ସୃଷ୍ଟି କରିଥାଏ ଏବଂ ମା' ଓ ଶିଶୁ ଉଭୟଙ୍କ ମୃତ୍ୟୁ ଆଶଙ୍କା ବୃଦ୍ଧି କରିଥାଏ। ତେଣୁ ଏହି ସମୟରେ ମା' ଉପରେ ତୀକ୍ଷଣ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଓଡ଼ିଶାରେ ହୃଦ୍‌ରୋଗ ଭୋଗୁଥିବା ଗର୍ଭବତୀ ମହିଳାମାନେ ଆଣ୍ଠୁଗଣ୍ଠି ଜନିତ ହୃଦ୍‌ରୋଗରେ ପୀଡ଼ିତ ହୋଇ ମୁଖ୍ୟତଃ ମାଇଟ୍ରାଲ ଷ୍ଟେନୋସିସ୍ ବା ମାଇଟ୍ରାଲ ଭଲ୍‌ଭ ଡିଜିଜ୍‌ରେ ଆକ୍ରାନ୍ତ ହୋଇ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପାଖକୁ ଆସିଥାନ୍ତି। ଅଧିକଭାବେ ଆଣ୍ଠୁଗଣ୍ଠି ବାତଜନିତ ହୃଦ୍‌ରୋଗ (ରୁ୍ୟମାଟିକ୍ ହାର୍ଟ ଡିଜିଜ୍) ଆମେ ଓଡ଼ିଶାରେ ଦେଖିବାକୁ ପାଇଥାଉ।

ଗର୍ଭାବସ୍ଥାରେ ମା'ର ଶରୀର ବିଶ୍ଳେଷଣ କଲେ ଜଣାଯାଏ ଯେ, ମା'ର ଶରୀରରେ ରକ୍ତର ପରିମାଣ ସାଧାରଣତଃ ଶତକଡ଼ା ୪୦ ଭାଗ ବୃଦ୍ଧପାଏ ଏବଂ ରକ୍ତ କଣିକାର ପରିମାଣ ଶତକଡ଼ା ୧୫ ଭାଗ ବୃଦ୍ଧିପାଏ, ଫଳରେ ହୃତ୍‌ପିଣ୍ଡରେ ଅଧିକ ଚାପ ପଡ଼ିଥାଏ। ତେଣୁ ଆଗରୁ ହୃଦ୍‌ରୋଗ ଭୋଗୁଥିବା ମହିଳାମାନଙ୍କର ଗର୍ଭାବସ୍ଥାରେ ହୃତ୍‌ପିଣ୍ଡରେ ଅଧିକ ରକ୍ତ ସଞ୍ଚାଳିତ ହୋଇ ହାର୍ଟ ଫେଲିଓର ହେବା ଆଶଙ୍କା ଥାଏ। ସାଧାରଣତଃ ୮ମାସ ମଧ୍ୟରେ ଏହି ମା' ରକ୍ତର ପରିମାଣ ସବୁଠାରୁ ଅତ୍ୟଧିକ ଭାବେ ବଢ଼ିଯାଇ ହାର୍ଟ ଫେଲ୍ୟୁଅର ହେବା ଭୟ ବେଶି ଥାଏ। ଏହାଛଡ଼ା ପ୍ରସବ ପରେ ମଧ୍ୟ ଗର୍ଭ ଫୁଲରୁ ନିର୍ଗତ ରକ୍ତ ହୃତ୍‌ପିଣ୍ଡରେ ପ୍ରବେଶ କରିଥାଏ ଏବଂ ହାର୍ଟ ଫେଲ୍ୟୁଅର ହେବା ଆଶଙ୍କା ଥାଏ। ଗର୍ଭର ଶେଷ ମାସରେ ଗର୍ଭାଶୟର ଚାପରେ, ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ତା'ର ନିଜ ସ୍ଥାନରୁ ଉପରକୁ ଉଠିଯାଇଥାଏ। ଫଳରେ ଅଣନିଃଶ୍ୱାସୀ ଲାଗେ ଓ ରୋଗିଣୀ ଧଇଁସଇଁ ହୋଇଯାଏ। ଏହାଛଡ଼ା ମଧ୍ୟ ଗର୍ଭାବସ୍ଥାରେ ରକ୍ତରେ ଜଳୀୟ ଅଂଶର ପରିମାଣ ବୃଦ୍ଧି ପାଉଥିବାରୁ ରକ୍ତ ପତଳା ହୁଏ ଓ ରକ୍ତକୋଷିକା (ହିମୋଗ୍ଲୋବିନ୍) କମିଯାଇ ଆନେମିଆ ବା ରକ୍ତହୀନତା ହୁଏ। ଗର୍ଭାବସ୍ଥାରେ ସାଧାରଣ ହୃତ୍‌ପିଣ୍ଡଠାରୁ ହୃଦ୍‌ରୋଗରେ ଆକ୍ରାନ୍ତ ହୃତ୍‌ପିଣ୍ଡ ଉପରେ ଅଧିକ ଚାପ ପଡ଼ିଥାଏ। ଏହା ବ୍ୟତୀତ ବିଭିନ୍ନ କାରଣରୁ ହୃତ୍‌ସ୍ପନ୍ଦନ ବଢ଼ିଯାଇଥାଏ ଓ ହାର୍ଟ ଫେଲ୍ୟୁଅର ହୋଇଥାଏ। ଯଦି ରୋଗିଣୀର ବୟସ ବେଶି ହୋଇଥାଏ କିମ୍ବା ଆଗରୁ ହୃତ୍‌ପିଣ୍ଡ ଅଚଳ ହୋଇଥାଏ ଯଥା ହାର୍ଟ ଫେଲ୍ୟୁଅର ବା ଗର୍ଭାବସ୍ଥାରେ ରକ୍ତହୀନତା, ଉଚ୍ଚ ରକ୍ତଚାପ ଇତ୍ୟାଦି ଥାଏ କିମ୍ବା ହୃତ୍‌ପିଣ୍ଡରେ ଅନ୍ୟ କୌଣସି ରୋଗ ଥିଲେ ବା ଗର୍ଭାବସ୍ଥାରେ ପରିଚର୍ଯ୍ୟା ମୂଳରୁ ଠିକ୍ ଭାବେ ହୋଇ ନ ଥିଲେ ହୃଦ୍‌ରୋଗ ବଢ଼ିଯାଏ। ତେଣୁ ହୃଦ୍‌ରୋଗର ସୂଚନା ପାଇଲା ମାତ୍ରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

**ଏହାର ଶ୍ରେଣୀ ନିର୍ଦ୍ଧାରଣ**– ଆମେରିକାର ନ୍ୟୁୟର୍କ ହାର୍ଟ ଆସୋସିଏଶନ ପକ୍ଷରୁ ନିର୍ଣ୍ଣୟ କରାଯାଇଥିବା ଡିଗ୍ରୀ ଅନୁସାରେ ଚିକିତ୍ସା କରାଇବା ଆବଶ୍ୟକ। **ପ୍ରଥମ ଡିଗ୍ରୀ** – ଏଥିରେ ସ୍ୱାଭାବିକ କାମ କରିବାରେ ରୋଗିଣୀର କୌଣସି ଅସୁବିଧା ହୁଏ ନାହିଁ। **ଦ୍ୱିତୀୟ ଡିଗ୍ରୀ** – ଏଥିରେ ସାମାନ୍ୟ ପରିଶ୍ରମରେ ରୋଗିଣୀ ଧଇଁସଇଁ ହୋଇ ଅଣନିଃଶ୍ୱାସୀ ହୋଇପଡ଼େ। **ତୃତୀୟ ଡିଗ୍ରୀ**–ସ୍ୱାଭାବିକ ବା ସାଧାରଣ କାମ କଲେ ମଧ୍ୟ ରୋଗିଣୀ ଅଣନିଃଶ୍ୱାସୀ ହୋଇପଡ଼େ। **ଚତୁର୍ଥ ଡିଗ୍ରୀ** – ବିଶ୍ରାମ ଅବସ୍ଥାରେ ମଧ୍ୟ ଏଇ ପର୍ଯ୍ୟାୟର ହୃଦ୍‌ରୋଗୀମାନେ ଧଇଁସଇଁ ହୋଇଯାନ୍ତି।

**ଚିହ୍ନଟ**– ସାଧାରଣ ଗର୍ଭାବସ୍ଥାରେ ମଧ୍ୟ ଅନେକ ମହିଳା ଧଇଁସଇଁ ହୋଇ ଅଣନିଃଶ୍ୱାସୀ, ହୋଇଯାନ୍ତି ଏବଂ ସେମାନେ ହୃଦ୍‌ରୋଗ ଭୋଗୁଛନ୍ତି ବୋଲି ଜଣାଯାଏ। ତେବେ ଯଦି ସାମାନ୍ୟ କାର୍ଯ୍ୟରେ ଛାତି ଧଡ଼ଧଡ଼ ହୁଏ, ରୋଗୀ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରେ, ରାତିରେ ନିଃଶ୍ୱାସ ନେଇ ନ ପାରି ବିଛଣାରେ ଉଠିବସେ ଏବଂ ଓଠ ଓ ଆଙ୍ଗୁଳି ଟିପ ସବୁ ନୀଳବର୍ଣ୍ଣ ହୋଇଯାଏ, ତା'ଛଡ଼ା ଡାକ୍ତରମାନେ ଯଦି ଦେଖନ୍ତି ଯେ, ହୃତ୍‌ପିଣ୍ଡରେ ସାଧାରଣ ଶବ୍ଦ ଛଡ଼ା ଆହୁରି କେତେକ ଶବ୍ଦ (ମର୍‌ମର୍) ଶୁଣାଯାଏ, ହୃତ୍‌ପିଣ୍ଡ ଆକାରରେ ବଢ଼ିଯାଇଥାଏ, ତେବେ ରୋଗିଣୀକୁ ହୃଦ୍‌ରୋଗ ହୋଇଛି ବୋଲି ଚିହ୍ନଟ କରାଯାଏ। ଏହାକୁ ଇସିଜି ଓ ଇକୋକାର୍ଡିଓଗ୍ରାମ୍ ଦ୍ୱାରା ନିଶ୍ଚିତ କରାଯାଇଥାଏ।

**ମା' ପାଇଁ ବିପଦ**– ଗର୍ଭକାଳ ମଧ୍ୟରେ ମା'ର କିପରି ହାର୍ଟ୍ ଫେଲ୍ୟୁଅର ନ ହେବ, ସେଥିପାଇଁ ସାବଧାନ ରହିବା ଦରକାର। ଟିକିଏ ଅସାବଧାନ ହେଲେ ମା' ମୃତ୍ୟୁମୁଖରେ ପଡ଼ିଥାଏ। ମା' ମୃତ୍ୟୁର କାରଣ ହେଲା ଫୁସ୍‌ଫୁସ୍‌ରେ ପାଣି ଜମି ଫୁଲିଯିବା, (ପଲ୍‌ମୋନାରି ଇଡିମା) ମା' ପାଇଁ ସବୁଠାରୁ ବିପଜ୍ଜନକ ସମୟ ହେଉଛି, ଗର୍ଭଧାରଣର ୭–୮ ମାସ ସମୟ, ପ୍ରସବ ସମୟ, ପ୍ରସବର ଠିକ୍ ପରେ ପରେ, ୨୪ ଘଣ୍ଟା ମଧ୍ୟରେ ଏବଂ ପ୍ରସବର ଏକ ସପ୍ତାହ ପରେ।

**ଶିଶୁ ପାଇଁ ବିପଦ**– ହୃଦ୍‌ରୋଗ ଭୋଗୁଥିବା ମହିଳାମାନଙ୍କର ଗର୍ଭସ୍ଥ ଶିଶୁ ବେଶି ବଢ଼ିପାରେ ନାହିଁ (ଇଣ୍ଟ୍ରାୟୁଟେରାଇନ୍ ଗ୍ରୋଥ୍ ରିଟାର୍ଡେସନ୍)। ତେଣୁ ଅଳ୍ପ ଓଜନର ହୁଏ ଏବଂ ସମୟ ଆଗରୁ ଅପରିଣତ ଶିଶୁ ଜନ୍ମହୁଏ (ପ୍ରିମାଚ୍ୟୁର୍, ସ୍ମଲ୍ ବେବି)।

**ଚିକିତ୍ସା**– ଗର୍ଭାବସ୍ଥାରେ ହୃଦ୍‌ରୋଗ ନିର୍ଣ୍ଣୟ ହେଲାମାତ୍ରେ ସଙ୍ଗେ ସଙ୍ଗେ ହୃଦ୍‌ରୋଗ ବିଶେଷଜ୍ଞ ଓ ପ୍ରସୂତି ବିଶେଷଜ୍ଞଙ୍କର ପରାମର୍ଶ ଅନୁଯାୟୀ ଚଳିବା ଆବଶ୍ୟକ। ହୃଦ୍‌ରୋଗର ଡିଗ୍ରୀ ନିର୍ଣ୍ଣୟ, ଗର୍ଭାବସ୍ଥାରେ ଅନ୍ୟ କେତେକ ଗୁରୁତର ଉପସର୍ଗ ଅଛିକି ନାହିଁ ଦେଖି ଡାକ୍ତରଖାନାରେ ଆଡମିଶନ୍ କରି ତା'ର ଚିକିତ୍ସା କରିବା ଉଚିତ୍।

**ବ୍ୟବସ୍ଥା**– ଅତ୍ୟଧିକ ପରିଶ୍ରମ ନକରି ଦିନରେ ଦୁଇଘଣ୍ଟା ଓ ରାତିରେ ୧୦–୧୨ଘଣ୍ଟା ବିଶ୍ରାମ ଜରୁରୀ। ଥଣ୍ଡା, କାଶ, ସର୍ଦ୍ଦି, ଜ୍ୱର ଯେପରି ନହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ। ଗର୍ଭାବସ୍ଥାରେ ରୋଗକୁ ଚାହିଁ ତେଲ, ଲୁଣ ଓ ଚର୍ବିଯୁକ୍ତ ଖାଦ୍ୟ ଖାଇବା କିମ୍ବା ମୋଟାହୋଇ ଅତିରକ୍ତ ଓଜନ ବଢ଼ାଇବା ଠିକ୍ ନୁହେଁ। ଯେପରି ଦେହରେ କୌଣସି ସଂକ୍ରମଣ ନ ରହେ ସେଥିପାଇଁ ସଚେତନ ରହିବା ଭଲ। ପ୍ରସବ ସମୟରେ ୧ ମାସ ଆଗରୁ ରୋଗିଣୀକୁ ହସ୍ପିଟାଲରେ ଆଡ୍‌ମିଶନ କରି ଚିକିତ୍ସା ରଖିବା ଆବଶ୍ୟକ।

**ପ୍ରସବ କାଳରେ ଯତ୍ନ**– ପ୍ରସବ ବ୍ୟଥା ଆରମ୍ଭ ହେବାମାତ୍ରେ ରୋଗିଣୀକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ଉଚିତ। ଡାଇଜେପାମ୍ ଇଞ୍ଜେକ୍ସନ୍ ଏବଂ ଅମ୍ଳଜାନ ଦେବା ଦରକାର। ପ୍ରସବର ଦ୍ୱିତୀୟ ପର୍ଯ୍ୟାୟକୁ ମଧ୍ୟ ସଂକ୍ଷିପ୍ତ କରି ଶିଶୁକୁ ଶୀଘ୍ର ପ୍ରସବ କରିଦିଆଯାଏ (ନରମାଲ୍ ଡେଲିଭରି)। ନ ହେଲେ ହୃତ୍‌ପିଣ୍ଡ ଅଧିକ କାମ କରି କ୍ଲାନ୍ତ ହେବାପରେ ସ୍ପନ୍ଦନ କ୍ରିୟା ବଢ଼ି ହାର୍ଟ ଫେଲ୍ୟୁର ଆଶଙ୍କା ଥିବାରୁ ପ୍ରସୂତି ଉପରେ ତୀକ୍ଷ୍ଣ ନଜର ରଖାଯାଏ ଏବଂ ଦରକାର ମୁତାବକ ଔଷଧ ଦିଆଯାଏ। ସ୍ଥଳ ବିଶେଷରେ ସବୁ ସତର୍କତା ସହ ସିଜରିଆନ୍ ସେକ୍‌ସନ୍ କରିଦିଆଯାଏ।

**ଗର୍ଭାବସ୍ଥାରେ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସା**– ସମସ୍ତେ ଭାବୁଥିବେ ଯେ, ଗର୍ଭାବସ୍ଥାରେ ହୃଦ୍‌ରୋଗର ଅସ୍ତ୍ରୋପଚାର କରିହେବନାହିଁ । ମାତ୍ର ପ୍ରକୃତରେ ତାହା ନୁହେଁ, ଯଦି ଜରୁରୀ ହୁଏ, ତା'ହେଲେ ହୃତ୍‌ପିଣ୍ଡର କ୍ଲୋଜଡ୍ ହାର୍ଟ ଓ ଓପନ ହାର୍ଟ ସର୍ଜରି ଗର୍ଭାବସ୍ଥାରେ କରାଯାଇପାରେ। ଏହାର ପ୍ରକୃତ ସମୟ ହେଉଛି, ଗର୍ଭାବସ୍ଥାର ୩ରୁ ୬ମାସ ମଧ୍ୟରେ। ଏହିସମୟ ମଧ୍ୟରେ ଓପନ୍ ହାର୍ଟ ସର୍ଜରି କଲେ ମା' ଓ ଶିଶୁ ଉଭୟଙ୍କ ପାଇଁ ଏହା ଅପେକ୍ଷାକୃତ ନିରାପଦ ହୋଇଥାଏ। ଏହା ବ୍ୟତୀତ ଅତି ଜରୁରୀ କ୍ଷେତ୍ରରେ ମା' ଜୀବନକୁ ରକ୍ଷା କରିବା ପାଇଁ ଏହି ସମୟ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ହୃତ୍‌ପିଣ୍ଡର ଅପରେଶନ କରାଯାଇପାରେ। ବେଳେବେଳେ ହୃତ୍‌ପିଣ୍ଡରେ ଜଟିଳ ରୋଗ ଥିଲେ ୯ମାସରେ ମଧ୍ୟ ହୃତ୍‌ପିଣ୍ଡର ଅପରେଶନ କରାଯାଏ ଏବଂ ମା'ର ପ୍ରସବ ଗୋଟିଏ ସପ୍ତାହପରେ ଭଲରେ ହୋଇପାରିଥାଏ। ଏହାଛଡ଼ା ଆଗରୁ ଜନ୍ମଗତ ହୃଦ୍‌ରୋଗ, ଆଣ୍ଠୁଗଣ୍ଠିଜନିତ ହୃଦ୍‌ରୋଗ ଥିବା ଜଣଜଣଙ୍କର ଗର୍ଭାବସ୍ଥାରେ କାର୍ଡିଓମାୟୋପାଥି ହୋଇଥାଏ, ଯାହାକି ୮ ମାସବେଳକୁ ହାର୍ଟ ଫେଲ୍ୟୁଅର କରିଥାଏ। ତେଣୁ ଗର୍ଭାବସ୍ଥାରେ ପ୍ରଥମ ଭିଜିଟ୍ ବେଳେ ମଧ୍ୟ ଗର୍ଭବତୀ ନାରୀର ହୃତ୍‌ପିଣ୍ଡ ପରୀକ୍ଷା କରିବା ଖୁବ୍ ଜରୁରୀ। ଏହା ବ୍ୟତୀତ ଯଦି ମା'ର ହୃତ୍‌ପିଣ୍ଡରେ ଟ୍ୟୁମର ଆଦି ହୋଇଥାଏ ତା'ହେଲେ ମଧ୍ୟ ଅପରେଶନ କରାଯାଇପାରେ।

ମୋଟ୍ ଉପରେ ଗର୍ଭାବସ୍ଥାରେ ହୃଦ୍‌ରୋଗର ଚିହ୍ନଟ, ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ରୋଗିଣୀର ଚିକିତ୍ସା ଏବଂ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଗର୍ଭପରୀକ୍ଷା, ପ୍ରସବ ସମୟରେ ତଥା ପ୍ରସବ ପରେ ରୋଗିଣୀର ବିଶ୍ରାମ ଓ ଚିକିତ୍ସା, ମା'କୁ ତଥା ଶିଶୁକୁ ଯେ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷାକରିପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

– ଲିଙ୍କ୍ ରୋଡ୍, କଟକ–୧୨
ମୋ– ୯୪୩୭୦୫୫୦୦୭

ସୌନ୍ଦର୍ଯ୍ୟ

# ଲାଗିବେ ଆକର୍ଷଣୀୟ...



**ଶୀତଦିନ ଆରମ୍ଭ ପ୍ରାୟ। ତେଣୁ କିପରି ତ୍ୱଚା ଏବଂ କେଶକୁ ଶୀତର ପ୍ରଭାବରୁ ଦୂରେଇ ରଖିହେବ, ତାହା ଏବେଠୁ ସାଜିଛି ଅନେକଙ୍କ ଲାଗି ଚିନ୍ତାର କାରଣ। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ କେତୋଟି ଘରୋଇ ଉପାୟ ଆପଣେଇଲେ ଶୀତରେ ବି ତ୍ୱଚା ଓ କେଶ ସୁନ୍ଦର ତଥା ଆକର୍ଷଣୀୟ ଲାଗିବା ଜାଣିରଖନ୍ତୁ ସେ ସମ୍ପର୍କରେ...**

- ଧୀରେ ଧୀରେ ଶୀତ ବଢ଼ିଲେ ଓଠ ଶୁଖିବା କିମ୍ବା କଳା ପଡିବା ସମସ୍ୟା ଅଧିକାଂଶଙ୍କଠାରେ ଦେଖିବାକୁ ମିଳେ। ଏହାକୁ ଦୂର କରିବା ଲାଗି କେବଳ ଭେସ୍‌ଲିନ୍ କିମ୍ବା ଲିପ୍‌ବାମ୍ ଯଥେଷ୍ଟ ନୁହେଁ। ତେଣୁ ଆପଣ ଚାହିଁଲେ ଲହୁଣି କିମ୍ବା କ୍ଷୀରରେ ସାମାନ୍ୟ କେଶର ମିଶାଇ ଓଠରେ ଘଷିପାରିବେ।
- କେଶ ଝଡ଼ିବା ସମସ୍ୟା ଦୂର କରିବା ଲାଗି ପ୍ରତିଦିନ ନଡିଆ ତେଲ ମାଲିସ କରନ୍ତୁ।
- ସେହିପରି ରୁପି ଏବିନେ ଏକ ବଡ଼ ସମସ୍ୟା, ଯାହାକୁ ଦୂର କରିବା ଲାଗି କଦଳୀ ପେଷ୍ଟକୁ ପ୍ୟାକ୍ ଭାବେ ବ୍ୟବହାର କରନ୍ତୁ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ବି୬, ଏ, ସି, ଇ ସହିତ ଜିଙ୍କ, ପୋଟାସିଅମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ସହିତ ଆମିନୋଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ରହିଛି, ଯାହାକି ମୁଣ୍ଡରେ ରୁପି ହେବାକୁ ଦିଏନାହିଁ।
- ଥଣ୍ଡାଦିନେ ସାଧାରଣତଃ ତ୍ୱଚା ରୁକ୍ଷ ହୋଇଯାଏ। ଏମିତିରେ ସାବୁନ୍ ଲଗାଇବା ଦ୍ୱାରା ତାହା ଅଧିକ ରୁକ୍ଷ ହୋଇ ଫାଟିଥାଏ। ତେଣୁ ଆପଣ ଚାହିଁଲେ ଲେମ୍ବୁ ରସ, ଅଳ୍ପ ହଳଦୀ ଓ ମହୁ ମିଶାଇ ମୁହଁରେ ଲଗାଇ ପାରିବେ। ଏହା ତ୍ୱଚାକୁ କୋମଳ ଏବଂ ଚିକ୍କଣ କରିବ।
- ଦହିରେ ଅଳ୍ପ ମସୁର ଡାଲି ମିଶାଇ ରାତିସାରା ଛାଡିଦିଅନ୍ତୁ। ସକାଳେ ଏହାକୁ ବାଟି ଅଧ ଚାମଚ ହଳଦୀଗୁଣ୍ଡ, ଲହୁଣି କିମ୍ବା ଘିଅ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚା ଚିକ୍କଣ ଏବଂ ସୁନ୍ଦର ରହିବ।
- ବୁଟକୁ ପେଷ୍ଟ କରି କେଶ ମୂଳରେ ଲଗାଇଲେ ରୁପି ଦୂର ହୋଇଥାଏ। କାରଣ ଏଥିରେ ଅଧିକ ପରିମାଣରେ ଭିଟାମିନ ବି୬ ଏବଂ ଜିଙ୍କ୍ ରହିଛି, ଯାହା ରୁପି ଦୂର କରିବାର ମୁଖ୍ୟ ଉପାଦାନ। ସେହିପରି ଗହମ ଖାଇବା ମଧ୍ୟ ଉପକାରୀ।
- କମଳା ଚୋପାକୁ ଶୁଖାଇ ପାଉଡର ପ୍ରସ୍ତୁତ କରନ୍ତୁ। ଏଥିରେ ଅଳ୍ପ ନଡିଆ ତେଲ ଏବଂ କିଛି ବୁନ୍ଦା ଗୋଲାପ ଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ଓ ସୁନ୍ଦର ଲାଗିବ।

ଖାଦ୍ୟରୁଚି

# ଦହି ଆଳୁ



**ଆବଶ୍ୟକ ସାମଗ୍ରୀ:** ୧/୪ କପ୍ ଘିଅ, ଏକ ଚାମଚ ଜିରା, ଚିମୁଟାଏ ହେଙ୍ଗୁ, ୧ ଚାମଚ ଛୋଟ କଟା ହୋଇଥିବା ଅଦା, ୨ଟି ଟମାଟୋ (ବଟା ହୋଇଥିବା), ୧/୨ ଚାମଚ ଗରମ ମସଲା, ୧ ଚାମଚ ଧନିଆ ପାଉଡର, ୧/୨ ଚାମଚ ହଳଦୀ ଗୁଣ୍ଡ, ଅଳ୍ପ ଲଙ୍କା ଗୁଣ୍ଡ, ୧/୨ ଚାମଚ ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ୧/୨ କପ୍ ଲେଖାଏଁ ପାଣି ଏବଂ ଦହି, ୧/୪ କପ୍ କଟା ଧନିଆପତ୍ର, ୪ଟି ସିଝାଆଳୁ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ଗରମ କରି ଘିଅ ପକାନ୍ତୁ। ସେଥିରେ ଜିରା ଏବଂ ହେଙ୍ଗୁ ପକାଇ ଘାଣ୍ଟନ୍ତୁ। ଜିରା ଫୁଟିବା ଆରମ୍ଭ ହେଲେ କଟା ଅଦା ଏବଂ ଟମାଟୋ ପେଷ୍ଟ ପକାଇ ଗୋଳାନ୍ତୁ। ତାହା ଫୁଟିବା ଆରମ୍ଭ ହେଲେ ଗରମ ମସଲା, ଧନିଆ ପାଉଡର, ହଳଦୀ ଗୁଣ୍ଡ ଏବଂ ଲଙ୍କାଗୁଣ୍ଡ ପକାଇ ଘାଣ୍ଟନ୍ତୁ। ଏହା ଭଲ ଭାବେ କଷି ହୋଇଗଲେ ସିଝାଆଳୁକୁ ହାତରେ ଖଣ୍ଡ ଖଣ୍ଡ କରି ପକାନ୍ତୁ ଏବଂ କଟା କଞ୍ଚାଲଙ୍କା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ସେଥିରେ ପାଣି ପକାଇ ଗୋଳାନ୍ତୁ। ଶେଷରେ ଦହି ଏବଂ ଲୁଣ ପକାଇ ମିଶାଇ ଦିଅନ୍ତୁ। ଏହାର ରଙ୍ଗ ବ୍ରାଉନ୍ ଦେଖାଗଲେ କଟା ଧନିଆପତ୍ର ପକାଇ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର ଦହି ଆଳୁ। ଏହାକୁ ଗରମ ଗରମ ସର୍ଭ କରନ୍ତୁ।

DADLS-132



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୦୯ ଅକ୍ଟୋବର ୨୦୧୮

ସକାଳ ୮ ଘଟିକା ସମୟରେ ଗୋପବନ୍ଧୁ ଛକସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

ସାଧାରଣ ସଭା
ସମୟ – ସଂଧ୍ୟା ଘ.୬.୩୦ ମି.  ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା,
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

ସମ୍ମାନିତ ଅତିଥି – ଡଃ. ପ୍ରସନ୍ନ କୁମାର ପାଟଶାଣୀ
ମାନ୍ୟବର ସାଂସଦ,
ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାୟ
ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ
ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ସୁର୍ ଭାଇବ୍ରେସନ୍ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ଡଃ. ଜୟଶ୍ରୀ ଧଳ, ପ୍ରଦୀପ ଦାସ, ରୀତୁପର୍ଣ୍ଣା ମହାରଣା, ସନ୍ତୋଷ କୁମାର ପରିଡ଼ା, ଜୟଶ୍ରୀ ଜ୍ୟୋତିର୍ମୟୀ, ହୃଦାନନ୍ଦ ପ୍ରଧାନଙ୍କ ଦ୍ୱାରା ଭଜନ ଏବଂ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ – ମିଶୁ ମୋର ଦେହ.... ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବା ପାଇଁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0290/1819



"ଅଶୋଧିତ ତେଲ ଦର ବଢୁଥିବାରୁ ଦେଶକୁ ବିକଳ୍ପ ଇନ୍ଧନ ବିଷୟରେ ଭାବିବାକୁ ପଡ଼ିବ। ଆମକୁ ମିଥାନଲ ଓ ଇଥାନଲ ବ୍ୟବହାର ବଢ଼ାଇବାକୁ ହେବ ଏବଂ ତେଲ ଖର୍ଚ୍ଚକୁ କମାଇ ହେବ।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



"ଭାରତ ବିଗତ ୪ ବର୍ଷରେ ୧.୩୬ ଲକ୍ଷ କୋଟି ଟଙ୍କାର ହାତ ତିଆରି ସାମଗ୍ରୀ ରପ୍ତାନି କରିଛି। ହସ୍ତଶିଳ୍ପକୁ ପର୍ଯ୍ୟଟନ ଶିଳ୍ପ ସହ ଯୋଡ଼ିବାକୁ ହେବ।
– ସ୍ମୃତି ଇରାନୀ, କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ

## ସଂକ୍ଷେପରେ

### ଟଙ୍କା ୭୪ ଟପିଲା

ନୂଆଦିଲ୍ଲୀ,୮-୧୦: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି କାରଣରୁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ସୋମବାର ଆଉ ଏକ ନୂଆ ରେକର୍ଡ କରିଛି। ୩୦ ପଇସା ହ୍ରାସ ସହ ଟଙ୍କା ୭୪.୦୬ରେ ବନ୍ଦ ହୋଇଛି। ଶୁକ୍ରବାର ଏହା ୭୩.୭୬ ଥିଲା। ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିବା କାରଣରୁ ସେହିଦିନ ଟଙ୍କା ୭୪.୨୩ ସ୍ତର ଛୁଇଁଥିଲା। ଚଳିତ ବର୍ଷର ଆରମ୍ଭରୁ ଅଦ୍ୟାବଧି ଟଙ୍କା ମୂଲ୍ୟ ୧୪% ହ୍ରାସ ପାଇସାରିଲାଣି,ଯାହାକି ଏସିଆରେ ସବୁଠାରୁ ଖରାପ ପ୍ରଦର୍ଶନ କୁହାଯାଉଛି।

### ୩ଦିନ ପରେ ସେନ୍‌ସେକ୍ସରେ ବୃଦ୍ଧି




ମୁମ୍ବାଇ, ୮-୧୦: କ୍ରମାଗତ ୩ ଦିନ ହ୍ରାସ ପାଇବା ପରେ ସେନ୍‌ସେକ୍ସ ବୃଦ୍ଧି ପାଇଛି। ସୋମବାର ୩୧ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୯୭.୩୯ ପଏଣ୍ଟ ଅର୍ଥାତ ୦.୨୮% ବୃଦ୍ଧି ସହ ୩୪,୪୭୪.୩୮ରେ ଏବଂ ୫୦ ଶେୟାର ବିଶିଷ୍ଟ ନିଫ୍ଟିରେ ୩୧.୬୦ ପଏଣ୍ଟ ଅର୍ଥାତ ୦.୩୧% ବୃଦ୍ଧି ପାଇ ୧୦,୩୪୮.୦୫ରେ ବନ୍ଦ ହୋଇଛି। ସକାଳେ ୨୮୯.୧୦ ପଏଣ୍ଟ ହ୍ରାସ ସହ ନିଫ୍ଟି ୧୦,୩୧୦.୧୫ରେ ଏବଂ ସେନ୍‌ସେକ୍ସ ୩୫.୩୭ ପଏଣ୍ଟ ବୃଦ୍ଧି ସହ ୩୪,୪୧୨.୩୬ରେ ଖୋଲିଥିଲା। ତେବେ କିଛି ସେକେଣ୍ଡ ମଧ୍ୟରେ ସେନ୍‌ସେକ୍ସ ପୁଣି ହ୍ରାସ ପାଇବା ଆରମ୍ଭ କରିଥିଲା।

### ଆଇଟିଆର୍, ଅଡିଟ ରିପୋର୍ଟ ଦାଖଲ
### ସମୟସୀମା ୩୧ ଯାଏ ବୃଦ୍ଧି

ନୂଆଦିଲ୍ଲୀ,୮-୧୦: କେନ୍ଦ୍ର ସରକାର ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ସୋମବାର ଆୟକର ରିଟର୍ନ(ଆଇଟିଆର୍) ଏବଂ ଅଡିଟ ରିପୋର୍ଟ ଦାଖଲ ସମୟସୀମାକୁ ଚଳିତମାସ ୩୧ ଯାଏ ବୃଦ୍ଧି କରିଛନ୍ତି। ପୂର୍ବେ ଚଳିତ ମାସ ୧୫ ଯାଏ ଏହି ସମୟସୀମା ଧାର୍ଯ୍ୟ ହୋଇଥିଲା। ଅଡିଟ ହେବାକୁ ଥିବା ଆକାଉଣ୍ଟ ଲାଗି ଆଇଟିଆର୍ ଦାଖଲ ସମୟସୀମା ବୃଦ୍ଧି କରିବା ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)କୁ ବହୁ ଅନୁରୋଧ ମିଳିଥିଲା। ଏହାକୁ ଗ୍ରହଣ କରିନିଆଯାଇଛି। ଏବେ ଟିକସଦାତା ଅକ୍ଟୋବର ୩୧ ଯାଏ ସେମାନଙ୍କର ଆଇଟିଆର୍ ଓ ଅଡିଟ ରିପୋର୍ଟ ଦାଖଲ କରିପାରିବେ ବୋଲି ସିବିଡିଟି ପକ୍ଷରୁ କୁହାଯାଇଛି।

### ଦେଶରେ ଡାଟା ସଂରକ୍ଷଣ
### ଆର୍‌ବିଆଇ ଡେପୁଟି ଗଭର୍ନରଙ୍କୁ ଭେଟିଲେ ଜେଟ୍‌ଲୀ

ନୂଆଦିଲ୍ଲୀ,୮-୧୦: ବିଦେଶୀ ଆର୍ଥିକ ଟେକନୋଲୋଜି ସେବା ଯୋଗାଣକାରୀ କମ୍ପାନୀମାନେ ଦେଶରେ ଡାଟା ସଂରକ୍ଷଣ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ନିୟମ କରାଯାଇଛି। ଏହାକୁ କିଭଳି ସଂରକ୍ଷିତ ରଖାଯିବ ସେ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୋମବାର ଆର୍‌ବିଆଇ ଡେପୁଟି ଗଭର୍ନର ବି.ପି.କାନୁନଗୋଙ୍କୁ ଭେଟିଛନ୍ତି। ଏହି ବୈଠକ ବେଳେ ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ଆର୍ଥିକ ସେବା ସଚିବ ରାଜୀବ କୁମାର, ଆଇଟି ସଚିବ ଅଜୟ ପ୍ରକାଶ ସହାନେ ମଧ୍ୟ ଉପସ୍ଥିତ ଥିଲେ। ଚଳିତ ମାସ ୧୫ରୁ ଆର୍‌ବିଆଇର ଡାଟା ଲୋକାଲାଇଜେଶନ ନିୟମ କାର୍ଯ୍ୟକାରୀ ହେବ। ଏହି ନିୟମ ଅନୁଯାୟୀ ବିଦେଶୀ ପେମେଣ୍ଟ କମ୍ପାନୀମାନେ ଦେଶରେ ସୃଷ୍ଟି ହେଉଥିବା ଡାଟାକୁ ଭାରତରେ ହିଁ ରଖିବାକୁ ଗତ ଏପ୍ରିଲରେ ଆର୍‌ବିଆଇ ନିର୍ଦ୍ଦେଶ ଦେଇଥିଲା। ତେବେ ସମୟସୀମା ବୃଦ୍ଧି କରିବା ପାଇଁ କମ୍ପାନୀମାନେ ଆର୍‌ବିଆଇକୁ ଅନୁରୋଧ କରିସାରିଛନ୍ତି।

## ନିୟମ କଡ଼ାକଡ଼ି କରିବ ଆର୍‌ବିଆଇ
# ବନ୍ଦ ହୋଇଯିବ ଛୋଟ ଏନ୍‌ବିଏଫ୍‌ସି

ନୂଆଦିଲ୍ଲୀ,୮-୧୦

■ ସ୍ୱଳ୍ପମିଆଦୀ ଋଣ ନେଇ ଦୀର୍ଘମିଆଦୀ ପ୍ରକଳ୍ପରେ ନିବେଶ ମହଙ୍ଗା ପଡୁଛି
■ ଦୂରଦୃଷ୍ଟିର ଅଭାବରୁ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି
■ ମୁଦ୍ରା ବଜାରରେ ସୁଧ ହାର ୪ ଗୁଣା ବଢ଼ିଛି




ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ଆର୍ଥିକ ଦୁରବସ୍ଥାର ଶିକାର ହେବା ପରେ ରିଜର୍ଭ ବ୍ୟାଙ୍କର ଚେତା ପଶିଛି। ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)କୁ ନିୟନ୍ତ୍ରଣ ପାଇଁ ଏହା ପ୍ରଚଳିତ ନିୟମକୁ ଅଧିକ କଡ଼ାକଡ଼ି କରିବାକୁ ଯାଉଛି। ଫଳରେ ଦେଶରେ ଏବେ ବ୍ୟବସାୟ କରୁଥିବା ବହୁ ଛୋଟ ଛୋଟ ଏନ୍‌ବିଏଫ୍‌ସି ବନ୍ଦ ହୋଇଯିବାକୁ ବସିଛି।

ଦେଇଥିବା ଋଣ ଆଦାୟ କରି ନ ପାରି ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ଆର୍ଥିକ ଅବସ୍ଥା ୨୦୧୩ ପରେ ଧୀରେ ଧୀରେ ଖରାପ ହୋଇଗଲା। ଫଳରେ ସେମାନଙ୍କ ଋଣ ବଜାର କମିବାରେ ଲାଗିଲା। ଏନ୍‌ବିଏଫ୍‌ସି କମ୍ପାନୀଗୁଡ଼ିକ ଏହାର ଫାଇଦା ନେବାକୁ ଆରମ୍ଭ କଲେ। ସେମାନେ ସ୍ୱଳ୍ପ ମିଆଦୀ ଋଣ ନେଇ ସଡ଼କ, ଶକ୍ତି ଓ ବାସଗୃହ ନିର୍ମାଣ ଭଳି ଦୀର୍ଘମିଆଦୀ ପ୍ରକଳ୍ପ ଲାଗି ଋଣ ଦେଲେ। ଫଳରେ ସେମାନେ ସ୍ୱଳ୍ପ ମିଆଦୀ ଋଣ ପରିଶୋଧ କରିବା ଦୂରର କଥା, ସୁଧ ମଧ୍ୟ ଦେଇପାରିଲେ ନାହିଁ। ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ କମ୍ପାନୀ ଏ କ୍ଷେତ୍ରରେ ଏକ ଉଦାହରଣ। ଏହାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଏନ୍‌ବିଏଫ୍‌ସିଙ୍କ ଲାଗି ନିୟମ କଡ଼ାକଡ଼ି କରିବାକୁ ଗତ ସପ୍ତାହରେ ସଙ୍କେତ ଦେଇଛି। ଦୂରଦୃଷ୍ଟିର ଅଭାବ ଯୋଗୁ ଏନ୍‌ବିଏଫ୍‌ସିଙ୍କ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି ବୋଲି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଭିରାଲ ଆଚାର୍ଯ୍ୟ କହିଛନ୍ତି। ସମ୍ପତ୍ତି ଓ ଋଣ ମଧ୍ୟରେ ଅସମାନତା ଚିନ୍ତାରେ ପକାଇଛି। ଏଣୁ ଏନ୍‌ବିଏଫ୍‌ସିଙ୍କ ଲାଗି ତିଆରି ହୋଇଥିବା ଗାଇଡଲାଇନକୁ ଆହୁରି କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି ବୋଲି ଅନ୍ୟତମ ଡେପୁଟି ଗଭର୍ନର ଏନ.ଏସ.ବିଶ୍ୱନାଥନ କହିଛନ୍ତି। ମୁଦ୍ରା ବଜାରରେ ଋଣ ପାଇଁ ସୁଧ ହାର ଏବେ ୪ ଗୁଣା ବଢ଼ିଯାଇଛି। ଫଳରେ ଏନ୍‌ବିଏଫ୍‌ସିଗୁଡ଼ିକ ଚଢ଼ାଦରରେ ପାଣ୍ଠି ଯୋଗାଡ଼ କରିବାକୁ ବାଧ୍ୟ ହେଉଛନ୍ତି। ଏହି କାରଣରୁ ଋଣ ବଜାରରେ ଏବେ ମ୍ୟୁଚୁଆଲ ଫଣ୍ଡମାନେ ଏନ୍‌ବିଏଫ୍‌ସିଙ୍କ ଋଣପତ୍ର କିଣିବାରୁ ଦୂରେଇ ରହୁଛନ୍ତି। ଏଭଳି ସ୍ଥିତିରେ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ନିୟମ କଡ଼ାକଡ଼ି କଲେ ଛୋଟ ଛୋଟ ବହୁ ଏନ୍‌ବିଏଫ୍‌ସି କମ୍ପାନୀ ବନ୍ଦ ହୋଇଯିବେ। କାରଣ ସେମାନଙ୍କ ନିକଟରେ କମ୍ପାନୀ ଚଳାଇବାର କୌଣସି ବିକଳ୍ପ ରହିବ ନାହିଁ। ବ୍ଲୁମବର୍ଗ ପକ୍ଷରୁ ପ୍ରସ୍ତୁତ ଡାଟା ଅନୁଯାୟୀ ବିଗତ ଦିନରେ ପ୍ରାୟ ୧୮ ପ୍ରତିଶତ ହାରରେ ଏନ୍‌ବିଏଫ୍‌ସି କମ୍ପାନୀଗୁଡ଼ିକର ସମ୍ପତ୍ତି ବୃଦ୍ଧି ଘଟିଥିଲା। ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସ କୋ.ର ଏମ୍‌ଡି ଉମେଶ ରେଭଙ୍କର କହିଛନ୍ତି ଯେ, ଏନ୍‌ବିଏଫ୍‌ସି କମ୍ପାନୀଗୁଡ଼ିକ ଅଭିବୃଦ୍ଧି ଲାଗି ରିଟେଲ ବଣ୍ଡ ଉପରେ ନିର୍ଭରଶୀଳ। କିନ୍ତୁ ସୁଧ ହାର ବୃଦ୍ଧି ପାଉଛି। ଏ କ୍ଷେତ୍ରରେ ସେମାନଙ୍କ ନିକଟରେ କୌଣସି ବିକଳ୍ପ ନାହିଁ। ବହୁ ଅଣ ବ୍ୟାଙ୍କିଙ୍ଗ କମ୍ପାନୀଙ୍କ କହିବାନୁଯାୟୀ ଦେଶରେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ସଙ୍କଟ ସୃଷ୍ଟି ହେବାରୁ ସେମାନଙ୍କୁ ବାଧୁଛି। ଗୃହ, ଗାଡ଼ି, ଏପରିକି କାରଖାନା ଯନ୍ତ୍ରପାତି କିଣା କମିବାରେ ଲାଗିଛି। ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧିକ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏନ୍‌ବିଏଫ୍‌ସି କମ୍ପାନୀଙ୍କ ଅଭିବୃଦ୍ଧି ହ୍ରାସ ପାଇବା ଯୋଗୁ ଏହି ଲକ୍ଷ୍ୟ ପୂରଣ ହୋଇପାରିବନି। ପରୋକ୍ଷରେ ଅର୍ଥନୀତି ଧିମା ହୋଇଯିବ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସିଜନ-୧ର ଲକି ଡ୍ର'




ସମ୍ବଲପୁରରେ ଅରୁନ୍ଧତୀ ପକ୍ଷରୁ ଆୟୋଜିତ ଲକି ଡ୍ର କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର,୮।୧୦(ବ୍ୟୁରୋ)

**ପାର୍ବଣ ଫେଷ୍ଟିଭ୍ ଅଫର ଶୁଭାରମ୍ଭ**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମ୍ବଲପୁରର ଏକ ହୋଟେଲଠାରେ ଏହାର ସିଜନ-୧ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସହ ଶୋ'ରୁମ ପକ୍ଷରୁ ପାର୍ବଣ ଫେଷ୍ଟିଭ ଅଫର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଅକ୍ଟୋବର ୮ରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପାର୍ବଣ ଧମାଲ ଅଫର୍ ଉପଲବ୍ଧ ହେବ। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହାକୁ ଶୁଭାରମ୍ଭ କରିଛନ୍ତି। ଶୁଦ୍ଧତା ଓ କାରୁକାର୍ଯ୍ୟ ଭରା ସୁନା ଗହଣା ଗ୍ରାହକଙ୍କୁ ଯୋଗାଇ ଦିଆଯିବ ବୋଲି ମେହେର ଏହି ଅବସରରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୋଟ ୧୬ ଜଣଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି। ଏହା ମଧ୍ୟରେ ସମ୍ବଲପୁର ଶାଖାର ୪, ଭୁବନେଶ୍ୱର ଶାଖାର ୬, ବଲାଙ୍ଗୀର ଶାଖାର ୪ ଓ ଭବାନୀପାଟନାର ୨ ଜଣ ରହିଛନ୍ତି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ତଥା ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ଏବଂ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଯୋଗ ଦେଇଥିଲେ। ଅସୀମା ପଣ୍ଡା ଓଡ଼ିଆ ଏବଂ ସମ୍ବଲପୁରୀ ଗୀତ ଦ୍ୱାରା ଲୋକମାନଙ୍କର ମନୋରଞ୍ଜନ କରିଥିଲେ। ଅର୍ଚ୍ଚିତାଙ୍କ ସହ ସିଧାସଳଖ କଥା ହେବାର ସୁଯୋଗ ଗ୍ରାହକ ପାଇଥିଲେ। ସିଜନ-୧ ଅଫର ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରହିଥିଲା। ଏଥିରେ ପାଖାପାଖି ୬୫ ହଜାର ଗ୍ରାହକ ଯୋଡି ହୋଇଥିଲେ। ବରଗଡ ଏମ୍‌ପି ପ୍ରଭାସ ସିଂ, ଅଶୋକ ସିଂ, ଲଳିତ ନାୟକ, ହରିନାରାୟଣ ପୂଜାରୀ, କିଶୋର ରଥ, ଅରୁନ୍ଧତୀ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ସମସ୍ତ ଶାଖାର କର୍ମକର୍ତ୍ତା ଏଠାରେ ଉପସ୍ଥିତ ଥିଲେ। ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ବଲାଙ୍ଗୀର ଜିଲାର ସାଗରିକା ଶତପଥୀ, ସନ୍ଧ୍ୟାରାଣୀ ସାହୁ, କଲ୍ୟାଣୀ ପାଣିଗ୍ରାହୀ, ସିକନ୍ଦର ପ୍ରଧାନ, ଭବାନୀପାଟନାର ସ୍ୱର୍ଣ୍ଣଲତା ସାହୁ, ଅଞ୍ଜଳି ପରମ ଗୁରୁ, ସମ୍ବଲପୁର ଜିଲାର ଚୟନିକା ଧର, କବିତା ଦାସ, ସୁନୀତା ସାହୁ, ସୁଶ୍ରୀ ସଙ୍ଗୀତା ସାହୁ, ଭୁବନେଶ୍ୱରର ଉଷାରାଣୀ ଦାସ, ସସ୍ମିତା ଷଡଙ୍ଗୀ, କାଜଲ କିରଣ ବାଲା, ସମ୍ବିତ କୁମାର ପଣ୍ଡା, ବନ୍ଦିତା ପଟ୍ଟନାୟକ, ପ୍ରହ୍ଲାଦ ନାଥ ଶର୍ମା ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛନ୍ତି।




## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ, କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୮-୧୦

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ସଂଘର ମିଳିତ ଆନୁକୂଲ୍ୟରେ ଏହାର ତୃତୀୟ ଦ୍ୱିବାର୍ଷିକ ସମ୍ମିଳନୀ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ଉପାଧ୍ୟକ୍ଷ କେ. ଲକ୍ଷ୍ମା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ସଫଳତା ସହ ବ୍ୟାଙ୍କ୍‌ର କର୍ମଚାରୀ ଏବଂ ଅଧିକାରୀ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଉପରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହୋଇଥିଲା। ଏଥିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ବୃନ୍ଦାବନ ନାୟକ, ଅଲ ଇଣ୍ଡିଆ ଗ୍ରାମୀଣ ବ୍ୟାଙ୍କ ୱାର୍କର୍ସ ଅର୍ଗାନାଇଜେଶନ ସାଧାରଣ ସମ୍ପାଦକ ସରୋଜ ପ୍ରଧାନ, ଅଫିସର୍ସ ଅର୍ଗାନାଇଜେଶନ ସଙ୍ଗଠନ ସମ୍ପାଦକ ଚନ୍ଦ୍ରଭାନ୍ ପଟେଲ ପ୍ରମୁଖ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ କର୍ମଚାରୀ ସଂଘ ପୁରୋଷୋତ୍ତମ ପ୍ରଧାନଙ୍କୁ ସଭାପତି, ପ୍ରଦୀପ୍ତ କୁମାର ନାୟକଙ୍କୁ ସାଧାରଣ ସମ୍ପାଦକ, ଅଫିସର୍ସ ଆସୋସିଏଶନ ପକ୍ଷରୁ ରଜନୀକାନ୍ତ ମହାପାତ୍ରଙ୍କୁ ସଭାପତି ଓ ସୋମନାଥ ପାଣିଙ୍କୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି।

## ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର,୮-୧୦



ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅଜିତ କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କେନ୍ଦ୍ରାପଡା ଜିଲା ରାଜକନିକା ଅଞ୍ଚଳର ଗୋବାଙ୍ଗ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିବା ବେଳେ ୧୯୮୬ରେ ବ୍ୟାଙ୍କର ପ୍ରୋବେଶନାରି ଅଫିସର ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ କାନାରା ବ୍ୟାଙ୍କର ମହାପ୍ରବନ୍ଧକ ପଦବୀରେ ଅବସ୍ଥାପିତ ଥିଲେ। ବିହାର, ଆସାମ, କଲିକତା, ମୁମ୍ବାଇ, ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି। ବ୍ୟାଙ୍କର ଋଣ ପ୍ରଦାନ କ୍ଷେତ୍ରରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି।

## ଆଇସିଆଇସିଆଇ ବ୍ୟାଙ୍କ ମାଷ୍ଟରକାର୍ଡ ସହବନ୍ଧନ

ଭୁବନେଶ୍ୱର,୮-୧୦

ଆଇସିଆଇସିଆଇ ବ୍ୟାଙ୍କ ଏବଂ ମାଷ୍ଟରକାର୍ଡ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହା ସହ ବ୍ୟାଙ୍କ ପକ୍ଷରୁ ପାର୍ବଣ ଅଭିଯାନ ଏସ୍‌ପୋରସ୍ପେଣ୍ଡ ଉନ୍ମୋଚିତ ହୋଇଯାଇଛି। ଏଥିରେ ଗ୍ରାହକମାନେ ମାଷ୍ଟରକାର୍ଡର ବିଭିନ୍ନ କ୍ରେଡିଟ ଏବଂ ଡେବିଟ କାର୍ଡରେ କିଣାକିଣିରେ ବିଭିନ୍ନ ଉପହାର ଜିତିବାର ସୁଯୋଗ ପାଇବେ ବୋଲି ବ୍ୟାଙ୍କ ସୂଚନା ଦେଇଛି। ଏହା ଅକ୍ଟୋବର ୧ରୁ ନଭେମ୍ବର ୧୦ ଯାଏ ଚାଲିବ।

## 'ବୃହତ୍ ଜନସଂଖ୍ୟାକୁ ସ୍ୱାସ୍ଥ୍ୟ ସେବା ଯୋଗାଣ ଏକ ଆହ୍ୱାନ'

ଭୁବନେଶ୍ୱର,୮-୧୦



୧.୩ ବିଲିୟନ ଜନସଂଖ୍ୟାକୁ ସ୍ୱାସ୍ଥ୍ୟସେବା ପ୍ରଦାନ ବାସ୍ତବରେ ଏକ ଆହ୍ୱାନ। ଏହି ଆହ୍ୱାନକୁ ନିଯୁକ୍ତି ସୁଯୋଗ ପ୍ରଦାନର ଏକ ଅବସରଭାବେ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା ୬୪% କର୍ମଜୀବୀ ଜନସଂଖ୍ୟା ସହ ଭାରତ ଯୁବ ଦେଶ ଭାବେ ପରିଗଣିତ ହେବାକୁ ଯାଉଛି। ଉକ୍ତ ଜନସଂଖ୍ୟାକୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ସହ ସୁସ୍ଥତା ସୁନିଶ୍ଚିତ କରାଇବା ଆବଶ୍ୟକ। ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଇଏନ୍‌ଟି ବିଭାଗ) ଏବଂ ଅଲ୍ ଇଣ୍ଡିଆ ରାଇନୋଲୋଜି ସୋସାଇଟି ପକ୍ଷରୁ ଅନୁଷ୍ଠିତ ରାଇନୋକନ୍ ସମ୍ମିଳନୀକୁ ଯୋଗଦେଇ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହା କହିଛନ୍ତି। ଏହି ବୃହତ୍ ଜନସଂଖ୍ୟା ଦେଶକୁ ୨% ଜିଡିପି ଅଭିବୃଦ୍ଧି ପ୍ରଦାନ ଦିଗରେ ସହାୟକ ହେବ ବୋଲି ଆକଳନ କରାଯାଇଛି। ଏଥି ଲାଗି ଜନସଂଖ୍ୟାକୁ ଉପଯୁକ୍ତ ଭାବେ କାର୍ଯ୍ୟରେ ଲଗାଯିବା ବିଷୟକୁ ଧ୍ୟାନରେ ରଖାଯିବା ଉଚିତ। ଏହା ହୋଇ ପାରିଲେ ଦେଶର ଜିଡିପି ୨.୬ ଟ୍ରିଲିୟନ ଡଲାରରୁ ୧୭ ଟ୍ରିଲିୟନ ଡଲାରକୁ ବୃଦ୍ଧି ଘଟିବ। ଏହି ସମୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ମାନ୍ୟତା ଲାଭ କରିବ ବୋଲି ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି। ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ଏକ ବ୍ୟୟବହୁଳ କ୍ଷେତ୍ର ହୋଇଥିଲେ ମଧ୍ୟ ଉକ୍ତ କ୍ଷେତ୍ରଗୁଡ଼ିକରେ ନୀତିରେ ପରିବର୍ତ୍ତନ ଆସିଲେ ବ୍ୟାପକରେ ପୁଞ୍ଜି ନିବେଶ ସମ୍ଭାବନା ରହିଛି। ସମନ୍ୱିତ ସ୍ୱାସ୍ଥ୍ୟ ପରିଚାଳନା କାର୍ଯ୍ୟକ୍ରମ ଅନ୍ତର୍ଗତ ନାଲ୍‌କୋ ଅନୁଗୋଳ ଓ ଦାମନଯୋଡି ସ୍ଥିତ ଏହାର ପାରିପାର୍ଶ୍ୱିକ ଗ୍ରାମରେ ୱେଲନେଶ କ୍ଲିନିକ ଏବଂ କଲ୍ ସେଣ୍ଟର ପ୍ରତିଷ୍ଠା କରିବ ବୋଲି ଚାନ୍ଦ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଦିଲୀପ ତିର୍କୀ, ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଗୀତାଞ୍ଜଳି ବାତମାନବାନୋ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ହିନ୍ଦୀ ପଖୱାଡା




ଭୁବନେଶ୍ୱର,୮-୧୦

ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ପଖୱାଡା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଦ୍ୱାରିକା ନାଥ ନନ୍ଦଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜଭାଷା ଅଧିକାରୀ ଜିତେନ୍ଦ୍ର ଗୁପ୍ତା ହିନ୍ଦୀ ଭାଷାର ଉପାଦେୟତା ତଥା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ ପାଳନ ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ନନ୍ଦ କାର୍ଯ୍ୟକ୍ରମରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଭୁବନେଶ୍ୱରରେ କେଟିଏମ୍‌ର ଅରେଞ୍ଜ ଡେ'

ଭୁବନେଶ୍ୱର,୮-୧୦



ରେସିଂ ବାଇକ ନିର୍ମାତା କେଟିଏମ୍ ପକ୍ଷରୁ ଭୁବନେଶ୍ୱରରେ ଏହାର ଗ୍ରାହକ ତଥା ବାଇକ୍‌ପ୍ରେମୀଙ୍କ ଲାଗି ଅରେଞ୍ଜ ଡେ ସଫଳ ଭାବେ ଆୟୋଜନ କରାଯାଇଛି। କେଟିଏମ୍ ବାଇକର ଜିନ୍‌କୁ ଅନୁଭବ କରିବା ଲାଗି ଗ୍ରାହକଙ୍କୁ ସୁଯୋଗ ଦେବା ଲାଗି ଏଭଳି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହା କେଟିଏମ୍ ମାଲିକମାନଙ୍କୁ ଶକ୍ତିଶାଳୀ ପ୍ରଦର୍ଶନକାରୀ ଡ୍ୟୁକ୍ ଓ ଆର୍‌ସିର ଅନୁଭୂତି ପ୍ରଦାନ କରୁଥିବା ବେଳେ ରେସ୍ ଟ୍ରାକରେ କେଟିଏମ୍ ମାଲିକ ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ପ୍ରଦାନ କରୁଛି। ଭୁବନେଶ୍ୱରର ଇନ୍‌ଫୋସିଟି ପଡିଆଠାରେ ନିକଟସ୍ଥ ଝୁମ୍ ସ୍ପୋର୍ଟସ କ୍ଲବଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୦ ଡ୍ୟୁକ୍ ଗ୍ରାହକ ଏବଂ ଆର୍‌ସି ୨୦୦ ଗ୍ରାହକଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୋଡିୟମ ସମାପ୍ତ କରିଥିବା ଚାଳକମାନଙ୍କୁ କେଟିଏମ୍ ବ୍ରାଣ୍ଡର ମର୍ଚ୍ଚାଣ୍ଡାଇଜ୍ ଓ ପାୱାର ପାର୍ଟସ ପ୍ରଦାନ କରାଯାଇଥିଲା। ବିଭିନ୍ନ ବର୍ଗରେ ୨୭୧ରୁ ଅଧିକ ୱାର୍ଲଡ ଚାମ୍ପିୟନ ଟାଇଟଲ୍ ସହ କ୍ରମାଗତ ଭାବେ ୧୭ ସମ୍ମାନଜନକ ଡାକାର ରାଲି ଟାଇଟଲ ହାସଲ କରିଥିବା କେଟିଏମ୍ ପାଇଁ ରେସିଂ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆଗାମୀ କିଛି ମାସରେ ଏହି କାର୍ଯ୍ୟକ୍ରମର କଳେବରକୁ ବୃଦ୍ଧି କରାଯିବ ବୋଲି ବଜାଜ ଅଟୋ ଲିମିଟେଡର ପ୍ରୋବାଇକିଂ ସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି।

# ନଭେମ୍ବରରେ ଇରାନରୁ ତେଲ କିଣିବ ଭାରତ

ନୂଆଦିଲ୍ଲୀ,୮-୧୦

**ସ୍ଥିତି ସ୍ପଷ୍ଟ କଲେ ଧର୍ମେନ୍ଦ୍ର**

ଇରାନ ବିରୋଧରେ ଆମେରିକାର କଟକଣାକୁ ଭାରତ ମାନିବନି ଏହା ସୋମବାର ସ୍ପଷ୍ଟ ହୋଇଛି। ନଭେମ୍ବରରେ ଦେଶର ଦୁଇଟି ତୈଳ ବିପଣନ କମ୍ପାନୀ ଇରାନରୁ ତେଲ କିଣିବାକୁ ଯାଉଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଏହା ସ୍ପଷ୍ଟ କରିଛନ୍ତି।

ଏଠାରେ ଆୟୋଜିତ 'ଦି ଏନର୍ଜି ଫୋରମ'ରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଆମେରିକା କଟକଣାରୁ ଭାରତ ଛାଡ଼ ପାଇବ କିନା ସେ ଜାଣିନାହାନ୍ତି। ସେ କହିଛନ୍ତି ଯେ, ଭାରତର ନିଜସ୍ୱ ଇନ୍ଧନ ଆବଶ୍ୟକତା ରହିଛି, ଯାହାକୁ ପୂରଣ କରିବାକୁ ହେବ। କେନ୍ଦ୍ର ସରକାର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବେ। ଏହି ବୈଠକରେ ଉପସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି) ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି ଯେ, ଇରାନରୁ ତେଲ ଆମଦାନୀ କରୁଥିବା ଦୁଇଟି କମ୍ପାନୀ ମଧ୍ୟରେ ଆଇଓସି ଅନ୍ୟତମ। କମ୍ପାନୀ ନିଜର ଆବଶ୍ୟକତା ଅନୁଯାୟୀ ଇରାନରୁ ତେଲ ଆମଦାନୀ କରିବ। ଉଲ୍ଲେଖଥାଉ କି, ଆଇଓସି ଏବଂ ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ୍ସ ଲିମିଟେଡ(ଏମ୍‌ଆର୍‌ପିଏଲ୍) ଇରାନରୁ ୧.୨୫ ମିଲିୟନ ଟନ ଅଶୋଧିତ ତେଲ କିଣିବେ। ତେଲ ବଦଳରେ ଇରାନକୁ କିଭଳି ଅର୍ଥ ପୈଠ କରାଯିବ ସେ ସଂକ୍ରାନ୍ତରେ ଏବେ ଆଲୋଚନା ଜାରି ରହିଛି ବୋଲି ସିଂ କହିଛନ୍ତି। ପୂର୍ବରୁ ଇରାନ ତେଲ ବଦଳରେ ଟଙ୍କା ନେଉଥିଲା ଓ ଏହା ବଦଳରେ ଭାରତରୁ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣୁଥିଲା।

> ରବିବାର ଲିଅନ ବିପକ୍ଷ ମ୍ୟାଚରେ ପ୍ୟାରିସ ସେଣ୍ଟ ଜର୍ମେନ ତରଫରୁ ୪ଟି ଗୋଲ ସ୍କୋର କରିଥିଲେ ହେଁ ଏଥିରେ ମୁଁ ସନ୍ତୁଷ୍ଟ ନୁହେଁ।
> —କିଲିଆନ ଏମ୍‌ବାପ୍ପେ, ଷ୍ଟାର ଫୁଟ୍‌ବଲ ଖେଳାଳି



> ୟୁଏସ୍ ଚାମ୍ପିୟନ ନାଓମି ଓସାକାଙ୍କ ଯେଉଁ ଶାରୀରିକ ଦକ୍ଷତା ରହିଛି ସେ ଉଦ୍ୟମ କଲେ ଅଧିକ ସଂଖ୍ୟାରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିପାରିବେ ।
> —ଲି' ନା, ମହାନ ଚାଇନିଜ୍ ଟେନିସ ଖେଳାଳି



## ସଂକ୍ଷେପରେ

### ଏଟିପି ର୍‍ୟାଙ୍କିଙ୍ଗ ନମ୍ବର ୱାନ ସ୍ଥାନ ବଜାୟ ରଖିଲେ ନାଡାଲ



**ପ୍ୟାରିସ, ୮।୧୦ (ଏଏଫ୍‌ପି):** ସୋମବାର ଏଟିପି ଟେନିସ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ସ୍ପେନର ରାଫାଲ ନାଡାଲ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ରୋଜର ଫେଡେରର ଏବଂ ନୋଭାକ ଜୋକୋଭିଚ୍ ରହିଛନ୍ତି। ଟପ୍ ୧୦ରେ କେବଳ ଏକମାତ୍ର ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ ନବମରୁ ଅଷ୍ଟମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ର୍‍ୟାଙ୍କିଙ୍ଗ ତାଲିକାରେ ସବୁଠାରୁ ବଡ଼ ପଦୋନ୍ନତି ପାଇଛନ୍ତି ଜର୍ଜିଆର ଜିଆଣ୍ଟ କିଲର ନିକୋଲୋଜ ବାସିଲାସଭିଲି। ଚାଇନା ଓପନରେ ବିଶ୍ୱର ୪ ନମ୍ବର ଖେଳାଳି ଜୁଆନ ମାର୍ଟିନ ଡେଲପୋଟ୍ରୋଙ୍କୁ ପରାସ୍ତ କରିବା ଦ୍ୱାରା ସେ ୧୧ସ୍ଥାନ ଉପରକୁ ଉଠି ୨୩ତମ ସ୍ଥାନରେ ରହିଛନ୍ତି।
**ଟପ୍ ୧୦ ଖେଳାଳି:** ୧- ରାଫାଲ ନାଡାଲ (ସ୍ପେନ୍), ୨-ରୋଜର ଫେଡେରର (ସୁଇଜରଲାଣ୍ଡ), ୩-ନୋଭାକ ଜୋକୋଭିଚ୍ (ସର୍ବିୟା), ୪-ଜୁଆନ ମାର୍ଟିନ ଡେଲ୍ ପୋର୍ଟୋ (ଆର୍ଜେଣ୍ଟିନା), ୫-ଆଲେକ୍‌ଜାଣ୍ଡର ଜେଭରେଭ (ଜର୍ମାନୀ), ୬-ମାରିନ୍ ସିଲିକ (କ୍ରୋଏସିଆ), ୭-ଡୋମିନିକ୍ ଥିମ୍ (ଅଷ୍ଟ୍ରିଆ), ୮-କେଭିନ ଆଣ୍ଡରସନ ( ଦକ୍ଷିଣ ଆଫ୍ରିକା), ୯- ଗ୍ରିଗୋର ଦିମିଟ୍ରୋଭ (ବୁଲ୍‌ଗେରିଆ), ୧୦-ଜନ୍ ଇଜନର (ଆମେରିକା)।

### କଟକରେ ହେବ ଜାତୀୟ ସବ୍‌ଜୁନିୟର କୁସ୍ତି

**ଭୁବନେଶ୍ୱର, ୮।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ବାରବାଟୀ ଷ୍ଟାଡିୟମ ପରିସରରେ ଓଡ଼ିଶା କୁସ୍ତି ସଂଘର ନୂତନ ଅଫିସ୍ ଗୃହ ଉଦ୍‌ଘାଟିତ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ଜାନୁୟାରୀରେ କଟକରେ ଜାତୀୟ ସବ୍‌ଜୁନିୟର କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେଣୁ ଷ୍ଟାଡିୟମ ପରିସରରେ ନୂତନ ଗୃହ ବେଶ୍ ଉପାଦେୟ ହେବ ବୋଲି ରାଜ୍ୟ ଆସୋସିଏଶନର ସମ୍ପାଦକ ବିନୋଦ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ଗୃହ ଉଦ୍‌ଘାଟନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଦେବେନ୍ଦ୍ର ସାହୁ, କଟକ ଜିଲା କୁସ୍ତି ସଂଘର ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ଖୋର୍ଦ୍ଧା କୁସ୍ତି ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ସନ୍ତୋଷ କୁମାର ଦାସ, ନାରାୟଣ ନାୟକ, କାଳନ୍ଦୀ ଚରଣ ମାଳିଆ ଓ ଗିରିଜା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଚାମ୍ପିୟନଶିପ୍ ବିଜେତା ହୋଇ ବି ଦିନ ମଜୁରିଆ

> ନିକଟ ଅତୀତରେ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଶେଷ ହୋଇଛି ୩୩ତମ କିଙ୍ଗ୍ସକପ୍ ସିପକ୍‌ଟାକ୍ର ବିଶ୍ୱ ଚାମ୍ପିୟନଶିପ । ଚାମ୍ପିୟନଶିପ୍‌ର ଫାଇନାଲରେ ଭାରତ ଦଳଗତ ରାଉଣ୍ଡରେ ଶକ୍ତିଶାଳୀ ଫ୍ରାନ୍ସକୁ ହରାଇ ଟାଇଟଲ ବିଜୟୀ ହୋଇଥିଲା । ତେବେ ଭାରତକୁ ସୁନା ମୁକୁଟ ପିନ୍ଧାଇବାରେ ପ୍ରମୁଖ ଭୂମିକା ନେଇଥିଲେ କଟକର ପ୍ରତିଭାବାନ ଖେଳାଳି ବୁଲୁ ପାତ୍ର । ବୁଲୁ ରାଜ୍ୟର ଏକମାତ୍ର ଖେଳାଳିଭାବେ ଜାତୀୟ ପୁରୁଷ ଦଳରେ ଷ୍ଟ୍ରାଇକର ଭାବେ ସାମିଲ ହୋଇଥିଲେ । ତେବେ ଦୁଃଖର କଥା ହେଉଛି, ଦେଶକୁ ବିଶ୍ୱସ୍ତରରେ ଚାମ୍ପିୟନ ଆଖ୍ୟା ଦେଇଥିବା ବୁଲୁ ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି । ପରିବାରର ଆର୍ଥିକ ଅବସ୍ଥା ମଧ୍ୟ ଦୟନୀୟ । ଘର ଚଳାଇବାକୁ ବାପା ଦୀର୍ଘବର୍ଷ ଧରି ଦିନମଜୁରିଆ ଭାବେ କାମ କରି ଆସୁଛନ୍ତି, ଖେଳରେ ଲାଗି ରହିଲେ ପରିବାର ଚଳିବ ନାହିଁ ବୋଲି ବୁଲୁଙ୍କର ମତ । ଖେଳରେ ଯେତେ ସଫଳ ହେଲେ ବି ଭବିଷ୍ୟତ ସବୁବେଳେ ଆଶଙ୍କାରେ ରହୁଛି । କୌଣସି ପ୍ରୋତ୍ସାହନ ମିଳୁ ନ ଥିବାରୁ ବାଧ୍ୟ ହୋଇ ମଜୁରିଆ ଭାବେ କାମ କରୁଛି ବୋଲି ବୁଲୁ କହିଥିଲେ ।

### ପାକିସ୍ତାନକୁ ହରାଇ ଖୁସି ମିଳିଥିଲା

ବିଶ୍ୱ ଚାମ୍ପିୟନଶିପ୍‌ରେ ଫାଇନାଲରେ ଫ୍ରାନ୍ସକୁ ଓ ସେମିଫାଇନାଲରେ ସୁଇଜରଲାଣ୍ଡକୁ ହରାଇବା ସଂଘର୍ଷପୂର୍ଣ୍ଣ ଥିଲା ସତ, ହେଲେ ଲିଗ୍ ପର୍ଯ୍ୟାୟରେ ଭାରତର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ସବୁଠାରୁ ଅଧିକ ଖୁସି ହୋଇଥିଲୁ ବୋଲି ବୁଲୁ କୁହନ୍ତି । ପାକିସ୍ତାନ ବିପକ୍ଷ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା ରହିଥିଲା । ହେଲେ ଏହି ମ୍ୟାଚ୍‌କୁ ଆମେ ୨୧-୭ ପଏଣ୍ଟରେ ଏକତରଫା ଭାବେ ଜିତିଥିଲୁ । ଜାନୁୟାରୀରେ ଦିଲ୍ଲୀଠାରେ ହୋଇଥିବା ଟ୍ରାଏଲରେ ସାମିଲ ହେବାକୁ ମୋ ନାଁ ସୁପାରିସ କରିଥିଲେ । ଟ୍ରାଏଲରେ ଭଲ ପ୍ରଦର୍ଶନ କରିବା ପରେ ଗତ ସେପ୍ଟେମ୍ବରରେ ଜାତୀୟ ଦଳର ପ୍ରସ୍ତୁତି ଶିବିରକୁ ମୋତେ ଡକରା ଆସିଥିଲା ଓ ବିଶ୍ୱ ଚାମ୍ପିୟନଶିପ୍ ନିମନ୍ତେ ଜାତୀୟ ଦଳରେ ସାମିଲ ହୋଇଥିଲି । ଆଗାମୀ ଦିନରେ ମଧ୍ୟ ଜାତୀୟ ଦଳରୁ ଖେଳିବାକୁ ସବୁବେଳେ ଚେଷ୍ଟା କରିବି ।

## ରାଜ୍ୟର ସିପକ୍‌ଟାକ୍ର ପ୍ରତିଭା ବୁଲୁ

### ଫୁଟବଲରୁ ସିପକ୍‌ଟାକ୍ର

ପିଲାଟି ବେଳୁ ଫୁଟବଲ ଖେଳ ପ୍ରତି ଆଗ୍ରହ ରହିଥିଲା । କିଛି ବର୍ଷ ଫୁଟବଲ ଖେଳରେ ମଧ୍ୟ ଜଡ଼ିତ ରହିଥିଲି । ପରେ ରାଜ୍ୟ ସିପକ୍‌ଟାକ୍ର ଖେଳ ଦାୟିତ୍ୱ ବୁଝୁଥିବା କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ ମୋତେ ଏଥିରେ ସାମିଲ ହେବାକୁ କହିଥିଲେ । ପ୍ରଥମେ ସିପକ୍‌ଟାକ୍ର ଖେଳିବି ନା ନାହିଁ ଚିନ୍ତାରେ ପଡ଼ିଥିଲି । ମାତ୍ର ଭିଡ଼ ଭିତରୁ ବାହାରି ଗୋଟିଏ ଖେଳରେ କ୍ୟାରିୟର ଗଢ଼ିବି ବୋଲି ଭାବି ସିପକଟାକ୍ରକୁ ବାଛିଥିଲି ।

### ଭାରତ ଜର୍ସି ପିନ୍ଧିବା ଗୌରବ କଥା

ଥାଇଲାଣ୍ଡରେ ବିଶ୍ୱ ଚାମ୍ପିୟନଶିପ୍ ଖେଳିବି ବୋଲି ଆଶା ନ ଥିଲା । ରାଜ୍ୟ ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ଭାରତର ଜର୍ସି ପିନ୍ଧିବା ସବୁବେଳେ ଜଣେ ଖେଳାଳି ପାଇଁ ଗୌରବର କଥା ଓ ଲକ୍ଷ୍ୟ ବୋଲି ବୁଲୁ କହିଛନ୍ତି ।

### ମେଡିସିନ କିଣିବାକୁ ପଇସା ନ ଥାଏ, ପଢ଼ିବି କେମିତି

କଟକର ବାରବାଟୀ ଷ୍ଟାଡିୟମ ନିକଟରେ ବୁଲୁଙ୍କର ଘର । ପରିବାର କହିଲେ ବାପା ଶ୍ରୀଧର ପାତ୍ର, ମା ଗାୟତ୍ରୀ ପାତ୍ର, ଜଣେ ସାନ ଭଉଣୀ ଓ ଜଣେ ବଡ଼ ଭାଇ । ବାପା ଶ୍ରୀଧର ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି । ତାଙ୍କ ଉପରେ ସମସ୍ତଙ୍କର ବୋଝ । ବେଳେ ବେଳେ ପରିବାରରେ କାହା ଦେହ ଖରାପ ହେଲେ ମେଡ଼ିକାଲ ଖର୍ଚ୍ଚ ପାଇଁ ଘରେ ପଇସା ନ ଥାଏ ବୋଲି ବୁଲୁ କୁହନ୍ତି । ଏହି ପରିସ୍ଥିତିରେ ପଢ଼ିବା ପାଇଁ ଇଚ୍ଛା ଥିଲେ ମଧ୍ୟ ସମ୍ଭବ ହେଉନି ବୋଲି ସେ କୁହନ୍ତି । ବୁଲୁ ରଘୁନାଥଜୀଉ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟବର୍ଷର ଛାତ୍ର । ବିଭିନ୍ନ ପ୍ରବେଶିକା ପରୀକ୍ଷା ନିମନ୍ତେ ଫର୍ମଫିଲ୍‌ଅପର ଖର୍ଚ୍ଚ ନ ଥାଏ ବୋଲି ବୁଲୁ କହିଥିଲେ ।

### ପ୍ରୋତ୍ସାହନ ନାହିଁ ବୋଲି ଦିନ ମଜୁରି କରୁଛି

ବିଶ୍ୱ ଚାମ୍ପିୟନଶିପ୍‌ରେ ଜାତୀୟ ଦଳରେ ରହିଥିବା ଅନ୍ୟ ରାଜ୍ୟର ଖେଳାଳିମାନଙ୍କୁ ସେମାନଙ୍କ ରାଜ୍ୟ ସରକାର ଅନେକ ପ୍ରୋତ୍ସାହନ ରାଶି ଦେଉଛନ୍ତି । ଦିଲ୍ଲୀର ଖେଳାଳିମାନଙ୍କୁ କିଛି ଦିନ ତଳେ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ରାଶି ଦିଆଯାଇଛି । ହେଲେ ଓଡ଼ିଶାରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତକୁ ବିଜୟୀ କରାଇଥିଲେ ମଧ୍ୟ କେହି ସାବାସି ଦେବାକୁ ମଧ୍ୟ ଆସିନାହାନ୍ତି । ଖେଳରେ ନିଜକୁ ବ୍ୟସ୍ତ ରଖିଲେ ପରିବାର ଅବସ୍ଥା ସଙ୍କଟାପନ୍ନ ହୋଇଯିବ । ଏଣୁ ଏକ ଘରୋଇ ଜାଗାରେ ଦିନ ମଜୁରିଆ ଭାବେ ଏବେ କାମ କରୁଛି ବୋଲି ବୁଲୁ କହିଛନ୍ତି।

*(ରିପୋର୍ଟ-କୁମାରଶ୍ରୀ)*



ବୁଲୁ ପାତ୍ର

### ଡିସେମ୍ବର ୧୬ରେ ସାଇନା-କଶ୍ୟପ ବିବାହ

**ପୁଣେ, ୮।୧୦:** ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କଶ୍ୟପ ଆସନ୍ତା ଡିସେମ୍ବର ୧୬ ତାରିଖରେ ବିବାହ କରିବେ । ଏ ନେଇ ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକଧାରୀ ସାଇନା ସ୍ପଷ୍ଟ କରିଛନ୍ତି। ବିବାହ କରିବା ପାଇଁ ସମୟ ଆସିଯାଇଛି। ବ୍ୟସ୍ତବହୁଳ କାର୍ଯ୍ୟସୂଚୀରେ ଡିସେମ୍ବର ୧୬ ଏକମାତ୍ର ତାରିଖ, ଯେଉଁଦିନ କଶ୍ୟପଙ୍କୁ ବିବାହ କରିପାରିବି। ''ମୁଁ ଡିସେମ୍ବର ୨୦ ତାରିଖରୁ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍‌ରେ ବ୍ୟସ୍ତ ହୋଇଯିବି। ତା' ପରେ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହୋଇଯିବ । ଏଣୁ ବିବାହ କରିବା ପାଇଁ ୧୬ ତାରିଖ ହିଁ ଏକମାତ୍ର ଦିନ'' ବୋଲି ୨୮ ବର୍ଷୀୟ ସାଇନା ପୁଣେଠାରେ କହିଛନ୍ତି।

### ଦୁର୍ଘଟଣାର ସମ୍ମୁଖୀନ ହେଲେ ହେଡେନ

**ସିଡ୍‌ନୀ, ୮।୧୦:** ପୂର୍ବତନ ଅଷ୍ଟ୍ରେଲିଆ ଓପନର ମାଥ୍ୟୁ ହେଡେନ ଶୁକ୍ରବାର ଦୁର୍ଘଟଣାର ଶିକାର ହୋଇଛନ୍ତି। କୁଇନ୍ସଲାଣ୍ଡଠାରେ ଛୁଟି କାଟୁଥିବା ହେଡେନ ତାଙ୍କ ପୁଅ ଜୋଶଙ୍କ ସହ ସର୍ଫିଂ କରୁଥିବାବେଳେ ଦୁର୍ଘଟଣା ଘଟିଛି । ଏଥିରେ ତାଙ୍କର ମୁଣ୍ଡ, ବେକ ଓ ମେରୁଦଣ୍ଡରେ ଆଘାତ ଲାଗିଛି। ଏ ନେଇ ରବିବାର ଇନ୍‌ଷ୍ଟାଗ୍ରାମ ଜରିଆରେ ସେ ସୂଚନା ଦେଇଛନ୍ତି। ୨୦୦୯ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଓପନର ଲେଖିଛନ୍ତି, ଆମେ ଡଜନ ଢେଉକୁ ଅତିକ୍ରମ କରିବା ପରେ ଏକ ବଡ଼ ଢେଉ ସହ ପିଟି ହୋଇଥିଲୁ। ଏଣୁ ମୁଁ ପାଣିକୁ ଖସି ପଡ଼ିଥିଲି। ପରେ ଯାଇ ବାଲିରେ ମାଡ଼ ହୋଇଥିଲି। ଏଥିରେ ମୋ ମୁଣ୍ଡ ଫାଟିବା ସହ ବେକରେ ଆଘାତ ଲାଗିଲା।

# ସମୀର, ବିକି ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ଅବସରରେ ବିକି ଓରାମ ଓ ସମୀର କେରକେଟା।

**ଭୁବନେଶ୍ୱର, ୮।୧୦(କ୍ରୀଡ଼ା ପ୍ରତିନିଧି)**

ମାଲେସିଆରେ ଅନୁଷ୍ଠିତ ଏଏଫସି ୧୬ ବର୍ଷରୁ କମ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶା ଫେରିଥିବା ଦୁଇ ଓଡ଼ିଆ ଖେଳାଳି ସମୀର କେରକେଟା ଓ ବିକି ଓରାମଙ୍କୁ ସୋମବାର କମିଶନରେଟ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ପୋଲିସ କମିଶନର ସଞ୍ଜୟ କୁମାର ସିଂ କଳିଙ୍ଗ ଷ୍ଟାଡିୟମରେ ଏହି ଦୁଇ ଫୁଟବଲ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ସମୀର ନୟାଗଡ଼ ଏବଂ ବିକି ବଲାଙ୍ଗିର କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ। ମାଲେସିଆ ପ୍ରତିଯୋଗିତାର ଗ୍ରୁପ 'ସି'ରେ ସ୍ଥାନ ପାଇଥିବା ଭାରତ ଚମତ୍କାର ପ୍ରଦର୍ଶନ କରି ନକ୍‌ଆଉଟରେ ପ୍ରବେଶ କରିଥିଲା। ଦଳ ପ୍ରଥମେ ଭିଏତନାମକୁ ୧-୦ ଗୋଲରେ ହରାଇବାପରେ ଇରାନ ଓ ଇଣ୍ଡୋନେସିଆ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। କ୍ୱାର୍ଟର ଫାଇନାଲରେ ଦଳ ଦକ୍ଷିଣ କୋରିଆଠାରୁ ୦-୧ ଗୋଲରେ ପରାଜିତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲା। ଟୁର୍ନାମେଣ୍ଟରେ ବିକି ଓ ସମୀର ପ୍ରଭାବୀ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ।

### ସୌରାଷ୍ଟ୍ରକୁ ହରାଇଲା ଓଡ଼ିଶା

**କଟକ ଅଫିସ, ୮।୧୦:** ଜୟପୁରର କେ.ଏଲ. ସାଇନି ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ୧୯ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ୭ ଉଇକେଟରେ ସୌରାଷ୍ଟ୍ରକୁ ହରାଇଛି । ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ବିଜୟ । ପୂର୍ବ ମ୍ୟାଚ୍‌ରେ ରାଜସ୍ଥାନଠାରୁ ଦଳ ୮ ଉଇକେଟରେ ହାରିଥିଲା । ୯ ତାରିଖରେ ପରବର୍ତ୍ତୀ ମ୍ୟାଚ୍ ଓଡ଼ିଶା କେରଳ ବିପକ୍ଷରେ ଖେଳିବ । ସୌରାଷ୍ଟ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳୀୟ ସ୍କୋର ୨ ହୋଇଥିବା ବେଳେ ସୌରାଷ୍ଟ୍ର ପ୍ରଥମ ଉଇକେଟ ହରାଇଥିଲା । ପରେଲଗାତାରଉଇକେଟପତନଘଟିଥିଲା । ସୌରାଷ୍ଟ୍ରର କୌଣସି ବ୍ୟାଟ୍ସମ୍ୟାନ ବଡ ସ୍କୋର କରିବାରେ ବିଫଳ ହୋଇଥିଲେ । ସୌରାଷ୍ଟ୍ର ୧୩୨ରନ୍‌ରେ ଅଲଆଉଟ ହୋଇଥିବା ବେଳେ ରିଷି ପଟେଲ ସର୍ବାଧିକ ୩୬ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ ସ୍ୱସ୍ତିକ ସାମଲ ୧୩ରନ୍ ବିନିମୟରେ ୩ଟି ଉଇକେଟ ଦଖଲ କରିଥିଲେ । ଶେଖର ମାଝି, ପ୍ରୀତମ ଜେନା ଓ ସୋମେନ ଚାନ୍ଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ଜବାବରେ ଅଧିନାୟକ ରଘୁନାଥ ମଲ୍ଲଙ୍କ ଅପରାଜିତ ୬୧ ରନ ବଳରେ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା । ୩୨.୨ ଓଭରରେ ୩ଉଇକେଟ ହରାଇ ଓଡ଼ିଶା ବିଜୟୀ ହୋଇଛି । ସ୍ୱସ୍ତିକ ସାମଲ ୨୩ରନ୍, ଜ୍ୟୋତିରଞ୍ଜନ ବେହେରା ୨୬ରନ୍ କରିଛନ୍ତି ।

# ଦିନିକିଆ, ଟି୨୦ ସିରିଜରୁ ଓହରିଲେ ଗେଲ୍

**ନୂଆଦିଲ୍ଲୀ,୮।୧୦**

ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଭାରତ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜରୁ ଓହରିଯାଇଛନ୍ତି । ଏ ନେଇ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବାକୁ ଥିବା ଉଭୟ ସିରିଜ ଲାଗି ଇଣ୍ଡିଜ୍ କ୍ରିକେଟ ବୋର୍ଡ (ଡବ୍ଲ୍ୟୁଆଇସିବି) ସୋମବାର ୱେଷ୍ଟଇଣ୍ଡିଜ୍ ଦଳ ଘୋଷଣା କରିଛି। ଡାରେନ ବ୍ରାଭୋ ଓ ଅଲରାଉଣ୍ଡର କିରନ ପୋଲାର୍ଡ ୨୦ ଓଭର ବିଶିଷ୍ଟ କ୍ରିକେଟ ଦଳକୁ ଫେରିଛନ୍ତି। ଆହତ ସମସ୍ୟା ଯୋଗୁ ଅଲରାଉଣ୍ଡ ଆଣ୍ଡ୍ରେ ରସେଲ ଦିନିକିଆ ସିରିଜରୁ ବାଦ୍ ପଡ଼ିଥିଲେ ମଧ୍ୟ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ଅଫ୍ ସ୍ପିନର ସୁନୀଲ ନାରିନ ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ପାଇନାହାନ୍ତି। ଏହି ଦଳରେ ନୂଆ ମୁହଁ ଭାବେ ୩ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ଚନ୍ଦ୍ରପାଲ ହେମରାଜ, ଫାବିଆନ ଆଲେନ ଓ ଓଶାନେ ଥୋମାସ। ଜାସୋନ ହୋଲ୍ଡର ଦିନିକିଆ ଦଳର ନେତୃତ୍ୱ ନେବେ। ସେହିଭଳି କାର୍ଲୋସ ବ୍ରାଥୱେଟଙ୍କ ନେତୃତ୍ୱରେ ଦଳ ଟି୨୦ ସିରିଜ ଖେଳିବ। ''ଆମକୁ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କ ବିନା ଭାରତ ବିପକ୍ଷ ସିରିଜ ଓ ପରେ ବାଂଲାଦେଶ ଗସ୍ତରେ ଯିବାକୁ ପଡ଼ିବ । ସେ ନିଜ ପକ୍ଷରୁ ଓହରିଯାଇଛନ୍ତି। କିନ୍ତୁ ସେ ଇଂଲଣ୍ଡ ବିପକ୍ଷ ସିରିଜ ଓ ବିଶ୍ୱକପ ଲାଗି ଉପଲବ୍ଧ ହେବେ'' ବୋଲି ଡବ୍ଲ୍ୟୁଆଇସିବି ଚୟନ କମିଟି ମୁଖ୍ୟ କର୍ଟନି ବ୍ରାଉନେ କହିଛନ୍ତି।

#### ଦିନିକିଆ ଦଳ

ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, ସୁନୀଲ ଆମ୍ବ୍ରିସ, ଦେବେନ୍ଦ୍ର ବିଶୁ, ଚନ୍ଦ୍ରପଲ ହେମରାଜ, ଶିମରନ ହେଟମେର, ଶାଇ ହୋପ ଆଲଜାରି ଜୋଶେଫ, ଏଭିନ ଲୁଇସ୍, ଆସ୍‌ଲେ ନର୍ସ, କିମୋ ପଲ, ରୋଭମ୍ୟାନ ପାୱେଲ, କେମର ରୋଚ, ମାର୍ଲନ ସାମୁଏଲ୍ସ ଏବଂ ଓସାନେ ଥୋମାସ।

#### ଟି୨୦ ଦଳ

କାର୍ଲୋସ ବ୍ରାଥୱେଟ (ଅଧିନାୟକ), ଫାବିଆନ ଆଲେନ, ଡାରେନ ବ୍ରାଭୋ, ଶିମରନ ହେଟମେର, ଏଭିନ ଲୁଇସ୍, ଓବେଦ ମ୍ୟାକଏ, ଆସ୍‌ଲେ ନର୍ସ, କିମୋ ପଲ, ଖାରି ପିଏରେ, କିରନ ପୋଲାର୍ଡ, ରୋଭମ୍ୟାନ ପାୱେଲ, ଦୀନେଶ ରାମଦିନ, ଆଣ୍ଡ୍ରେ ରସେଲ, ଶେର୍ଫାନେ ରଥରଫୋର୍ଡ ଓ ଓଶାନେ ଥୋମାସ।

# ସହଜ ବିଜୟ ସହ ମହିଳା ଭାରତୀୟ ଦଳର ଅଭିଯାନ

**ବୁଏନ୍ସ ଆରିଜ,୮।୧୦**

ଭାରତୀୟ ୧୮ ବର୍ଷରୁ କମ ମହିଳା ହକି ଦଳ ୪-୨ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରି ଏଠାରେଚାଲିଥିବା ୟୁଥ ଅଲିମ୍ପିକ୍ସ ଇଭେଣ୍ଟରେ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ଲାଗି ଲାଲରେମ୍‌ସିଆମୀ ୨ଟି ଗୋଲ ଦେଇଥିବାବେଳେ ଅଧିନାୟିକା ସାଲିମା ଟେଟେ ଓ ମୁମତାଜ ଖାଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭାରତୀୟ ଦଳ ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଶୈଳୀ ଆପଣେଇଥିଲା। ଫଳରେ ୫ମ ମିନିଟ୍ ମଧ୍ୟରେ ହିଁ ଭାରତୀୟ ଦଳ ୨-୦ ଗୋଲରେ ଅଗ୍ରଣୀ ହାସଲ କରିନେଇଥିଲା। ଉପ ଅଧିନାୟିକା ଲାଲରେମ୍‌ସିଆମୀ (୪ର୍ଥ ମିନିଟ୍) ଓ ଅଧିନାୟିକା ଟେଟେ (୫ମ) ଗୋଲ ଦେଇଥିଲେ। କିନ୍ତୁ ପ୍ରତିପକ୍ଷ ଦଳ ମଧ୍ୟ ମ୍ୟାଚ୍‌କୁ ଫେରିବା ପାଇଁ ଜବରଦସ୍ତ ଉଦ୍ୟମ କରିଥିଲା। ୧୩ତମ ମିନିଟ୍‌ରେ ସବ୍ରିନା ହୁବି ଗୋଲ ଦେଇ ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ। ମାତ୍ର ଏହାପରେ ଭାରତୀୟ ଦଳ ପୁଣି କ୍ରମାଗତ ଦୁଇଟି ଗୋଲ ଦେଇ ମ୍ୟାଚ୍‌ରେ ୪-୧ ବ୍ୟବଧାନରେ ଆଗୁଆ ହୋଇଥିଲା।

#### ୟୁଥ ଅଲିମ୍ପିକ୍ସ ହକି

ମୁମତାଜ ଖାଁ ୧୬ତମ ମିନିଟ୍‌ରେ ଗୋଲ ଦେଇଥିବାବେଳେ ଲାଲରେମ୍‌ସିଆମୀ ୧୭ତମ ମିନିଟରେ ସ୍କୋର କରିଥିଲେ। ଏହାର ୩ ମିନିଟ ପରେ ଲୌରା କେମ (୨୦ତମ) ଅଷ୍ଟ୍ରିଆ ପକ୍ଷରୁ ୨ୟ ଗୋଲ ଦେଇଥିଲେ। ଉଲ୍ଲେଖଥାଉ କି, ୟୁଥ ଅଲିମ୍ପିକ୍ସରେ ୫-ଏସ୍- ଫର୍ମାଟରେ ହକି ଖେଳାଯାଏ। ମ୍ୟାଚ୍‌ର ସମୟ ୨୦ ମିନିଟ୍।




ଡିଏଭି ଜୋନାଲ ସ୍ପୋର୍ଟ୍ସ ମିଟ୍ ସ୍କେଟିଂ ଇଭେଣ୍ଟରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

### ସ୍କେଟିଂ: ଡିଏଭି ପୋଖରୀପୁଟ ଚାମ୍ପିୟନ

**ଭୁବନେଶ୍ୱର, ୮।୧୦ (କ୍ରୀଡ଼ା ପ୍ରତିନିଧି)**

ନୀଳାଦ୍ରିବିହାରସ୍ଥିତ ବିଡିଏ ବୁଦ୍ଧ ଜୟନ୍ତୀ ପାର୍କରେ ଡିଏଭି ଜୋନାଲ ସ୍ପୋର୍ଟ୍ସ ମିଟ୍‌ର ସ୍କେଟିଂ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ଡିଏଭି ସ୍କୁଲର ୫୦ରୁ ଊର୍ଦ୍ଧ୍ୱ ସ୍କେଟର ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଡିଏଭି ପୋଖରୀପୁଟ ସର୍ବାଧିକ ୩୧ ପଦକ ପାଇ ଚାମ୍ପିୟନ ହୋଇଛି । କଳିଙ୍ଗ ନଗର ୨୫ ଏବଂ ଚନ୍ଦ୍ରଶେଖରପୁର ୧୧ ପଦକ ସହ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିବା ଓଡ଼ିଶା ରେଲ୍‌ୱେର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନାଙ୍କ ସୂତ୍ରରୁ ପ୍ରକାଶ ।

"ଗତ ୟୁଏସ୍ ଓପନ୍‌ରେ ସେକ୍ସିଜମ ଅଭିଯୋଗ ଉଠିଥିବାରୁ ମହିଳା ଟେନିସ ଖେଳର ବ୍ୟାପକ ଟେଲିଭିଜନ କଭରେଜର ଆବଶ୍ୟକତା ରହିଛି।
–ଗାର୍ବିନେ ମୁଗୁରୁଜା, ପୂର୍ବତନ ନମ୍ବର ୱାନ ଟେନିସ ଖେଳାଳି



"ବର୍ତ୍ତମାନର ସିଲେକ୍ସନ ପ୍ୟାନେଲ ସଦସ୍ୟ ଯଥେଷ୍ଟ ଅଭିଜ୍ଞତାସମ୍ପନ୍ନ ନୁହନ୍ତି, ତେଣୁ ସେମାନେ ଶାସ୍ତ୍ରୀ ଓ କୋହଲିଙ୍କୁ ଚ୍ୟାଲେଞ୍ଜ କରିପାରିବେ ନାହିଁ।
–ସୟଦ କିରମାନୀ, ପୂର୍ବତନ ମୁଖ୍ୟ ଚୟନକର୍ତ୍ତା



## ସଂକ୍ଷେପରେ

### ଓସାକା ଚତୁର୍ଥ ସ୍ଥାନକୁ ଉନ୍ନୀତ



**ପ୍ୟାରିସ, ୮।୧୦ (ଏଏଫ୍‌ପି):** କିଛି ସପ୍ତାହ ହେଲା ଚମତ୍କାର ଫର୍ମରେ ଥିବା ଜାପାନର ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା ସଦ୍ୟ ପ୍ରକାଶିତ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ତାଲିକାର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ଡେନମାର୍କର କାରୋଲିନ୍ ଓଜ୍‌ନିଆକି ଏବଂ ତୃତୀୟ ସ୍ଥାନରେ ଥିବା ଆଞ୍ଜେଲିକ୍ କର୍ବରଙ୍କୁ ପଛରେ ପକାଇ ରୋମାନିଆର ସିମୋନା ହାଲେପ୍ ର୍‍ୟାଙ୍କିଙ୍ଗ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଗତ ସପ୍ତାହରେ ଚାଇନା ଓପନ ସେମିଫାଇନାଲରେ ପ୍ରବେଶ କରିଥିବା ୨୦ ବର୍ଷୀୟା ଓସାକା ୪,୭୨୦ ପଏଣ୍ଟ ସହ ୬ଷ୍ଠ ସ୍ଥାନରୁ ୪ର୍ଥ ସ୍ଥାନକୁ ଉଠିଛନ୍ତି। ଏଥିସହିତ ସେ କର୍ବର(୫,୪୦୦)ଙ୍କ ନିକଟତର ହୋଇଛନ୍ତି। ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୧୦: ୧.-ସିମୋନା ହାଲେପ (ରୋମାନିଆ), ୨-କାରୋଲିନ୍ ଓଜନିଆକି, ୩-ଆଞ୍ଜେଲିକ୍ କର୍ବର (ଜର୍ମାନୀ), ୪-ନାଓମି ଓସାକା (ଜାପାନ), ୫-ଏଲିନା ସ୍ୱିତୋଲିନା (ୟୁକ୍ରେନ୍), ୬-କାରୋଲିନା ପ୍ଲିସ୍‌କୋଭା(ଚେକ୍‌ରିପବ୍ଲିକ), ୭-ପେଟ୍ରା କ୍ୱିଟୋଭା (ଚେକ୍‌ରିପବ୍ଲିକ), ୮-ସ୍ଲୋଏନ୍ ଷ୍ଟିଫେନ୍ସ (ଆମେରିକା), ୯-ଜୁଲିଆ ଜର୍ଜେସ (ଜର୍ମାନୀ) ଓ ୧୦-କିକି ବର୍ଟେନ୍ସ (ନେଦରଲାଣ୍ଡ)।

### ଜୀବନଙ୍କୁ କ୍ରମାଗତ ୨ୟ ଚ୍ୟାଲେଞ୍ଜର ଟ୍ରଫି

ନୂଆଦିଲ୍ଲୀ,୮।୧୦(ପି.ଟି.)- ଭାରତୀୟ ପୁରୁଷ ଟେନିସ୍ ଖେଳାଳି ଜୀବନ ନେଦୁନ୍‌ଚେଝିୟାନ ଚଳିତ ସିଜନରେ କ୍ରମାଗତ ଉନ୍ନତ ପ୍ରଦର୍ଶନ ଜାରି ରଖିଛନ୍ତି। ତାଙ୍କ ନୂଆ ସାଥୀ ଖେଳାଳି ମାର୍ସିଲୋ ଆରେଭାଲୋଙ୍କ ସହ ମିଶି ମେକ୍ସିକୋଠାରେ ଅନୁଷ୍ଠିତ ମୋଣ୍ଟେରି ଏଟିପି ଚ୍ୟାଲେଞ୍ଜର ଟ୍ରଫି ଜିତିଛନ୍ତି। ଗତ ସପ୍ତାହରେ ଏଟିପି ଚେଙ୍ଗଡୁ ଓପନ ଜିତିଥିବା ଜୀବନ ଓ ମାର୍ସିଲୋଙ୍କ ଯୋଡ଼ି ଭେଟେରାନ ଲିଆଣ୍ଡର ପେସ ଓ ମିଗୁଏଲ ଆଙ୍ଗେଲ ରେୟେସ ଭାରେଲଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଟାଇଟଲ ସହ ଏକ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶି ଜିତିଛନ୍ତି। ଏହା ତାଙ୍କର କ୍ରମାଗତ ୨ୟ ଓ ଚଳିତ ସିଜନର ୪ର୍ଥ ଟାଇଟଲ। ପୂର୍ବରୁ ସେ ୱିନେତକା, ଲକିଲେ ଓ ଡାଲାସ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ଏହାବାଦ୍ ନର୍ଟିଂହାମ, ସାଭାନା, ତାଲାସି ଓ ଲିଲେଠାରେ ରନର୍ସଅପ୍ ହୋଇଥିଲେ।

# 'ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିବାରୁ ଗର୍ବିତ'

ଭୁବନେଶ୍ୱର, ୮।୧୦(କ୍ରୀଡ଼ା ପ୍ରତିନିଧି)

ବାଂଲାଦେଶର ଚିଟ୍ଟାଗଙ୍ଗ ଓ କକ୍ସବଜାରଠାରେ ଅନୁଷ୍ଠିତ ହୋଇ ଯାଇଛି ଏଏଫସି ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ। ପ୍ରତିଯୋଗିତାର ଏହି ୭ମ ସଂସ୍କରଣରେ ବିଜୟ ମୁକୁଟ ପିନ୍ଧିଛି ଟିମ୍ ଇଣ୍ଡିଆ। ଚାମ୍ପିୟନ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ଓଡ଼ିଶାର ରାଜେଶ ମହାନ୍ତି। ବାଂଲାଦେଶ ମାଟିରେ ଏସିଆ କପ୍ ଚାମ୍ପିୟନ ହେବାର ଅନୁଭୂତି ନେଇ ସୋମବାର ଭୁବନେଶ୍ୱର ଫେରିଛନ୍ତି ଏହି ଓଡ଼ିଆ କ୍ରିକେଟ ପ୍ରତିଭା। ଟୁର୍ନାମେଣ୍ଟରୁ ମୋର ପ୍ରଚୁର ଅନୁଭୂତି ଲାଭ ହୋଇଛି ଏବଂ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିବାରୁ ମୁଁ ଗର୍ବିତ ବୋଲି ଧରିତ୍ରୀ ସହ କଥା ହେବାବେଳେ ପ୍ରକାଶ କରିଛନ୍ତି ରାଜେଶ।

"ଜୁନିୟର ଏସିଆ କପ୍‌ର ପିଚ୍‌ଗୁଡ଼ିକ ସାଧାରଣତଃ ସ୍ପିନିଂ ଟ୍ରାକ୍ ଥିଲା। ମୋତେ ବିଶେଷ ସହାୟକ ହୋଇ ନ ଥିଲା। ମୁଁ ଫାଇନାଲକୁ ମିଶାଇ ପ୍ରତିଯୋଗିତାରେ ମୋଟ ୩ଟି ମ୍ୟାଚ ଖେଳିଥିଲି। ମାତ୍ର ପିଚ୍ ସ୍ପିନରଙ୍କୁ ସୁହାଇଥିବାରୁ କୌଣସି ମ୍ୟାଚରେ ସମ୍ପୂର୍ଣ୍ଣ କୋଟା ପୂରଣ କରିପାରି ନ ଥିଲି। ବ୍ୟକ୍ତିଗତ ପ୍ରଦର୍ଶନକୁ ନେଇ ମୁଁ ବିଶେଷ ଖୁସି ନାହିଁ, ତେବେ ସାମଗ୍ରିକ ଭାବେ ଦେଖିବାକୁ ଗଲେ ଦଳ ଚାମ୍ପିୟନ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ" ବୋଲି କହିଛନ୍ତି ଏହି ଡାହାଣହାତୀ ମିଡିୟମ ଫାଷ୍ଟ ବୋଲର। ବାଂଲାଦେଶ ବିପକ୍ଷ ସେମିଫାଇନାଲରେ ଭାରତୀୟ ଦଳକୁ ସବୁଠାରୁ କଡ଼ା ଚ୍ୟାଲେଞ୍ଜ ମିଳିଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ମାତ୍ର ୨ ରନରେ ବିଜୟୀ ହୋଇଥିଲା। ଅନ୍ୟ ସବୁ ମ୍ୟାଚରେ ପ୍ରାୟ ଆମ ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ବୋଲି ପୁରୁଣା ଭୁବନେଶ୍ୱରସ୍ଥିତ ରାମେଶ୍ୱର ସ୍ପୋର୍ଟିଂରେ ଦୀପକ ମଙ୍ଗରାଜଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ରାଜେଶ ପ୍ରକାଶ କରିଛନ୍ତି। ରାଜେଶ ପ୍ରଥମେ ନେପାଳ ବିପକ୍ଷ ମ୍ୟାଚରେ ଖେଳି ୬ ଓଭର ବୋଲିଂ କରିଥିଲେ ଏବଂ ଗୋଟିଏ ମେଡେନ ନେଇ ୨୨ ରନ ବ୍ୟୟ କରିଥିଲେ। ୟୁନାଇଟେଡ ଆରବ ଏମିରେଟ୍ସ ବିପକ୍ଷ ମ୍ୟାଚରେ ସେ ପ୍ରଥମ ଅନ୍ତର୍ଜାତୀୟ ଉଇକେଟ ସଫଳତା ପାଇଥିଲେ। ଏହି ମ୍ୟାଚରେ ସେ ୬ ଓଭର ବୋଲିଂ କରି ୨୮ ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ। ଫାଇନାଲରେ ସେ ୪ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୧୮ ରନ ବ୍ୟୟ କରିଥିଲେ। "ମୁଁ ଗତ ୪ ବର୍ଷ ହେଲା ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଖେଳି ଆସୁଛି। ଦୀପକ ମଙ୍ଗରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଁ ବୋଲିଂକୁ ମାର୍ଜିତ କରି ଆଗକୁ ବଢ଼ୁଛି। ଆଗାମୀ ରଣଜୀ ସିଜନରେ ପଦାର୍ପଣ କରିବା ମୋର ପ୍ରଥମ ଲକ୍ଷ୍ୟ, ସେଥିରେ ଭଲ ଖେଳି ଭବିଷ୍ୟତରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋର ସ୍ୱପ୍ନ ରହିଛି" ବୋଲି କହିଛନ୍ତି ରାଜେଶ।



ରାଜେଶ ମହାନ୍ତି

### ରାଜେଶଙ୍କ ମାଧ୍ୟମରେ ସ୍ୱପ୍ନ ସାକାର କରିବି: ଦୀପକ

ମୁଁ ଖେଳାଳି ଜୀବନରେ ଦେଖିଥିବା ସ୍ୱପ୍ନ ରାଜେଶଙ୍କ ମାଧ୍ୟମରେ ପୂରଣ କରିବାକୁ ଆଶା ରଖିଛି ବୋଲି କହିଛନ୍ତି ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ତଥା କୋଚ୍ ଦୀପକ ମଙ୍ଗରାଜ। ରାଜେଶ ରାମେଶ୍ୱର ଆସିବାବେଳେ କ୍ରିକେଟ ସମ୍ପର୍କରେ ସେପରି କିଛି ଜ୍ଞାନ ରଖି ନ ଥିଲେ। ତାଙ୍କ ନିକଟରେ ପ୍ରତିଭା ଥିଲା। ତେଣୁ ଅଳ୍ପଦିନ କୋଚିଂ ନେବାପରେ ସେ ନିଜ ପ୍ରଦର୍ଶନ ମାଧ୍ୟମରେ ପ୍ରଭାବିତ କରିପାରିଲା। ସେ ରାଜ୍ୟ ପକ୍ଷରୁ ୧୬ ବର୍ଷରୁ କମ୍ ବର୍ଗରେ ଏକ ବର୍ଷ ଏବଂ ୧୯ ବର୍ଷରୁ କମ୍‌ରେ ୨ ବର୍ଷ ଖେଳି ଆସୁଛନ୍ତି। ପ୍ରଭାବୀ ପ୍ରଦର୍ଶନ ଯୋଗୁ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଉଭୟ ୧୬ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ କ୍ୟାମ୍ପରେ ପ୍ରଶିକ୍ଷଣ ପାଇଁ ମନୋନୀତ ହୋଇଥିଲେ। ଜୋନାଲ ମ୍ୟାଚ ଗୁଡ଼ିକରେ ମଧ୍ୟ ତାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଥିଲା। ମୁଁ ଭାବୁଛି ରାଜେଶ ଏବେ ମାତ୍ର ଶିଡ଼ିର ଗୋଟିଏ ପାହାଚ ଚଢ଼ିଛନ୍ତି। ଆହୁରି ଅନେକ ବାଟ ଯିବାକୁ ଅଛି। ଭାଗ୍ୟ ସାଥ୍ ଦେଲେ ସେ ରଣଜୀ ଦଳରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିବେ। ମୁଁ ମୋ ଖେଳ ଜୀବନରେ ଜାତୀୟ ଦଳରୁ ଖେଳିବି ବୋଲି ସ୍ୱପ୍ନ ଦେଖିଥିଲି। ତାହା ପୂରଣ ହୋଇପାରି ନ ଥିଲା। ଏବେ ଜଣେ କୋଚ୍ ଭାବେ ରାଜେଶଙ୍କ ମାଧ୍ୟମରେ ମୁଁ ସେହି ସ୍ୱପ୍ନ ସାକାର କରିପାରିବି ବୋଲି ଆଶା ରଖିଛି। ରାଜେଶଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଛନ୍ତି ଦୀପକ।

## ପ୍ରଥମ ସ୍ୱର୍ଣ୍ଣ ଦେଲେ ସନ୍ଦୀପ



ସ୍ୱର୍ଣ୍ଣ ପଦକ ହାସଲ ପରେ ଖୁସି ମନାଉଛନ୍ତି ସନ୍ଦୀପ ଚୌଧାରୀ।

**ଏସିଆନ୍ ପାରା ଗେମ୍ସ**

**ଜାକର୍ତ୍ତା,୮।୧୦:** ଜାଭେଲିନ ଥ୍ରୋୟର ସନ୍ଦୀପ ଚୌଧାରୀ ଚଳିତ ଏସିଆନ୍ ପାରା ଗେମ୍ସରେ ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ସୋମବାର ଅନୁଷ୍ଠିତ ଏଫ୍ ୪୨-୪୪/୬୧-୬୪ କାଟେଗୋରିରେ ସେ ଶୀର୍ଷ ସଫଳତା ପାଇଛନ୍ତି। ସେ ୩ୟ ଉଦ୍ୟମରେ ସର୍ବାଧିକ ୬୦.୧ ମିଟର ଦୂରତା ହାସଲ କରିଥିଲେ। ତାଙ୍କ ପଛକୁ ଶ୍ରୀଲଙ୍କାର ଚାମିଣ୍ଡା ସମ୍ପଥ ହେଟି ୫୯.୩୨ ମି. ପର୍ଯ୍ୟନ୍ତ ଜାଭେଲିନ ଫିଙ୍ଗି ରୌପ୍ୟ ପଦକ ପାଇଛନ୍ତି। ସେହିଭଳି ଇରାନର ଓମିଦି ଅଲି (୫୮.୯୭ ମି.) ବ୍ରୋଞ୍ଜ ପଦକ ଜିତିଛନ୍ତି। ସନ୍ଦୀପଙ୍କ ଶାରୀରିକ ଅକ୍ଷମତା ଏଫ୍ ୪୨-୪୪/୬୧-୬୪ କାଟେଗୋରିରେ ଆସୁଛି। ତାଙ୍କ ଦୁଇ ଗୋଡ଼ର ଲମ୍ବାରେ ବ୍ୟବଧାନ ରହିଛି। ସେ ଏହି ଇଭେଣ୍ଟରେ ବିନା କୃତ୍ରିମ ଗୋଡ଼ରେ ଖେଳିଥିଲେ। ପୂର୍ବରୁ ଇଭେଣ୍ଟର ଉଦ୍‌ଘାଟନୀ ଦିବସରେ ଭାରତକୁ ମୋଟ ୫ ପଦକ ମିଳିଥିଲା।

## ପୂର୍ବତନ ଇଂଲଣ୍ଡ ଅଧିନାୟକ ଜନ୍ ଟେରିଙ୍କ ଅବସର

ଲଣ୍ଡନ,୮।୧୦

ଇଂଲଣ୍ଡ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ଜନ୍ ଟେରି ରବିବାର ଅବସର ନେଇଛନ୍ତି। ୩୭ ବର୍ଷୀୟ ସେଣ୍ଟ୍ରାଲ ଡିଫେଣ୍ଡର ଏବେ ମ୍ୟାନେଜର ଭାବେ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଛନ୍ତି। କ୍ୟାରିୟରରେ ପ୍ରାୟ ସମୟ ସେ ଚେଲ୍‌ସି କ୍ଲବ ପକ୍ଷରୁ ଖେଳିଥିଲେ। ଗତ ସିଜନରେ ସେ ଆଷ୍ଟୋନ ଭିଲା କ୍ଲବର ନେତୃତ୍ୱ ନେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ତାଙ୍କୁ ବର୍ମିଂହାମ କ୍ଲବ ପକ୍ଷରୁ ମ୍ୟାନେଜିଂ ଟିମ୍‌ରେ ନିଯୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଫୁଟବଲ ଖେଳାଳି ଭାବେ ଚମକପ୍ରଦ ୨୩ ବର୍ଷ ପରେ କ୍ୟାରିୟର ଅନ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ସେ ଇଂଲଣ୍ଡ ପକ୍ଷରୁ ୭୮ ମ୍ୟାଚ୍ ଖେଳିଛନ୍ତି। ନିକଟରେ ତାଙ୍କୁ ସ୍ପାର୍ଟାକ ମସ୍କୋ କ୍ଲବ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ରୁଷିଆ ଯିବା ତାଙ୍କ ପରିବାର ଲାଗି ଉଚିତ ହେବ ନାହିଁ ବୋଲି ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଚେଲ୍‌ସି କ୍ଲବ ପକ୍ଷରୁ ମୋଟ ୭୧୭ ମ୍ୟାଚ୍ ଖେଳି ୬୭ ଗୋଲ କରିଥିଲେ। ସେ ୨୦୧୨ ଚାମ୍ପିୟନ୍ସ ଲିଗ୍ ଚାମ୍ପିୟନ ଚେଲ୍‌ସି ଦଳର ସଦସ୍ୟ ଥିଲେ।

## ଶୀର୍ଷସ୍ଥାନ ବଜାୟ ରଖିଲେ କୋହଲି, ବୁମରା

**ଦୁବାଇ, ୮।୧୦:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଯଶପ୍ରୀତ ବୁମରା ଦିନିକିଆ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। କୋହଲି ସର୍ବାଧିକ ୮୮୪ ପଏଣ୍ଟ ସହ ଦିନିକିଆ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଉପ ଅଧିନାୟକ ରୋହିତ ଶର୍ମା ୮୪୨ ପଏଣ୍ଟ ସହ ୨ୟ ସ୍ଥାନରେ ଅଛନ୍ତି। ଅନ୍ୟତମ ଓପନର ଶିଖର ଧାୱନ ଟପ୍-୧୦ ମଧ୍ୟରେ ସ୍ଥାନ ପାଇଛନ୍ତି। ସେ ୮୦୨ ପଏଣ୍ଟ ଅର୍ଜନ କରି ୫ମ ସ୍ଥାନ ଅଧିକାର କରିଛନ୍ତି। ବୋଲରଙ୍କ ମଧ୍ୟରେ ପେସର ବୁମରା ପୂର୍ବଭଳି ଶୀର୍ଷସ୍ଥାନକୁ ହାତରେ ରଖିଛନ୍ତି। ତାଙ୍କ ନିକଟରେ ସର୍ବାଧିକ ୭୯୭ ପଏଣ୍ଟ ରହିଛି। ଚାଇନାମ୍ୟାନ ସ୍ପିନର କୁଳଦୀପ ଯାଦବ (୭୦୦) ୩ୟ ସ୍ଥାନ ଅଧିକାର କରିଛନ୍ତି। ଆଫଗାନିସ୍ତାନ ଷ୍ଟାର ରସିଦ ଖାଁ(୭୮୮) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦଳଗତ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଦଳ ୧୨୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଦିନିକିଆ ସିରିଜର ଫଳାଫଳ ର୍‍ୟାଙ୍କିଙ୍ଗ୍ ଉପରେ ପ୍ରଭାବ ପକାଇବ। ଯଦି ଶୀର୍ଷରେ ଥିବା ଇଂଲଣ୍ଡ ଦୁର୍ବଳ ଶ୍ରୀଲଙ୍କାକୁ ହରାଇବାରେ ସଫଳ ହୁଏ, ତେବେ ସ୍ଥାନ ବଜାୟ ରଖିବ। ନହେଲେ ଭାରତୀୟ ଦଳ ଶୀର୍ଷସ୍ଥାନ ଅଧିକାର କରିବ।

## ସମ୍ବର୍ଦ୍ଧିତ ହେବେ ୪ କ୍ରୀଡ଼ାବିତ୍

ଭୁବନେଶ୍ୱର, ୮।୧୦(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ଶାରଦୀୟ ଦୁର୍ଗାପୂଜା ଅବସରରେ ଶହୀଦ ନଗର ଦୁର୍ଗାପୂଜା କମିଟି ପକ୍ଷରୁ ୪ ଜଣ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ। ମହାସପ୍ତମୀଠାରୁ ଏହା ଆରମ୍ଭ ହୋଇ ବିଜୟା ଦଶମୀ ପର୍ଯ୍ୟନ୍ତ ଚାଲିବ। ଏପରି ଏକ ନିଆରା ଧାରା ୨୦୦୭ରୁ କମିଟି ପକ୍ଷରୁ ପାଳନ କରାଯାଇ ଆସୁଛି। ପରମ୍ପରା ଧାରାକୁ ବଜାୟ ରଖି ଏଥର ମହାସପ୍ତମୀରେ କରାଟେକା ଅନୁପମା ସ୍ୱାଇଁ, ମହାଷ୍ଟମୀରେ ଆଥଲେଟିକ୍ କୋଚ୍ ରୂପନ୍ୱିତା ପଣ୍ଡା, ମହା ନବମୀରେ ବିସିସିଆଇ ଲେଭଲ ଅମ୍ପାୟର ଶରତ ସାହୁ ଏବଂ ଦଶମୀରେ ଓଡ଼ିଶାର ଜଣାଶୁଣା କ୍ରିକେଟର ତଥା ବର୍ତ୍ତମାନର ରଣଜୀ କୋଚ୍ ରଶ୍ମିରଞ୍ଜନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟିର ଉପଦେଷ୍ଟା ଡାକ୍ତର ଜଗନ୍ନାଥ ମହାପାତ୍ର ପ୍ରକାଶ କରିଛନ୍ତି। ଉକ୍ତ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତ୍ୟହ ସନ୍ଧ୍ୟା ଆଳତି ପରେ ପୂଜା ମଣ୍ଡପରେ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଛନ୍ତି। ଶାରଦୀୟ ପୂଜା ଉତ୍ସବକୁ ଅଧିକ ଆକର୍ଷକ କରିବା ପାଇଁ ମା'ଙ୍କର ତାରକସି ରୁପାମେଢ଼ ସହ ଏକ ସୁନ୍ଦର ତୋରଣ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସୁପ୍ରିମକୋର୍ଟଙ୍କ କଟକଣା ଯୋଗୁ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ଗତ ଦୁଇ ବର୍ଷ ଧରି ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇପାରୁନାହିଁ। ତେଣୁ ଦର୍ଶକଙ୍କୁ ଭିନ୍ନ ଉପାୟରେ ଆକୃଷ୍ଟ କରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଛୁ ବୋଲି କମିଟିର ସାଧାରଣ ସମ୍ପାଦକ ନାରାୟଣ ମହାପାତ୍ର କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ପଙ୍କଜ ପଟ୍ଟନାୟକ, କୋଷାଧ୍ୟକ୍ଷ ହରିଶ୍ ପ୍ରସାଦ ରଥ ଏବଂ ଶହୀଦନଗରର ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଇନା, ସିନ୍ଧୁ, ମାରିନ ଦାମୀ ଖେଳାଳି

**ପିବିଏଲ ନିଲାମି**



ପି.ଭି. ସିନ୍ଧୁ    ସାଇନା ନେହ୍ୱାଲ

ନୂଆଦିଲ୍ଲୀ, ୮।୧୦ (ପି.ଟି.)

ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ୍)ର ଚତୁର୍ଥ ସିଜନ ପାଇଁ ଲାଗି ଏଠାରେ ସୋମବାର ଖେଳାଳି ନିଲାମ ଅନୁଷ୍ଠିତ ହୋଇଯାଇଛି। ଯାହା ଆଶ କରାଯାଉଥିଲା ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ ଓ ବିଶ୍ୱ ଚାମ୍ପିୟନ ସ୍ପେନର କାରୋଲିନା ମାରିନଙ୍କ ଚାହିଦା ଅଧିକ ରହିଥିଲା। ଏହି ଖେଳାଳିମାନେ ପ୍ରତ୍ୟେକ ସର୍ବାଧିକ ୮୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି। ଅନ୍ୟପକ୍ଷରେ ଅଣ ଆଇକନ ଭାରତୀୟ ଖେଳାଳି ହିସାବରେ ଉଦୀୟମାନ ଡବଲ୍ସ ଷ୍ଟାର ଖେଳାଳି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ସବୁଠାରୁ ଅଧିକ ୫୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି, ଯାହାକି କଳ୍ପନା ବାହାରେ ଥିଲା। ୨୦୧୫ ପରେ ପ୍ରଥମ ଥର ସମସ୍ତ ଖେଳାଳି ଅକ୍ସନ ପୁଲ୍‌କୁ ଫେରିଥିଲେ। କୌଣସି ଟିମ୍ ରାଇଟ୍ ଟୁ ମ୍ୟାଚ୍ (ଆରଟିଆଇ) କାର୍ଡର ସହାୟତା ନେଇ ନ ଥିଲେ। କାରଣ ଟିମ୍‌ଗୁଡ଼ିକ ଆଇକନ ଖେଳାଳିଙ୍କ ବ୍ୟତୀତ ଉପଯୁକ୍ତ କମ୍ବିନେଶନକୁ ଗୁରୁତ୍ୱ ଦେଇଥିଲେ।

ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ସହଯୋଗରେ ଭୋଡାଫୋନ୍ ପିବିଏଲ୍‌ର ଚତୁର୍ଥ ସିଜନ ଆୟୋଜନ କରୁଛି। ଏହା ଡିସେମ୍ବର ୨୨ରୁ ମୁମ୍ବାଇଠାରେ ଆରମ୍ଭ ହୋଇ ଜାନୁୟାରୀ ୧୩ରେ ବେଙ୍ଗାଲୁରୁଠାରେ ଶେଷ ହେବ। ଚଳିତ ବର୍ଷ ପୁଣେ-୭ ଆସେସକୁ ୯ମ ଦଳ ଭାବେ ପ୍ରତିଯୋଗିତାରେ ସାମିଲ କରାଯାଇଛି। ଅଭିନେତ୍ରୀ ତପସୀ ପାନୁ ଏହି ଟିମ୍‌ର ମାଲିକାଣୀ ଅଛନ୍ତି।

ନନ୍-ଆଇକନ ଖେଳାଳି ହିସାବରେ ଇଣ୍ଡୋନେସିଆର ଟମ୍ମି ସୁଗିଆର୍ତ୍ତୋ ସବୁଠାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଡାଲମିଆ ସିମେଣ୍ଟ ଗ୍ରୁପ୍‌ର ମାଲିକାନାରେ ରହିଥିବା ଦିଲ୍ଲୀ ଡ୍ୟାଶର୍ସ ତାଙ୍କୁ ୭୦ଲକ୍ଷ ଟଙ୍କାରେ କ୍ରୟ କରିଛି। ବିଶ୍ୱର ଏହି ୧୧ ନମ୍ବର ଖେଳାଳିଙ୍କୁ ତାଙ୍କ ବେସ୍ ପ୍ରାଇସ୍ ୪୦ ଲକ୍ଷ ଟଙ୍କାଠାରୁ ଅଧିକ ମୂଲ୍ୟ କ୍ରୟ କରିବା ଲାଗି ଦିଲ୍ଲୀ ବ୍ୟତୀତ ଅନ୍ୟ ଦୁଇଟି ଫ୍ରାଞ୍ଚାଇଜ୍ ମଧ୍ୟ ଆଗ୍ରହ ପ୍ରକାଶ କରିଥିଲେ। ଆଇକନ ଖେଳାଳି ମାରିନ ଓ ସିନ୍ଧୁଙ୍କୁ ନେବା ଲାଗି ଅଧିକାଂଶ ଟିମ୍ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ। ୪ଟି ଟିମ୍ ସେମାନଙ୍କୁ ୮୦ଲକ୍ଷ ଟଙ୍କା ଲେଖାଏଁ ଦେଇ କ୍ରୟ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ଫଳରେ ଉଠାଣ କରିବା ପଡ଼ିଥିଲା। ଗତ ବର୍ଷ ହାଇଦ୍ରାବାଦ ହଣ୍ଟର୍ସକୁ ଟାଇଟଲ ଜିତାଇବାରେ ମାରିଅନଙ୍କ ବିଶେଷ ଭୂମିକା ରହିଥିଲା। ଏଥର କିନ୍ତୁ ତାଙ୍କୁ ପୁଣେ-୭ ଆସେସ୍ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିବାକୁ ପଡ଼ିବ। ସିନ୍ଧୁ ହାଇଦ୍ରାବାଦ ହଣ୍ଟର୍ସ ତରଫରୁ ଖେଳିବେ। ସେହିପରି ସାଇନା ନର୍ଥ-ଇଷ୍ଟର୍ନ ୱାରିୟର୍ସରୁ ପ୍ରତିନିଧିତ୍ୱ କରିବେ।

ନିଲାମରେ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଉଦୀୟମାନ ଡବଲ୍ସ ଖେଳାଳି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କର ଚାହିଦା ରହିଥିଲା। ବିଡ୍‌ରେ ହାଇଦ୍ରାବାଦ ହଣ୍ଟର୍ସକୁ ପଛରେ ପକାଇ ପଦ୍ମନାଭ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍ ମାଲିକାନାରେ ଥିବା ଅହମ୍ମଦାବାଦ ସ୍ମାଶ ମାଷ୍ଟର୍ସ ଏହି ଖେଳାଳିଙ୍କୁ କ୍ରୟ କରିଥିଲା। ଏହି ଖେଳାଳିଙ୍କ ବେସ୍ ପ୍ରାଇସ୍ ୧୫ ଲକ୍ଷ ଟଙ୍କା ରହିଥିବା ବେଳେ ସେ ୫୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲେ। ଅନ୍ୟ ଆଇକନ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଭିକ୍ଟର ଏକ୍ସେଲେସେନ ଅହମ୍ମଦାବାଦ ସ୍ମାଶ ମାଷ୍ଟର୍ସ ତରଫରୁ ପ୍ରତିନିଧିତ୍ୱ କରିବାକୁ ଥିବାବେଳେ କିଡାମ୍ବି ଶ୍ରୀକାନ୍ତ (୮୦ ଲକ୍ଷ ଟଙ୍କା) ବେଙ୍ଗାଲୁରୁ ରାପ୍ଟର୍ସ ଏବଂ ଏଚ୍. ଏସ୍. ପ୍ରଣୟ ଦିଲ୍ଲୀ ଡ୍ୟାସର୍ସ ତରଫରୁ ଖେଳିବେ। କୋରିଆର ସଙ୍ଗ୍ ଜୀ ହ୍ୟୁନ୍ ଚେନ୍ନାଇ ସ୍ମାସର୍ସର ଆଇକନ ଖେଳାଳି ହୋଇଛନ୍ତି। ଏହି ଦଳରେ ଇଂଲଣ୍ଡର ମିକ୍ସଡ ଡବଲ୍ସ ଯୋଡ଼ି କ୍ରିସ୍ ଓ ଗ୍ୟାବି ଆଡ୍‌କକ୍ ସେମାନଙ୍କ ସ୍ଥାନ ବଜାୟ ରଖିବଛନ୍ତି। ଟିମ୍ ଖେଳାଳି ଦ୍ୱୟଙ୍କୁ ଯଥାକ୍ରମେ ୫୪ ଲକ୍ଷ ଓ ୩୬ ଲକ୍ଷ ଟଙ୍କା ଦେବ। ହାଇଦ୍ରାବାଦ ହଣ୍ଟର୍ସ ଏହାର ଡବଲ୍ସ ଟିମ୍‌କୁ ଶକ୍ତିଶାଳୀ କରିବାକୁ ଚାହିଁଥିଲା। କୋରିଆର ମିକ୍ସଡ ଡବଲ୍ସ ସ୍ପେସାଲିଷ୍ଟ ଇଓମ ହିଏ ଓନ୍‌ଙ୍କ ବେସ୍ ପ୍ରାଇସ୍ ୭ଲକ୍ଷ ଟଙ୍କା ଥିବା ସତ୍ତ୍ୱେ ତାଙ୍କୁ ୩୦ଲକ୍ଷ ବିନିମୟରେ ନେଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARK OF QUALITY & TRUST
P.C.CHANDRA MORE THAN GOLD GROUP
More Than 22 Karat Purity Gold At 22 Karat Price
Festive Offer
1st-15th October, 2018
₹1,500* OFF
ପ୍ରତି 10g ସୁନା ଗହଣାର ମଜୁରି ଉପରେ
7% Discount
ହୀରା ଓ ଅନ୍ୟାନ୍ୟ ମୂଲ୍ୟବାନ ରତ୍ନ ଉପରେ
ପୁରୁଣା ସୁନା ଗହଣା ବଦଳରେ, ନେଇ ଯାଆନ୍ତୁ ନୂତନ ସୁନା
CALCUTTA'S LEADING JEWELLER
SINCE 1939
P. C. CHANDRA JEWELLERS ®
A jewel of jewels
ସର୍ତ୍ତାବଳୀ ପ୍ରଯୁଜ୍ୟ । *ଏହି ଅଫର୍ କେବଳ ଆମର ଭୁବନେଶ୍ୱର ଶୋରୁମ୍ ପାଇଁ ବୈଧ । ଦେଶରେ ଆମର ଅନ୍ୟାନ୍ୟ ଶୋରୁମ୍‌ରେ ଭିନ୍ନ ଅଫର୍ ରହିଛି ।
BHUBANESWAR SHOWROOM
Shop No. 1A, Plot No. 501, Narula Market Complex, Sriya Square, Kharvela Nagar
Janpath, Unit 3, Bhubaneswar 751001, Tel: (0674) 2380888
44 SHOWROOMS ACROSS INDIA
Kolkata and other West Bengal showrooms | Delhi | Bengaluru | Agartala | Jamshedpur | Noida | Mumbai
pcchandraindiaonline.com | amazon |
Follow us on /pcchandrajewellersindia
GET IT ON Google Play
Download Now
+918010700400
(Monday-Saturday)
BATES CHI & PARTNERS/298


MARUTI SUZUKI
COMMERCIAL
ଉନ୍ନତିର ଦମଦାର ସାଥୀ
ମାରୁତି ସୁଜୁକିର ଭରସା ଆଉ ସୁପର କ୍ୟାରୀ ସହିତ, ବଢ଼ିବ ଖୁସିର ଗତି ।
SUPER CARRY
TURBO
Also Available in CNG
ଦମଦାର ଇଞ୍ଜିନ୍ (24 kw@3500 rpm)
22.07** km/l ସୁନ୍ଦର ମାଇଲେଜ୍
kg ବଡ଼ ଏବଂ ଷ୍ଟେବଲ ଡେକ୍
ସହଜ ହ୍ୟାଣ୍ଡଲିଙ୍ଗ୍
ଆପଣଙ୍କର ସୁରକ୍ଷା, ଭରଷା ମାରୁତି ସୁଜୁକିର
ବହୁତ ଆରାମଦାୟକ
SUPER CARRY
ଗୋଟିଏ ଦମଦାର ମିନି ଟ୍ରକ
Attractive Consumer Offer and Exchange Bonus
Special Offer for all Maruti Car Owners, Farmers, Commercial Vehicle Owners & IFFCO Society Members
For Institutional Sales / Bulk Deal / GeM enquiries, please email at ramakrushna.panda@maruti.co.in
ANGUL
ODYSSEY MOTORS PVT LTD.
Near Cineplex, NH 55, Kandasar, Angul,
Ph: 6370702436
BALASORE
JYOTE MOTORS ( BALASORE) PVT. LTD.
Januganj, Remuna, Balasore,
Ph: 8338033992
BHUBANESWAR
JYOTE MOTORS PVT. LTD.
Near Sai Temple, Cuttack Puri By Pass Road,
Ph: 8338033990
CUTTACK
NARAYANI MOTORS PVTLTD.
Nirgundi, Tangi, Cuttack,
Ph: 8338033999
ROURKELA
ORBIT MOTORS PVT. LTD.
Near Pahadi Bar, Besides Bharat Petrol Pump, Vedvyas,
Ph: 9437007440, 7064491481
**Fuel Efficiency as certified by test agency under rule 115 of the CMVR, 1989. *Terms and conditions apply. Pictures used are for creative visualization. Car colour and accessories shown may vary from the actual product.